


କାନାଡ଼ା ପ୍ରଧାନମନ୍ତ୍ରୀ
ଜଷ୍ଟିନ ଟ୍ରୁଡୋଙ୍କ ଇସ୍ତଫା
▸ପୃଷ୍ଠା ୬ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-192 •BHUBANESWAR •TUESDAY •7 JANUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୧୯୨ •ଭୁବନେଶ୍ୱର •ମଙ୍ଗଳବାର •୭ ଜାନୁଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦


## ‘ଡବଲ ଇଞ୍ଜିନ’କୁ ନବୀନଙ୍କ କଟାକ୍ଷ

# ରାଜ୍ୟରେ ମହଙ୍ଗା ମାଡ଼ ସରକାର



## ଟ୍ରେଲର୍‌ରେ ଗୋଲାପୀ ଚିତ୍ର ଦେଖାଇ ବିଜେପି ରିଲିଜ୍ କଲା ‘ଏମ୍‌ଏମ୍ ସରକାର’

- ଲମ୍ବା ଭାଷଣ ଦେଉଛନ୍ତି; ରାଜ୍ୟ ବିକାଶ କାମ ଶୂନ୍
- ଲୋକେ ତଳିତଳାନ୍ତ; ସରକାର ଆତ୍ମପ୍ରଚାରରେ ବ୍ୟସ୍ତ
- ଚାଷୀ ଓ ମା’ କାନ୍ଦୁଛନ୍ତି; ସରକାରଙ୍କୁ କୁମ୍ଭକର୍ଣ୍ଣ ନିଦ
- ମିଛୁଆ ସରକାରର ଚେହେରା ଖୋଲିଦେବେ ଓଡ଼ିଶାବାସୀ

■ **ଭୁବନେଶ୍ୱର, ୬।୧ (ସମିସ):** ନିର୍ବାଚନ ପ୍ରଚାର ସମୟରେ ବିଜେପି ରାଜ୍ୟବାସୀଙ୍କୁ ବିକାଶର ଗୋଲାପୀ ଚିତ୍ରର ଟ୍ରେଲର୍ ଦେଖାଇଲା; କିନ୍ତୁ ସରକାର ଗଢ଼ିବା ପରେ ଏମ୍‌ଏମ୍ ସରକାର ଫିଲ୍ମ ରିଲିଜ୍ କଲା। ରାଜ୍ୟରେ ସଂପ୍ରତି ଏମ୍‌ଏମ୍ (ମହଙ୍ଗା ମାଡ଼) ସରକାର ଚାଲିଛି। ରାଜ୍ୟର ବିକାଶ ପରିବର୍ତ୍ତେ ଏ ସରକାର ଲୋକଙ୍କୁ ଡବଲ ମାଡ଼ ଦେଇ ଚାଲିଛି। ଏକ ପକ୍ଷରେ ଦରବୃଦ୍ଧି, ଏହା ଉପରେ ଜିଏସ୍‌ଟି ମାଡ଼। ସାଧାରଣ ଲୋକମାନେ ତ୍ରାହିତ୍ରାହି ଡାକିଲେଣି, ତଳିତଳାନ୍ତ ହେଲେଣି। ମାତ୍ର ନିଜ ଆତ୍ମପ୍ରଚାରରେ ବ୍ୟସ୍ତ ସରକାରର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ। ଆଜି ଏପରି ଢଙ୍ଗରେ ରାଜ୍ୟ ସରକାରଙ୍କୁ କଟାକ୍ଷ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପ୍ରତିବାଦ ଓ ଡବଲ ଇଞ୍ଜିନ ସରକାରର ବିଫଳତା ବିରୋଧରେ ସୋମବାର ସ୍ଥାନୀୟ ଲୋୟର ପିଏମ୍‌ଜିରେ ବିଜେଡିର ଗଣସମାବେଶରେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ କହିଛନ୍ତି ଯେ ମିଛ କଥା କହି, ମିଛ ପ୍ରତିଶ୍ରୁତି ▸ପୃଷ୍ଠା-୭

## ଭାରତରେ ଏଚ୍‌ଏମ୍‌ପିଭି



- ଦିନକରେ ୬ ରୋଗୀ ଚିହ୍ନଟ, ଭୂତାଣୁ ସଂକ୍ରମିତ ସମସ୍ତେ ଶିଶୁ
- କର୍ଣ୍ଣାଟକରେ ମାସ୍କ ବ୍ୟବହାର କରିବାକୁ ପରାମର୍ଶ
- ଏଚ୍‌ଏମ୍‌ପିଭି ପୁରୁଣା ରୋଗ; ଭୟର କାରଣ ନାହିଁ: କେନ୍ଦ୍ର

■ **ନୂଆଦିଲ୍ଲୀ, ୬।୧ (ଏଜେନ୍ସି):** ଚୀନ୍‌ରେ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିବା ହ୍ୟୁମାନ ମେଟାନ୍ୟୁମୋଭାଇରସ (ଏଚ୍‌ଏମ୍‌ପିଭି) ରୋଗୀ ଭାରତରେ ଚିହ୍ନଟ ହୋଇଛନ୍ତି। ଆଜି (ସୋମବାର) ଗୋଟିଏ ଦିନରେ ୬ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଏମାନେ ସମସ୍ତେ ଶିଶୁ ବୋଲି ଜଣାପଡ଼ିଛି। କର୍ଣ୍ଣାଟକେର ୨ ଜଣ ଶିଶୁ ଚିହ୍ନଟ ହୋଇଥିବା ବେଳେ, ଅହମଦାବାଦରେ ଜଣେ, ପଶ୍ଚିମବଙ୍ଗର ଜେଣ ▸ପୃଷ୍ଠା-୭

## ରାୟଗଡ଼ା ରେଳ ଡିଭିଜନ ଭବନର ଶିଳାନ୍ୟାସ



- ଦକ୍ଷିଣ ଓଡ଼ିଶାରେ ପର୍ଯ୍ୟଟନ ଓ ରୋଜଗାରକୁ ମିଳିବ ପ୍ରୋତ୍ସାହନ: ପ୍ରଧାନମନ୍ତ୍ରୀ
- ସାରା ଦକ୍ଷିଣ ଓଡ଼ିଶାର ରେଳ ଭିତ୍ତିଭୂମିରେ ଆସିବ ଉନ୍ନତି: ମୁଖ୍ୟମନ୍ତ୍ରୀ
- ରେଳ ମଣ୍ଡଳ ଭବନ ନିର୍ମାଣ ପାଇଁ ଖର୍ଚ୍ଚ ହେବ ୧୦୬ କୋଟି ଟଙ୍କା

■ **ଭୁବନେଶ୍ୱର, ୬।୧ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଭିଡିଓ କନଫରେନ୍ସିଂ ଜରିଆରେ ରାୟଗଡା ରେଳ ଡିଭିଜନ ଭବନର ଶିଳାନ୍ୟାସ କରିଛନ୍ତି। ଏହାସହ ଦେଶର ବିଭିନ୍ନ ରେଳ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ ନୂତନ ଜାମ୍ମୁ ରେଳ ଡିଭିଜନ ଏବଂ ତେଲଙ୍ଗାନାରେ ଚାରଲାପଲ୍ଲୀ ନୂତନ ଟର୍ମିନାଲ ଷ୍ଟେସନର ଉଦଘାଟନ ସାମିଲ ରହିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପ୍ରଚୁର ପ୍ରାକୃତିକ ସମ୍ପଦ ଏବଂ ଏକ ବିଶାଳ ▸ପୃଷ୍ଠା-୭

## ବିମାନବନ୍ଦରରୁ ୧୦ କୋଟିର ମାରିଜୁନା ଜବତ

■ **ଭୁବନେଶ୍ୱର, ୬।୧ (ସମିସ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଆଜି ସୀମା ଶୁଳ୍କ (କଷ୍ଟମ) ବିଭାଗ ପାଖାପାଖି ୧୦ କୋଟି ଟଙ୍କାର ମାରିଜୁନା ଜବତ କରିବା ସହ ଦୁଇ ମହିଳାଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୯.୫୨୪ କେଜି ମାରିଜୁନା (ଗଞ୍ଜେଇ ଜାତୀୟ) ଜବତ ହୋଇଛି। ଗତ ୪ ତାରିଖରେ ୨ଜଣ ଭାରତୀୟ ଯାତ୍ରୀ କ୍ୱାଲାଲମ୍ପୁରରୁ ବିମାନରେ ଆସି ଭୁବନେଶ୍ୱରରେ ଓହ୍ଲାଇଥିଲେ। ସେମାନଙ୍କ ହାବଭାବ ଉପରେ ସନ୍ଦେହ ହେବାରୁ ବ୍ୟାଗ୍‌କୁ ବିମାନବନ୍ଦରରେ ଯାଞ୍ଚ କରାଯାଇଥିଲା। ଉକ୍ତ ବ୍ୟାଗ୍‌ରୁ ୧୯ଟି ପ୍ୟାକେଟ୍‌ରେ ଥିବା ସବୁଜ ରଙ୍ଗର ▸ପୃଷ୍ଠା-୭

**ଦୁଇ ମହିଳା ଯାତ୍ରୀ ଗିରଫ**






ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ଇତିହାସ

- ୧୭୮୨-ପ୍ରଥମ ଆମେରିକୀୟ ବାଣିଜ୍ୟିକ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା'ର ଆରମ୍ଭ।
- ୧୯୪୭- ଲେଖିକା ଶୋଭା ଦେ'ଙ୍କ ଜନ୍ମ।
- ୧୯୯୯-ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଲା।
- ୨୦୧୪- ଶେଖ୍ ହସିନା ବାଂଲାଦେଶରେ ସାଧାରଣ ନିର୍ବାଚନ ଜିତିଲେ।
- ୨୦୧୫- ପ୍ୟାରିସ୍‌ରେ ଦୁଇଜଣ ବନ୍ଧୁକଧାରୀ 'ଚାର୍ଲି ଆବ୍‌ଡୋ' ପତ୍ରିକାର କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏଥିରେ ୧୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ଅନନ୍ୟ ପରିବାର

## ସଉକରେ ପାଳନ୍ତି ମହୁମାଛି

ସାଧାରଣତଃ ଲୋକେ ଘରେ କୁକୁର, ବିଲେଇ ପାରା ଆଦି ପାଳିଥାନ୍ତି। କିଛି ଜଣଙ୍କର ବିଲେଇ ଓ କୁକୁର ପାଳିବା ସଉକ ରହିଥାଏ ମଧ୍ୟ। ହେଲେ କେହି କେବେ ଘରେ ମହୁମାଛି ପାଳିଥିବା ଶୁଣି ନ ଥିବେ। ଏମିତି ଦୁଃସାହସିକ କାମ କରିଦେଖାଉଛନ୍ତି ଉତ୍ତରାଖଣ୍ଡ ନୈନିତାଲ ଜିଲ୍ଲା, ରାମନଗରର ପ୍ରସିଦ୍ଧ ହନୁମାନ ଧାମ ନିକଟରେ ରହୁଥିବା ଦାନୀ ପରିବାର। ଏହି ପରିବାରର ଲୋକମାନେ ମହୁ ପାଇବା ଆଶାରେ ମହୁମାଛି ପାଳୁଛନ୍ତି ତାହା ନୁହେଁ, ମହୁମାଛି ପାଳିବା ଏମାନଙ୍କର ସଉକ। ସାଧାରଣତଃ ଗାଁ ଗହଳିରେ ବଡ଼ ବଡ଼ ଗଛମାନଙ୍କରେ ମହୁମାଛି ବସା କରିଥାନ୍ତି। ହେଲେ କୌଣସି କାରଣରୁ ମହୁଫେଣା ଭାଙ୍ଗିଗଲେ ମହୁମାଛିଗୁଡ଼ିକ ମଣିଷକୁ ଆକ୍ରମଣ କରିଥାନ୍ତି। ଏହାଜାଣି ମଧ୍ୟ ୬୫ ବର୍ଷୀୟ ହରଗୋବିନ୍ଦ ଦାନୀ ଓ ତାଙ୍କ ପରିବାର ଲୋକ ଦୀର୍ଘ ୧୨ ବର୍ଷ ଧରି ମହୁମାଛି ପାଳନ କରିଆସୁଛନ୍ତି। ଛୋଟ ପିଲା ପରି ପରିବାରର ପ୍ରତ୍ୟେକ ସଦସ୍ୟ ମହୁମାଛିକୁ ଭଲପାଆନ୍ତି, ଆଦର କରନ୍ତି। ସମାନ ଢଙ୍ଗରେ ମହୁମାଛିମାନେ ଦାନୀ ପରିବାରକୁ ଏପରି ଭଲ ପାଇଯାଇଛନ୍ତି ଯେ, କେବେ କାହାକୁ ଆଘାତ ଦେଇ ନାହାଁନ୍ତି। ପରିବାରରେ ଛୋଟ ଛୋଟ ପିଲାମାନେ ମହୁମାଛିକୁ ହାତରେ ଧରି ଉଡ଼ାଇବା ସହ ସେମାନଙ୍କ ସହ ଖେଳିଥାନ୍ତି। ମହୁମାଛି ପିଲାଙ୍କ ଉପରେ ବସିଲେ ବି ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ। ହେଲେ କେହି ବାହାର ଲୋକ ଯଦି ହରଗୋବିନ୍ଦଙ୍କ ଘରକୁ ଆସି ମହୁମାଛିଙ୍କ ସହ ଲାଗନ୍ତି, ତା'ହେଲେ ମହୁମାଛିମାନେ ସେମାନଙ୍କୁ ଆକ୍ରମଣ କରନ୍ତି। ହରଗୋବିନ୍ଦଙ୍କ କହିବାନୁସାରେ, ୧୨ ବର୍ଷ ପୂର୍ବରୁ ୪ରୁ ୫ଟି ମହୁମାଛି ଆପେ ଆପେ ତାଙ୍କ ଘରକୁ ଆସିଥିଲେ। ମହୁମାଛି ରହିବାକୁ ସେ ପେଟି ବନ୍ଦୋବସ୍ତ କରିଥିଲେ, ସେବେଠୁ ଏଯାବତ୍



ତାଙ୍କ ରୋଷେଇ ଘର ଉପରେ ହଜାର ସଂଖ୍ୟାରେ ମହୁମାଛି ରହୁଛନ୍ତି। ସେ ଯେତେବେଳେ ଘରୁ ବାହାରକୁ ଯାଆନ୍ତି, ମହୁମାଛି ତାଙ୍କ ପଛେ ପଛେ ଯାଆନ୍ତି। ତେଣୁ ମହୁମାଛିଙ୍କୁ ଖାଦ୍ୟ ଯୋଗାଇବାକୁ ହରଗୋବିନ୍ଦ ମଧ୍ୟ ନିଜ ବଗିଚାରେ ଅଧିକ ସଂଖ୍ୟକ ଫୁଲଗଛ ଲଗାଇଛନ୍ତି। ହରଗୋବିନ୍ଦଙ୍କ ପରିବାର କେବେ ବି ମହୁମାଛିରୁ ମହୁ ସଂଗ୍ରହ କରନ୍ତିନି। ହରଗୋବିନ୍ଦଙ୍କ ପୁଅ ପ୍ରକାଶ ଚନ୍ଦ୍ର କୁହନ୍ତି, ଏହି ମହୁମାଛିମାନେ ପରିବାର ଲୋକଙ୍କ କିଛି କ୍ଷତି କରନ୍ତିନି। ଘରେ କେହି ନ ଥିଲେ ଏମାନେ ଘରକୁ ଜଗନ୍ତି। କେବଳ ସେତିକି ନୁହେଁ, ମହୁ ଚୋରାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ମହୁମାଛି ଉଚିତ ଦଣ୍ଡ ଦେଇଥାନ୍ତି ବୋଲି କୁହନ୍ତି ପ୍ରକାଶ। ତେବେ ରାମନଗର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ସହକାରୀ ପ୍ରଫେସର ଡା. ଶଙ୍କର ମଣ୍ଡଳଙ୍କ କହିବା ଅନୁସାରେ, ପ୍ରତ୍ୟେକ ଲୋକଙ୍କ ଶରୀରର ଭିନ୍ନ ଗନ୍ଧ ରହିଥାଏ। ତେଣୁ ଦାନୀ ପରିବାରରେ ରହୁଥିବା ମହୁମାଛିମାନେ ଏହି ପରିବାର ଲୋକଙ୍କ ଗନ୍ଧକୁ ବେଶ୍ ଭଲ ଭାବେ ଚିହ୍ନି ଯାଇଛନ୍ତି। ସେମାନଙ୍କ ଗନ୍ଧରେ ମହୁମାଛିମାନେ କୌଣସି ବିପଦ ଅନୁଭବ କରନ୍ତିନି। ଖାସ୍ ଏହି କାରଣରୁ ପରିବାର ସଦସ୍ୟଙ୍କୁ ମହୁମାଛିମାନେ କାମୁଡ଼ୁ ନାହାନ୍ତି।



## 'ଧୁରନ୍ଧର' ସେଟ୍‌ରୁ ଫଟୋ ଲିକ୍

ବଲିଉଡ୍ ଅଭିନେତା ରଣବୀର ସିଂହ ତାଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହି ଫିଲ୍ମର ସୁଟିଂ ସେଟ୍‌ରୁ କିଛି ଫଟୋ ଲିକ୍ ହୋଇଛି। ସାମାଜିକ ଗଣମାଧ୍ୟମରେ ଏହି ଫଟୋଗୁଡ଼ିକ ବେଶ୍ ଭାଇରାଲ ହେଉଛି। ରଣବୀରଙ୍କ ଏହି ଲୁକ୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହାପୂର୍ବରୁ ଅନ୍ୟ କୌଣସି ଫିଲ୍ମରେ ରଣବୀରଙ୍କୁ ଏପରି ବେଶଭୂଷାରେ ଦେଖାଯାଇ ନାହିଁ। ତେବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଗୋଟିଏ ଫଟୋରେ ରଣବୀର ମୁଣ୍ଡରେ ପଗଡ଼ି ବାନ୍ଧି ସୁଟ୍‌ବୁଟ୍‌ରେ ନଜର ଆସିଛନ୍ତି। ତାଙ୍କ ମୁହଁରେ ଆଘାତ ଚିହ୍ନ ମଧ୍ୟ ରହିଛି। ସେହିଭଳି ଅନ୍ୟ ଏକ ଫଟୋରେ ସେ ଲମ୍ବା ଦାଢ଼ି ଓ କେଶ ରଖିବା ସହ କୁର୍ତ୍ତା ପାଇଜାମା ପିନ୍ଧିଛନ୍ତି। ତେବେ କିଛି ଦର୍ଶକ ରଣବୀର 'ଆନିମଲ'ର ସିନ୍ ଓ ଲୁକ୍‌କୁ କପି କରିଥିବା କଥା କହିଛନ୍ତି। ସେହିଭଳି ଆଉ କିଛି ଜଣ ରଣବୀର 'ଲାଲ୍ ସିଂହ ଚଡ୍ଢା'ର ଅମିର୍ ଖାନ୍‌ଙ୍କ ଲୁକ୍‌କୁ କପି କରିଥିବା କଥା କୁହାଯାଉଛି। 'ଧୁରନ୍ଧର'ରେ ରଣବୀର ଜଣେ 'ର' ଏଜେଣ୍ଟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମରେ ରଣବୀରଙ୍କ ସହ ଅକ୍ଷୟ ଖାନ୍ନା, ଆର୍. ମାଧବନ୍, ଅର୍ଜୁନ୍ ରାମପାଲ, ସଞ୍ଜୟ ଦତ୍ତ ଲିଡ୍ ରୋଲରେ ନଜର ଆସିବେ।



## ଅନ୍ତିମ ବିଦାୟବେଳେ ମନୋରଞ୍ଜନ କାର୍ଯ୍ୟକ୍ରମ



ସାଧାରଣତଃ ପରିବାରରେ କେହି ଜଣେ ଚାଲିଗଲେ, ଘରେ ପୂରା ଶୋକାକୁଳ ପରିବେଶ ଛାଇଯାଏ। କାନ୍ଦବୋବାଳି ପଡ଼ିଯାଏ। ହେଲେ ତାମିଲନାଡୁର ମଦୁରାଇ, ଉସିଲାମପଟ୍ଟିସ୍ଥିତ ଏକ ମନ୍ଦିରର ପୂଜକ ପରମଥଦେବରଙ୍କ ୯୬ ବର୍ଷୀୟା ପତ୍ନୀ ନାଗମ୍ମାଲଙ୍କ ମୃତ୍ୟୁରେ ତାଙ୍କ ପରିବାର ପକ୍ଷରୁ ଏମିତି କିଛି କରାଯାଇଥିଲା, ଯାହା ଏବେ ସମସ୍ତଙ୍କୁ ଚକିତ କରିଛି। ବୟସାଧିକ କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ନାଗମ୍ମଲ ତାଙ୍କ ଶେଷକୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୁଃଖ ନ କରି ଆନନ୍ଦର ସହ ନାଚଗୀତ କରିବାକୁ କହିଥିଲେ। ନାଗମ୍ମଲଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ଏବେ ତାଙ୍କର ଦୁଇ ପୁଅ, ଚାରି ଝିଅ, ୭୮ ନାତିନାତୁଣୀ ଅଛନ୍ତି। ସେହିଭଳି ନାଗମ୍ମଲଙ୍କ ଅନ୍ତିମ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ପରିବାର ଲୋକଙ୍କ ପକ୍ଷରୁ ନାଚଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପରିବାର ସଦସ୍ୟଙ୍କ ସହ ଗ୍ରାମବାସୀମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଗାଁର କେତେକ ପିଲାଙ୍କ ସହ ନାତି ନାତୁଣୀମାନେ ଲୋକକଳା ପ୍ରଦର୍ଶନ କରିବା ସହ ମହିଳାମାନେ ତାମିଲନାଡୁର ଲୋକପ୍ରିୟ ଲୋକନୃତ୍ୟ କୁମି ପ୍ରଦର୍ଶନ କରିଥିଲେ। ଗାଁର ଅନ୍ତିମ ସଂସ୍କାର କାର୍ଯ୍ୟଟି ଏକ ମେଳାରେ ପରିଣତ ହୋଇଥିଲା। ନାଗମଲ୍ଲଙ୍କ ଶବ ଚାରିପଟେ ମହିଳାମାନେ ହସିହସି ନୃତ୍ୟ କରୁଥିବାର ଦେଖାଯାଇଥିଲା। ତାଙ୍କ ନାତି ନାତୁଣୀ ଓ ଅଣନାତି ନାତୁଣୀ ପାରମ୍ପରିକ ଗୀତ ବୋଲିବା ସହ ତାଙ୍କ ଅନ୍ତିମ ବିଦାୟ ବେଳକୁ ଉତ୍ସବ ଭଳି ପାଳିଥିଲେ।

## ସାତ ଦିନରେ ତିଆରିଲେ ମିନି ଡିଜେ

ଉତ୍ତର ପ୍ରଦେଶର ବହରାଇଚ ଜନପଦର ଗୁଲାମ ଅଲୀପୁରାରେ ରହୁଥିବା ଦୁଇ ଜଣ ଯୁବକ ୟୁଟ୍ୟୁବ୍ ଭିଡିଓ ଦେଖି ମିନି ଡିଜେ ତିଆରି କରିଛନ୍ତି। ଯାହାକି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ଡିଜେରେ ଲାଇଟ୍, ମିକ୍ସର ଏବଂ ଅନ୍ୟାନ୍ୟ ସୁବିଧା ଅଛି। ତେବେ ଏହାକୁ ତିଆରି କରିବା ପାଇଁ ସେମାନଙ୍କୁ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। କେବଳ ସେତିକି ନୁହେଁ, ସାତ ଦିନରେ ସେମାନେ ଏହି ଡିଜେକୁ ତିଆରି କରିବାରେ ସଫଳତା ଲାଭ କରିଛନ୍ତି। ତାଙ୍କର ଏହି ଉପଲବ୍ଧି ଏବେ ଚାରିଆଡ଼େ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ତେବେ ନବମ ଶ୍ରେଣୀରେ ପଢୁଥିବା ବଂଶ ଗୁପ୍ତା ଏବଂ ସପ୍ତମ ଶ୍ରେଣୀର ପୁନିତ ରାଠୋର ଡିଜେରେ ବ୍ୟବହାର ହେବାକୁ ଥିବା ଉପକରଣକୁ ପ୍ରଥମେ ଏକତ୍ର କରିଥିଲେ। ଉପକରଣ ସଂଗ୍ରହ ପାଇଁ ସେମାନଙ୍କୁ ମାସେ ଲାଗିଥିଲା। ଏହାପରେ ଦୁହେଁ ଏହାକୁ ମିଶି ସପ୍ତାହକରେ ତିଆରି କରିବାରେ ସଫଳ ହେଲେ। ସେହିପରି ସେମାନଙ୍କ ଦ୍ୱାରା ତିଆରି ଏହି ମିନି ଡିଜେ କୌଣସି ହୋମ ଥିଏଟର ଠାରୁ କମ୍ ନୁହେଁ ବୋଲି କୁହାଯାଉଛି। ଏହାକୁ ଉପଯୋଗ କରାଯାଇ ଛୋଟ ମୋଟ ପାର୍ଟି ଫଙ୍କସନର ମଜା ଉଠାଇ ହେବ। କେବଳ ସେତିକି ନୁହେଁ, ଏହାକୁ ହାତରେ ଉଠାଇ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେଇପାରିବେ। ଅବଶ୍ୟ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ ଡିଜେରେ ଛୋଟ ଛୋଟ ଚକକୁ ମଧ୍ୟ ଖଞ୍ଜା ଯାଇଛି।



## ନିଆରା ସ୍କୁଲ, ଜାଣନ୍ତୁ କ'ଣ ଏହା...



ସାଧାରଣତଃ ସ୍କୁଲରେ ପିଲାଙ୍କୁ ବହି ଖାତା ମାଧ୍ୟମରେ ପାଠ ପଢ଼ାଯାଏ। ହୋମ୍‌ୱାର୍କ ମଧ୍ୟ ଦିଆଯାଏ। ଏହି କ୍ରମରେ ଏମିତି ବି ଗୋଟିଏ ସ୍କୁଲ ଅଛି, ଯେଉଁଠି ପିଲାଙ୍କ ପାଇଁ ହୋମୱାର୍କ, ନୋଟ୍‌ବୁକ୍ ନାହିଁ। ଏପରିକି ଛାତ୍ରଛାତ୍ରୀଙ୍କୁ ଫିଲ୍ମ ଦେଖାଯାଇ ପାଠପଢ଼ା ଯାଏ। କୋଲକତାରୁ ୨୦୦ କିଲୋମିଟର ଦୂରରେ ଅଛି 'ଦ ଲେବଲ୍ ଫିଲ୍ମ ସ୍କୁଲ।' ଏହି ବିଦ୍ୟାଳୟ ହୁସନାବାଦ ଗାଁରେ ଅଛି। ତେବେ ଏ ସ୍କୁଲର ନିଆରା ଶିକ୍ଷାଦାନ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ସ୍କୁଲରେ ପିଲାଙ୍କୁ ବହି ଦେଖି ପଢ଼ାଯାଏ ନାହିଁ, ବରଂ ଫିଲ୍ମ ଦେଖି ପାଠ ପଢ଼ାଯାଏ। ଏହି ସ୍ୱତନ୍ତ୍ର ସ୍କୁଲର ପିଲା ଟ୍ୟୁସନ୍‌ରେ ମଧ୍ୟ ପାଠ ପଢ଼ି ନ ଥାନ୍ତି। ତେବେ ଏହି ସ୍କୁଲକୁ ପିଲା ବ୍ୟାଗ୍ କିମ୍ବା ନୋଟ୍‌ବୁକ୍ ଆଣି ନ ଥାନ୍ତି। ପିଲାଙ୍କ ଉତ୍ତମ ଓ ଉନ୍ନତ ଭବିଷ୍ୟତ ଉପରେ ଏହି ସ୍କୁଲ ଗୁରୁତ୍ୱ ଦେଇଥାଏ। ଉକ୍ତ ସ୍କୁଲରେ ବିଦ୍ୟାର୍ଥୀଙ୍କ ସହିତ ଆଲୋଚନା ମାଧ୍ୟମରେ ହିଁ ପୂରା ସିଲାବସ୍ ଶେଷ କରାଯାଏ। ଏହାବାଦ୍ ଅଧିକାଂଶ ପଢ଼ା ଟେକ୍ନୋଲୋଜି ଦ୍ୱାରା ହୋଇଥାଏ। କେବଳ ସେତିକି ନୁହେଁ, ସ୍କୁଲରେ କଳାପଟା ସ୍ଥାନରେ ପ୍ରୋଜେକ୍ଟର ଅଛି। କମ୍ପ୍ୟୁଟର ମାଧ୍ୟମରେ ଗଣିତ ଏବଂ ରିଜନିଂ ଶିକ୍ଷା ଦିଆଯାଏ। ପିଲାଙ୍କ ଇଂରାଜୀ ଜ୍ଞାନ କିଭଳି ଉନ୍ନତମାନର ହେବ ଏବଂ ଅନ୍ୟ ଦେଶର ସଂସ୍କୃତି ଉପରେ ଶିକ୍ଷା ପ୍ରଦାନ କରାଯିବ, ତା' ଉପରେ ବି ଗୁରୁତ୍ୱ ଦିଆଯାଏ। ସେହିପରି ପିଲାମାନେ ସ୍କୁଲରେ ଆଜି କ'ଣ ଶିଖିଲେ, ସେମାନଙ୍କୁ ୧୫୦ ଶବ୍ଦରେ କହିବାକୁ ହୋଇଥାଏ। ଏହି ସ୍କୁଲରେ ପିଲାଙ୍କ ପାଟି କମ୍ ଶୁଣାଯାଏ। କାରଣ ଏହା ପୂରା ସାଇଲେନ୍ସ ଜୋନ୍‌ରେ ଅଛି। ସ୍କୁଲରେ ବିଦ୍ୟାର୍ଥୀ ଓ ଶିକ୍ଷକ ଶ୍ରେଣୀଗୃହ ଏବଂ ଡାଇନିଂ ରୁମ୍ ବ୍ୟତୀତ ଅନ୍ୟ କେଉଁଠି କଥାବାର୍ତ୍ତା କରି ନ ଥାନ୍ତି। ସାଇଲେନ୍ସ ଜୋନ୍ ଉପରେ ସ୍କୁଲ ଏମିତି ଧ୍ୟାନ ଦିଏ ଯେ, ସ୍କୁଲ ଘଣ୍ଟି ମଧ୍ୟ ବାଜେ ନାହିଁ। କ୍ଲାସ୍ ସମୟ ପୂରା ହେଲେ ସ୍କୁଲର କୌଣସି ସଦସ୍ୟ ଶିକ୍ଷକଙ୍କୁ ଏହି ସୂଚନା ପ୍ରଦାନ କରିଥାନ୍ତି।

## ସ୍ୱାସ୍ଥ୍ୟ ପାଇଁ ମାରାତ୍ମକ ୧୦ ମିନିଟ୍‌ର ଖାଦ୍ୟ ଡେଲିଭରି ଆପ୍

ଆଜିର ସମୟରେ ଅନେକ ଫୁଡ୍ ଡେଲିଭରି କମ୍ପାନି ଲୋକଙ୍କୁ ୧୦ ମିନିଟ୍‌ରେ ଘରେ ଖାଦ୍ୟ ପହଞ୍ଚାଇବା ଦାବି କରୁଛନ୍ତି। ତେବେ ଏହି ଅଲଟ୍ରା ଫାଷ୍ଟ ସର୍ଭିସ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ, ସେ କଥା କେହି କେବେ ଭାବି ନ ଥିବେ। ତେବେ ଖାଦ୍ୟ ଡେଲିଭରିର ଏହି ଦ୍ରୁତ ସେବାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୦ ମିନିଟ୍‌ର ଖାଦ୍ୟ ଡେଲିଭରିର ଏହି ନୂଆ ଟ୍ରେଣ୍ଡ ସ୍ୱାସ୍ଥ୍ୟ ପାଇଁ ମାରାତ୍ମକ ପଦକ୍ଷେପ ହୋଇପାରେ। ଯଦିଓ ଏହା ଲୋକଙ୍କ ସୁବିଧା ସୃଷ୍ଟି କରୁଛି, ତଥାପି ଏହାଠୁ ଲୋକେ ଦୂରେଇ ରହିବା ସହ ଏହାକୁ ନେଇ ନିଜକୁ ପ୍ରଶ୍ନ କରିବା ଦରକାର ଯେ, ଖାଦ୍ୟ ୧୦ ମିନିଟ୍‌ରେ କେମିତି ପହଞ୍ଚୁଛି? ଯଦି ଖାଦ୍ୟକୁ ୧୦ ମିନିଟ୍‌ରେ ପହଞ୍ଚାଯାଉଛି, ତେବେ ଏହାକୁ ତିନି ମିନିଟ୍ ନଚେତ ଏହାଠୁ କମ୍ ସମୟରେ ରାନ୍ଧିବାକୁ ହେବ। ଅବଶ୍ୟ ଏଭଳି ଖାଦ୍ୟ ଅଲଟ୍ରା ପ୍ରୋସେସଡ୍ ଏବଂ ରେଡି ଟୁ ଇଟ୍ ମିଲ୍‌ରେ ହିଁ ହାସଲ କରିପାରିବେ। ସେହିପରି ଅଲଟ୍ରା ପ୍ରୋସେସଡ୍ ଫୁଡ୍‌କୁ ନେଇ ଯେଉଁ ଗବେଷଣା କରାଯାଇଛି, ସେଥିରୁ ଜଣାପଡ଼ିଛି ଯେ, ଏହା କର୍କଟ ଆଶଙ୍କାକୁ ୧୨ ପ୍ରତିଶତ ଏବଂ କାର୍ଡିଓଭସ୍କୁଲାର ରୋଗର ଆଶଙ୍କାକୁ ୧୦ ପ୍ରତିଶତ ବୃଦ୍ଧି କରାଏ। ଏପରିକି ଏହା ମେଦବହୁଳତାର ବି ଅନ୍ୟତମ କାରଣ। ତା'ସହ ଏହା ଯୋଗୁଁ ମଧୁମେହ ଆଶଙ୍କା ମଧ୍ୟ ବଢ଼ିଥାଏ। ସେହିପରି ଏଥିରେ ବହୁ ପରିମାଣର ଟ୍ରାନ୍ସ ଫ୍ୟାଟ୍ ଥିବାରୁ ଏହା ହୃଦ୍‌ରୋଗର ମଧ୍ୟ କାରଣ ସାଜିଥାଏ। ଯଦି ଜଣେ ଘର ଖାଦ୍ୟ ପ୍ରସ୍ତୁତ କରି ଖାଇ ପାରୁ ନାହାନ୍ତି, ଅର୍ଡର କରି ଖାଇବାର ଅଛି, ତେବେ ତାଜା ଖାଦ୍ୟ ଖାଇବା ପାଇଁ ଅପେକ୍ଷା କରିବା ଉଚିତ। ସ୍ୱାସ୍ଥ୍ୟ ସହିତ କୌଣସି ପ୍ରକାର ବୁଝାମଣା କିମ୍ବା ଅବହେଳା କରିବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଅଲଟ୍ରା ପ୍ରୋସେସଡ୍ ବର୍ଜ୍ୟକୁ ୧୦ ମିନିଟ୍‌ରେ ଡେଲିଭରି କରାଯାଉ, କୌଣସି ଲୋକ ଚାହିଁବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବେ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଯାନବାହନ କ୍ରୟ କରିପାରନ୍ତି।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିପାରେ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ନିବେଶ ପାଇଁ ଭଲ ସମୟ। ଅଫିସ୍ କାମ ପାଇଁ ପ୍ରଶଂସିତ ହେବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

ଲୋୟର ପିଏମ୍‌ଜି ଜନସମୁଦ୍ର

# ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ବିଜେଡିର ଗର୍ଜନ






**ଭୁବନେଶ୍ୱର,୬ ।୧(ସମିସ):** ସୋମବାର ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଲୋୟର ପିଏମ୍‌ଜିରେ ଦିଆଯାଇଥିବା ବିଶାଳ ଗଣଧାରଣାରେ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି ବିଜେଡି ନେତୃତ୍ୱ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣ ବିକ୍ଷୋଭରେ ଦଳର ସମସ୍ତ ବିଧାୟକ, ପୂର୍ବତନ ବିଧାୟକ, ରାଜ୍ୟସଭା ସାଂସଦ, ପୂର୍ବତନ ଲୋକସଭା ସାଂସଦ, ଜିଲ୍ଲା ସଭାପତି, ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସହ ୧୪୭ ନିର୍ବାଚନମଣ୍ଡଳୀରୁ ଆସିଥିବା କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗ ଦେଇ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଜେଡି କର୍ମୀଙ୍କ ସହ ସାଧାରଣ ଲୋକମାନେ ବି ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଥିବା ଦେଖାଯାଇଛି।

ସମାବେଶରେ ଦଳର ନେତାମାନେ ବିଜେପି ସରକାରକୁ କଟୁ ସମାଲୋଚନା କରିଛନ୍ତି। କ୍ଷମତାକୁ ଆସିବା ପରେ ସବୁ ପ୍ରତିଶ୍ରୁତି ପାଣିରେ ମିଳାଇ ଯାଇଛି। ଗୋଟିଏ ବଜେଟ ଯାଇ ଆଉ ଗୋଟିଏ ବଜେଟ ଆସିବାକୁ ବସିଲାଣି, ତଥାପି କିଛି କାମ ହେଉ ନାହିଁ। ଓଡ଼ିଶା ବର୍ଷଟିଏ ପଛକୁ ଚାଲି ଯାଇଛି। ସରକାର ଗଢ଼ୁ ଗଢ଼ୁ ନବୀନ ସରକାରଙ୍କ ସବୁ ଭଲ ଯୋଜନାର ରଙ୍ଗ ବଦଳାଇ ବାହବା ନେବାକୁ ଉଦ୍ୟମ କରାଯାଇଛି। ଦରଦାମ ଉପରେ ସରକାରଙ୍କ କିଛି ନିୟନ୍ତ୍ରଣ ନାହିଁ। ଚିନି, ଆଳୁ, ପିଆଜ ଠାରୁ ଆରମ୍ଭ କରି ଡାଲି, ଚାଉଳ, ପରିବା, ଔଷଧ ସବୁର ମୂଲ୍ୟ ତିନି ଚାରି ଗୁଣା ବଢ଼ିଯାଇଛି। ଗୋଟିଏ ପଟେ ରାଜ୍ୟ ସରକାର ନିଦାବିଷ୍ଟ ସାଜିଥିବା ବେଳେ କେନ୍ଦ୍ର ସରକାର ଗରିବ ଉପରେ ବୋଝ ପରେ ବୋଝ ଲଦି ଚାଲିଛନ୍ତି। ଧନୀଙ୍କୁ ସବୁ ଛାଡ଼ କରାଯାଉଛି, ଗରିବ ଲୋକଙ୍କ ତଣ୍ଟି ଚିପି ଟିକସ ନିଆଯାଉଛି। ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ସିଲିଣ୍ଡର ଦର କେବେ କମିବାର ଆମେ ଦେଖିଲୁ ନାହିଁ। ଖାଉଟିଙ୍କ ଉପରେ ଡବଲ ଇଞ୍ଜିନ୍ ସରକାର ଡବଲ ମାଡ଼ ଦେଇଛି। ଡବଲ ଇଞ୍ଜିନ୍ ସରକାରରେ ଦୋମୁହାଁ ଆଚରଣ ବେଶ୍ ଜଳ ଜଳ ହୋଇ ଦେଖାଯାଉଛି। ବିରୋଧୀ ଆସନରେ ବସିଥିଲା ବେଳେ ଯେଉଁ କଥାକୁ ବିରୋଧ କରୁଥିଲେ ଆଜି ତାହା ଠିକ୍ ବୋଲି କହୁଛନ୍ତି। କେନ୍ଦ୍ରରେ ବିଜେପି ସରକାର ଓଡିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅନ୍ୟ ରାଜ୍ୟକୁ ଖୁସି କରୁଛନ୍ତି, କିନ୍ତୁ ମୋହନ ସରକାରଙ୍କ ପାଟି ଫିଟୁନି। ଓଡିଶାବାସୀଙ୍କ ସ୍ୱାର୍ଥ ଆଗରେ ଦଳୀୟ ସ୍ୱାର୍ଥ ବଡ଼ ହୋଇଯାଇଛି। ଓଡିଶାବାସୀଙ୍କ ସ୍ୱାର୍ଥରେ ଆଞ୍ଚ ଆସିଛି। ପରିତାପର ବିଷୟ ଡବଲ ଇଞ୍ଜିନ୍ ସରକାର ଲୋକଙ୍କୁ ବୋକା ଭାବୁଛନ୍ତି। ହେଲେ ଓଡିଶାବାସୀଙ୍କୁ ଜବାବ୍ ଦେବା ଆସେ। ଆଗାମୀ ଦିନରେ ରାଜ୍ୟର ସବୁ ବ୍ଲକ୍, ସବୁ ପଞ୍ଚାୟତରେ ଦୁର୍ବାର ଆନ୍ଦୋଳନ ହେବ ଦଳୀୟ ନେତାମାନେ କହିଛନ୍ତି ।

ଏହି ପ୍ରତିବାଦ ସଭାରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ପ୍ରତାପ ଦେବ, ପ୍ରତାପ ଜେନା, ଅରୁଣ ସାହୁ, ସୁଦାମ ମାର୍ଣ୍ଡି, ସଞ୍ଜୟ ଦାସବର୍ମା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଧ୍ରୁବ ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ଅଶୋକ ଚନ୍ଦ୍ର ପଣ୍ଡା, ଦେବାଶିଷ ସାମନ୍ତରାୟ, ପ୍ରଦୀପ ଅମାତ, ନିରଞ୍ଜନ ପୂଜାରୀ, ଗଣେଶ୍ୱର ବେହେରା, ପ୍ରଫୁଲ୍ଲ ସାମଲ, ସୁଲୋଚନା ଦାସ, ସୁଶାନ୍ତ ରାଉତ, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ପଦୀପ ମାଝୀ, ରମେଶ ମାଝୀ, ମାନସ ମାଡକାମୀ, ଅଶ୍ୱିନୀ ପାତ୍ର, ପ୍ରୀତିରଞ୍ଜନ ଘଡ଼ାଇ, ସାରଦା ଜେନା, ଗୌତମବୁଦ୍ଧ ଦାସ, କଳିକେଶ ନାରାୟଣ ସିଂହଦେଓ, ସୁନିଲ ମହାନ୍ତି, ସମ୍ବିତ ରାଉତରାୟ, ଭୃଗୁ ବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ସଞ୍ଜୀବ ମଲ୍ଲିକ, ସୌଭିକ ବିଶ୍ୱାଳ, ମୁନ୍ନା ଖାନ, ସାରଦା ନାୟକ, ଡ଼ ସସ୍ମିତ ପାତ୍ର, ବଦ୍ରି ପାତ୍ର, ଅମର ପଟ୍ଟନାୟକ, ଅନନ୍ତ ନାରାୟଣ ଜେନା, ବିଭୂତି ବଳବନ୍ତରାୟ, ଦେବେଶ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା, ପ୍ରଦୀପ ସାହୁ, ଡଃ ପ୍ରିୟବ୍ରତ ମାଝୀ, ଡଃ ଲେନିନ୍ ମହାନ୍ତି, ନବକିଶୋର ମଲ୍ଲିକ, ଅମରେଶ ପତ୍ରି, ପ୍ରଶାନ୍ତ ମୁଦୁଲି, ରମାକାନ୍ତ ଭୋଇ, ରୁଦ୍ର ମହାରଥୀ, ବିକ୍ରମ ପଣ୍ଡା, ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସୁଧୀର କୁମାର ସାମଲ, ତୁଷାରକାନ୍ତି ବେହେରା, ରମେଶ ବେହେରା, ଶର୍ମିଷ୍ଠା ସେଠୀ,ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଛନ୍ତି।

ମଣ୍ଡି ଖୋଲିବାକୁ ୧୦ ଦିନ ବିତିଲାଣି

# ମୁଠାଏ ବି ଧାନ କିଣା ହେଲାନି

**ବାଲେଶ୍ୱର(ଉତ୍ତର),୬।୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ୧୯ ସମବାୟ ସମିତି ଏବଂ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଗତ ୧୦ଦିନ ହେବ ସରକାରୀ ଧାନମଣ୍ଡି ଖୋଲି ସାରିଲାଣି। ମାତ୍ର ଚାଷୀଙ୍କ ପାଖରୁ ସରକାର ଏଯାଏ ମୁଠାଏ ଧାନ କିଣିନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଯାଏ କୌଣସି ମଣ୍ଡି ପାଇଁ ମିଲର୍ ଟ୍ୟାଗ୍ ହୋଇନି କି ଟାର୍ଗେଟ୍ ମଧ୍ୟ ଆସିନାହିଁ। କେବଳ ପଞ୍ଜିକୃତ ଚାଷୀଙ୍କ ମୋବାଇଲରେ ମେସେଜ୍ ଯୋଗେ ଟୋକନ୍ ମିଳିଛି। ତେଣୁ ଧାନ ବିକ୍ରି କରିନପାରି ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ, ପ୍ରଶାସନ ପକ୍ଷରୁ ପଶ୍ଚିମବଙ୍ଗ ସୀମା ରାସ୍ତା ସବୁ ସିଲ୍ କରାଯାଇଥିବାରୁ ଚାଷୀ ପଶ୍ଚିମବଙ୍ଗ ବେପାରୀଙ୍କୁ ମଧ୍ୟ ଧାନ ବିକିପାରୁନାହାନ୍ତି। ଫଳରେ ଧାରଉଧାର କରି ଚାଷ କରିଥିବା ଚାଷୀର ଚିନ୍ତା ବଢ଼ିଯାଇଛି। ଋଣ ଟଙ୍କା କେମିତି ଶୁଝିବ, ସେଇ ଚିନ୍ତାରେ ଘାରିହେଲାଣି। ତୁରନ୍ତ ସରକାର ଧାନକିଣା ଆରମ୍ଭ ନକଲେ, ହଜାରହଜାର ଚାଷୀଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଚେତାବନୀ ଦେଇଛନ୍ତି।



ସୂଚନାଯୋଗ୍ୟ, ଖରିଫ ଋତୁରେ ଧାନ ଅମଳକୁ ଏକ ମାସ ବିତିଲାଣି। ସରକାର କେବଳ ଧାନମଣ୍ଡି ଉଦ୍‌ଘାଟନ କରି ହାତଟେକି ବସିଛନ୍ତି। ଏପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହୋଇପାରିନାହିଁ। ଡିସେମ୍ବର ୨୭ରୁ ଭୋଗରାଇରେ ୨୦ଟି ଧାନମଣ୍ଡି ଉଦ୍‌ଘାଟନ ହୋଇସାରିଲାଣି। ବ୍ଲକ୍‌ରେ ଥିବା ୧୯ଟି ସେବା ସମବାୟ ସମିତି ଓ ଗୋପୀନାଥପୁର ପଞ୍ଚାୟତର ଏକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ଧାନକିଣା ଆରମ୍ଭ ହେବାର ଥିଲା। ମାତ୍ର କୌଣସି ମଣ୍ଡିକୁ ମିଲର୍‌ମାନେ ଏପର୍ଯ୍ୟନ୍ତ ଆସିନଥିବାରୁ ଧାନକିଣା ହୋଇପାରୁନାହିଁ ବୋଲି ଭୋଗରାଇ ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ ଗିରି କହିଛନ୍ତି। ପୂର୍ବରୁ କଟନି-ଛଟନି ହେବାରୁ ମିଲର୍‌ମାନେ ଆରାମରେ ଧାନ କିଣି ନେଉଥିଲେ। ସେହିପରି ରାଜ୍ୟ ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସହ ଏଫଏକ୍ୟୁ ମାନର ଧାନ କିଣିବାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ଏଫଏକ୍ୟୁ ମାନ ପରୀକ୍ଷା ପାଇଁ କ'ଣ ବ୍ୟବସ୍ଥା ହେବ, ତାହା ଚାଷୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

● ସରକାର କିଣୁନାହାନ୍ତି କି ବେପାରୀଙ୍କୁ କିଣାଇ ଦେଉନାହାନ୍ତି

ଏଭଳି ସମସ୍ୟାରେ ଚାଷୀମାନେ ଗତି କରୁଥିବା ବେଳେ କେବେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ଚାଷୀ ଧାନ ବିକିବେ, ତାହାକୁ ନେଇ ସନ୍ଦେହ ବଢ଼ି ଚାଲିଛି। ଅପରପକ୍ଷରେ ଏହି ବ୍ଲକ୍ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ବେଳେ ସେଠାରେ ବର୍ତ୍ତମାନ ଧାନ ଦର କୁଇଣ୍ଟାଲ ପିଛା ମାତ୍ର ୨୩୦୦ ଟଙ୍କା ରହିଛି। ମାତ୍ର ପଶ୍ଚିମବଙ୍ଗକୁ ଧାନ ଗାଡ଼ି ଯିବା ଆସିବା ଉପରେ ପ୍ରଶାସନ ରୋକ୍ ଲଗାଇଛନ୍ତି। ସାହାବାଜିପୁର, କଖଡ଼ା, କମର୍ଦ୍ଦା ଓ ଖାଏର୍ଦ୍ଦା ୪ଟି ସ୍ଥାନରେ ସିସିଟିଭି ଲଗାଯିବା ସହ ୨୪ଘଣ୍ଟିଆ ପୁଲିସ ଜଗୁଛି। ତେଣୁ ସରକାର ଏହିଭଳି ଚାଷୀମାନଙ୍କୁ ହଇରାଣ କରୁଥିବାରୁ ସମଗ୍ର ଭୋଗରାଇ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

## ୧୦ ଜିଲ୍ଲାକୁ ଘନ କୁହୁଡ଼ି ଚେତାବନୀ

**ଭୁବନେଶ୍ୱର,୬।୧(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ଜାରି ହୋଇଛି। ଗତ ୨୪ ଘଣ୍ଟାରେ କଟକ-ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କୁହୁଡ଼ି ଯୋଗୁଁ ଯାନବାହନ ଚଳାଚଳରେ ପ୍ରଭାବ ପଡ଼ିଥିଲା। ଏହି ସ୍ଥିତି ଆହୁରି ୪୮ ଘଣ୍ଟା ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ମଙ୍ଗଳବାର ରାତିରୁ ବୁଧବାର ସକାଳ ମଧ୍ୟରେ ୬ଟି ଜିଲ୍ଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ମୁଖ୍ୟତଃ ସୁନ୍ଦରଗଡ଼, ଢେଙ୍କାନାଳ, କଟକ, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଖୋର୍ଦ୍ଧା, ଅନୁଗୁଳ, ଗଜପତି ଓ ରାୟଗଡ଼ାରେ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି କେନ୍ଦ୍ର କହିଛି। ଅନ୍ୟପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକା ଶୀତ ଅନୁଭୂତ ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୪ ଦିନ ପରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱାଭାବିକଠାରୁ ୧ରୁ ୨ ଡିଗ୍ରୀ ତାପମାତ୍ରା କମ୍ ରହିଛି। ୭.୫ ଡିଗ୍ରୀ ସହ କୋରାପୁଟ ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବରେ ରେକର୍ଡ କରିଥିବା ବେଳେ ସମତଳ ଅଞ୍ଚଳ ଭାବରେ ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ରାଉରକେଲାରେ ୧୦.୫, ନବରଙ୍ଗପୁରରେ ୧୦.୫, ଝାରସୁଗୁଡ଼ାରେ ୧୦.୮ ଏବଂ ଅନୁଗୁଳରେ ୧୧ ଡିଗ୍ରୀ, ଭୁବନେଶ୍ୱରରେ ୧୪.୫ ଏବଂ କଟକରେ ୧୪.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୭.୦ | ୧୪.୫ |
| ଚାନ୍ଦବାଲି | ୨୫.୫ | ୧୪.୨ |
| କଟକ | ୨୫.୪ | ୧୪.୫ |
| ପାରାଦୀପ | ୨୭.୦ | ୧୫.୯ |
| ଭୁବନେଶ୍ୱର | ୨୭.୨ | ୧୪.୫ |
| ଗୋପାଳପୁର | ୨୬.୪ | ୧୬.୮ |
| ପୁରୀ | ୨୭.୦ | ୧୬.୨ |
| ଅନୁଗୋଳ | ୨୭.୧ | ୧୧.୦ |
| ବାରିପଦା | ୨୫.୦ | ୧୪.୦ |
| ଝାରସୁଗୁଡ଼ା | ୨୯.୪ | ୧୦.୮ |
| କେନ୍ଦୁଝର | ୨୬.୫ | ୧୩.୦ |
| ସମ୍ବଲପୁର | ୨୯.୬ | ୧୪.୬ |
| ସୁନ୍ଦରଗଡ଼ | ୨୯.୨ | ୧୨.୨ |
| ହୀରାକୁଦ | ୨୭.୬ | ୧୩.୯ |
| ତାଳଚେର | ୨୬.୬ | ୧୩.୨ |
| ଭବାନୀପାଟଣା | ୨୮.୫ | ୧୧.୮ |
| ବଲାଙ୍ଗିର | ୩୧.୩ | ୧୨.୫ |
| କୋରାପୁଟ | - | ୭.୫ |
| ଫୁଲବାଣୀ | ୨୬.୭ | ୧୦.୦ |
| ଟିଟିଲାଗଡ଼ | ୨୮.୨ | ୧୪.୨ |
| ମାଲକାନଗିରି | ୨୮.୨ | ୧୬.୩ |
| ସୋନପୁର | ୨୮.୩ | ୧୪.୩ |
| ଦାରିଙ୍ଗବାଡ଼ି | ୨୬.୦ | ୮.୦ |
| ନୟାଗଡ଼ | - | ୧୩.୦ |
| ବୌଦ୍ଧ | ୨୬.୦ | ୧୪.୫ |
| ଛତ୍ରପୁର | ୨୭.୦ | ୧୬.୪ |
| ପାରଳାଖେମୁଣ୍ଡି | ୨୮.୬ | ୧୫.୪ |
| ରାୟଗଡ଼ା | ୨୮.୨ | ୧୨.୪ |
| ଭଦ୍ରକ | ୨୬.୫ | - |
| ଯାଜପୁର | ୨୮.୪ | ୧୨.୪ |
| ଢେଙ୍କାନାଳ | ୨୭.୦ | ୧୩.୫ |
| ବରଗଡ଼ | ୩୧.୦ | ୧୩.୮ |
| ଦେଓଗଡ଼ | ୨୮.୦ | ୧୩.୫ |
| ନୂଆପଡ଼ା | ୨୯.୦ | ୧୩.୪ |
| ନବରଙ୍ଗପୁର | ୨୯.୦ | ୧୦.୫ |
| ଖୋର୍ଦ୍ଧା | ୨୭.୦ | ୧୪.୦ |
| ଜଗତସିଂହପୁର | ୨୮.୫ | ୧୩.୦ |
| କେନ୍ଦ୍ରାପଡ଼ା | ୨୮.୦ | ୧୩.୪ |
| ରାଉରକେଲା | ୨୬.୮ | ୧୦.୫ |

## ଛାତ୍ରୀକୁ ଦୁଷ୍କର୍ମ ଉଦ୍ୟମ; ଅଧ୍ୟାପକ ଗିରଫ

**କେନ୍ଦୁଝର,୬।୧(ସମିସ):** ପାଠ ବୁଝିବାକୁ ଆସିଥିବା ଜଣେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଦୁଷ୍କର୍ମ ଉଦ୍ୟମ କରି ଜଣେ ଅଧ୍ୟାପକ 'ଗୁରୁ' ଭଳି ପବିତ୍ର ଶବ୍ଦରେ କଳଙ୍କର ଛିଟା ବୋଳି ଦେଇଛନ୍ତି। ପୁଲିସ୍ ସଂପୃକ୍ତ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, କେନ୍ଦୁଝର ସରକାରୀ ଖଣି ଯାନ୍ତ୍ରିକ ମହାବିଦ୍ୟାଳୟର କମ୍ପ୍ୟୁଟର୍ ସଫ୍ଟୱେୟାର୍ ବିଭାଗର ଅଧ୍ୟାପକ ଅମିୟ ଭୂଷଣ ବାଗଯାଦବ।

ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଉକ୍ତ ମହାବିଦ୍ୟାଳୟର ଜଣେ ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ଥାନୀୟ ଅଞ୍ଚଳରେ ଏକ ଫ୍ଲାଟ୍‌ରେ ରହୁଥିଲେ। ଅଧ୍ୟାପକ ଅମିୟ ମଧ୍ୟ ସେହି ଫ୍ଲାଟ୍‌ରେ ରହୁଥିଲେ। ଛାତ୍ରୀଜଣଙ୍କ ପାଠ ବୁଝିବାକୁ ଅମିୟଙ୍କ ଘରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ସେ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଛାତ୍ରୀଜଣଙ୍କ ପାଟିତୁଣ୍ଡ କରିବାରୁ ପଡ଼ୋଶୀ ସେଠାରେ ପହଞ୍ଚିବା ଦେଖି ଅଧ୍ୟାପକ ଭୟରେ ତାଙ୍କୁ ଛାଡ଼ି ଦେଇଥିଲେ। ଏ ସଂପର୍କରେ ଛାତ୍ରୀଜଣଙ୍କ ଆଜି ସଂଧ୍ୟାରେ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ।

## ଶ୍ରୀମନ୍ଦିରକୁ ରୁପା ଶଙ୍ଖ ଦାନ

**ପୁରୀ, ୬।୧(ସମିସ):** ଆଜି ଜଣେ ଭକ୍ତ ଶ୍ରୀମନ୍ଦିରକୁ ୧କେଜି ୬୧୯ ଗ୍ରାମ୍‌ର ଏକ ରୁପା ଶଙ୍ଖ ଦାନ ଦେଇଛନ୍ତି। ଭକ୍ତଜଣଙ୍କ ହେଲେ ସମ୍ବଲପୁରର ନଳିନୀ ପ୍ରଭା ଦାସ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦଇତାପତି ସେବକଙ୍କ ଜରିଆରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ସେ ଏହି ଶଙ୍ଖଟି ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ନଳିନୀ କହିଛନ୍ତି, ସେ ବିଶ୍ୱନିୟନ୍ତାଙ୍କୁ ବା କ'ଣ ଦେଇପାରିବେ। ଛୋଟିଆ ଶଙ୍ଖଟିଏ ଦେବା ପାଇଁ ମାନସିକ କରିଥିଲେ। କଟକରେ କୁଶଳୀ କାରିଗରଙ୍କ ଦ୍ୱାରା ଅତି ନିଖୁଣ କାରୁକାର୍ଯ୍ୟରେ ରୁପାର ଶଙ୍ଖ ତିଆରି କରି ଶ୍ରୀଜଗନ୍ନାଥଙ୍କୁ ଦେବାକୁ ସ୍ଥିର କରିଥିଲେ। ସୋମବାର ସପରିବାର ପୁରୀ ଆସି ସେହି ଶଙ୍ଖ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ମହାପ୍ରଭୁ ସୁବର୍ଣ୍ଣ ବେଶରେ ଶଙ୍ଖ ଧାରଣ କରିଥିବାରୁ ସେହି ଉଦ୍ଦେଶ୍ୟରେ ଏହି ରୁପା ଶଙ୍ଖଟି ଦେଇଛନ୍ତି। ମହାପ୍ରଭୁ କେବଳ ଗୋଟିଏଥର ସେହି ଶଙ୍ଖକୁ ଧାରଣ କରିଦେଲେ ଆତ୍ମତୃପ୍ତି ଲାଭ କରିବେ ବୋଲି ସେ କହିଛନ୍ତି।



# ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା

**ଭୁବନେଶ୍ୱର, ୬।୧ (ସମିସ):** ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା। ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୨୫% ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ଦିଆଯାଇଛି। ବିଦ୍ୟାଳୟରେ ଟିଜିଟି କଳା ବିଭାଗରେ ମୋଟ୍ ୩୦୦ ମାର୍କ ରହିଛି। ସେହି ଅନୁଯାୟୀ ପ୍ରତି ଶହେ ମାର୍କକୁ ଏକ-ତୃତୀୟାଂଶ ସଂରକ୍ଷଣ ମିଳିବା କଥା। ଗୋଟିଏପଟେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତିର ଶ୍ରେୟ ସରକାର ନେଉଥିବା ବେଳେ ଅନ୍ୟପଟେ ଓଡ଼ିଆ ଭାଷାର ପ୍ରାପ୍ୟକୁ କମାଇ ଦେଇଛନ୍ତି। ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ଦୁର୍ବଳ ମାନଦଣ୍ଡ ରଖାଯାଇଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ସମ୍ପ୍ରତି ଓଡ଼ିଆ ଭାଷାକୁ ଉପେକ୍ଷା କରାଯାଉଥିବା ଅଭିଯୋଗ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି।

ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଏବଂ ସ୍ଥଳବିଶେଷରେ ଉର୍ଦ୍ଦୁ, ବଙ୍ଗଳା, ତେଲୁଗୁ ଆଦି ଭାଷା ବିଷୟକୁ ବାଦ୍ ଦେଲେ କେବଳ ଟିଜିଟି କଳାରେ ମୋଟ୍ ୩ଟି ବିଷୟ ରହିଛି। ଓଡ଼ିଆ, ଇଂରାଜୀ ଓ ସାମାଜିକ ବିଜ୍ଞାନ (ଇତିହାସ ଓ ଭୂଗୋଳ ୫୦ ମାର୍କ ଲେଖାଏଁ)ରେ ଶହେ ମାର୍କ ଲେଖାଏଁ ମୋଟ୍ ୩୦୦ ମାର୍କ ରହିଛି। ତେଣୁ ଟିଜିଟି କଳା ପଦରୁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କଲା ବେଳେ ଟିଜିଟି କଳା ପଦର ଏକ-ତୃତୀୟାଂଶ ବା ୩୩% ପଦ ସଂରକ୍ଷିତ ରହିବା ନ୍ୟାୟସଂଗତ। ମାତ୍ର ଗଣଶିକ୍ଷା ବିଭାଗ ତାହାକୁ କମାଇ ମାତ୍ର ୨୫% ସଂରକ୍ଷଣ ଦେଇଛି। ୨୦୦ ମାର୍କ ପାଇଁ ୭୫% ଓ ୧୦୦ ମାର୍କ ପାଇଁ ୨୫% ସଂରକ୍ଷଣ କିପରି ଓ କେଉଁ ଆଧାରରେ ଦିଆଗଲା?

■ ୩୩% ବଦଳରେ ମିଳିଛି ୨୫% ସଂରକ୍ଷଣ
■ ଟିଜିଟି କଳା ବିଜ୍ଞପ୍ତିରେ କମିଲା ୧୫୮ ପଦ

ସରକାରଙ୍କ ଏହି ପରିସଂଖ୍ୟାନ ଓଡ଼ିଆ ଭାଷାପ୍ରେମୀଙ୍କୁ ଚକିତ କରିଛି। ସାଂସ୍କୃତିକ ଭାଷା ଓଡ଼ିଆ ସହ ସରକାର ତଞ୍ଚକତା କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ସଦ୍ୟ ପ୍ରକାଶିତ ବିଜ୍ଞପ୍ତିରେ ଟିଜିଟି କଳାରେ ମୋଟ୍ ୧୯୮୪ଟି ପଦ ଥିଲା। ଏଥିରୁ ଓଡ଼ିଆ ପାଇଁ ୨୫% ବା ୪୯୬ଟି ପଦ ସଂରକ୍ଷିତ କରାଯାଇଛି। ଏହା ୩୩% ହୋଇଥିଲେ ୬୫୪ଟି ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି ହୋଇଥାନ୍ତା। ହେଲେ ଓଡ଼ିଆକୁ ଉପେକ୍ଷା କରାଯାଇଥିବାରୁ ୧୫୮ଟି ପଦ କମିଯାଇଛି। ସେହିପରି ବିଜ୍ଞପ୍ତିରେ କେବଳ ଓଡ଼ିଆ ଭାଷା ପାଇଁ ୨୫% ସଂରକ୍ଷଣ ଉଲ୍ଲେଖ କରାଯାଇଥିବାରୁ ଭବିଷ୍ୟତରେ ବାରମ୍ବାର ଓଡ଼ିଆ ଭାଷା ଉପେକ୍ଷିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ପାତରଅନ୍ତର ନିଯୁକ୍ତିଧାରା ଚାଲୁ ରହିଲେ, କେତେ ବର୍ଷରେ ସମସ୍ତ ଉଚ୍ଚ ବିଦ୍ୟାଳୟରେ ଜଣେ ଲେଖାଏଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇବେ, ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ। ବିଜ୍ଞପ୍ତିରେ ଏହାକୁ ସଂଶୋଧନ କରି ୩୩% କରିବାକୁ ଶିକ୍ଷାବିତ୍ ଓ ଭାଷାପ୍ରେମୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଧାର୍ଯ୍ୟ ମାନଦଣ୍ଡକୁ ନେଇ ପୂର୍ବରୁ ପ୍ରଶ୍ନ ଉଠିଛି। ସ୍ନାତକରେ ଓଡ଼ିଆ ଇଲେକ୍ଟିଭ୍ ରଖି ଉତ୍ତୀର୍ଣ୍ଣ ପିଲା ଆବେଦନ କରିବାର ସୁଯୋଗ ପାଇଛନ୍ତି। ସେମାନେ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ମୋଟ୍ ୨ଶହ ମାର୍କର ପରୀକ୍ଷା ଦେଇଥାନ୍ତି। ତହିଁରେ ଗଣମାଧ୍ୟମ, ବେତାରକଳା ଓ ବିଜ୍ଞାପନ କଳାରେ ୧୦୦ ମାର୍କ ଏବଂ ସାହିତ୍ୟ ଅଧ୍ୟୟନରେ ୧୦୦ ମାର୍କର ପରୀକ୍ଷା ଦେଇଛନ୍ତି। ଓଡ଼ିଆ ଭାଷା ବା ସାହିତ୍ୟ ସମ୍ପର୍କରେ ଗଭୀରତା ନଥାଇ ନିଯୁକ୍ତି ପାଇଲେ, ଓଡ଼ିଆ ଭାଷା ଅଧିକ ଦୁର୍ବଳ ହେବ ବୋଲି ଅଭିଯୋଗ ହୋଇଛି।

## ମହାନଦୀରେ କୁମ୍ଭୀର ଗଣନା



**ହରଭଙ୍ଗା, ୬।୧(ସମିସ):** ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳର ବୌଦ୍ଧ ଜିଲ୍ଲା ସାତକୋଶିଆ ଗଣ୍ଡରେ କୁସଙ୍ଗ ରେଞ୍ଜ ପକ୍ଷରୁ ସୋମବାର ଚଳିତବର୍ଷର କୁମ୍ଭୀର ଗଣନା ଆରମ୍ଭ ହୋଇଛି। ମାରଡ଼ାଠାରୁ ଶୀତଳ ପାଣି, ଶୀତଳ ପାଣିଠାରୁ ହରଭଙ୍ଗା ଓ ହରଭଙ୍ଗାଠାରୁ ଅଏଡା ପର୍ଯ୍ୟନ୍ତ ତିନି ଭାଗରେ ବିଭକ୍ତ ୩ଟି ଟିମ୍ ଗଣନା କରିଛନ୍ତି। ଟିମ୍‌ଗୁଡ଼ିକ ମାଛଧରା ଡଙ୍ଗାରେ ନଦୀ ଭିତରେ କ୍ୟାମେରା, ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଗଣନା କରିଛନ୍ତି। ଏହି ୩ଟି ଟିମ୍‌ରେ ଫରେଷ୍ଟର୍ ପ୍ରଶାନ୍ତ ଗୁରୁ, ଅନ୍ତର୍ଯ୍ୟାମୀ ଯାନୀ, ଶ୍ରୀନିବାସ କହଁର, ଫରେଷ୍ଟ ଗାର୍ଡ ଗୋବିନ୍ଦ ମହାକୁଡ଼, ଘଡ଼ିଆଳ କୁମ୍ଭୀର ବିଶେଷଜ୍ଞ ଆସହରାଜ ଖାଁ ଓ ୬ଜଣିଆ ସ୍କ୍ୱାଡ୍ ସାମିଲ ଅଛନ୍ତି। ୩ ଦିନ ଧରି ଏହି କୁମ୍ଭୀର ଗଣନା ଚାଲିବ ବୋଲି ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୪ରେ ୩୫ଟି ଅଣ୍ଡାରୁ ସୁସ୍ଥ ଶାବକ ଜନ୍ମ ନେଇଥିଲେ। ବନ୍ୟାରେ କିଛି ଶାବକ ପ୍ରତିବର୍ଷ ଅନ୍ୟତ୍ର ଚାଲି ଯାଇଥାନ୍ତି। ଏଣୁ ଗଣ୍ଡରେ ପ୍ରକୃତରେ ଆଉ କେତେ କୁମ୍ଭୀର ରହିଛନ୍ତି, ତାହାର ତଥ୍ୟ ରଖିବାକୁ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ଗଣନା କରାଯାଇଥାଏ।

# ନୟାହାଟ ଫାଣ୍ଡିରେ ନାହିଁ ଭ୍ୟାନ୍; ବାଇକ୍‌ରେ ଚାଲିଛି ପାଟ୍ରୋଲିଂ

ନୟାହାଟ,୬।୧(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବିନିଶିପୁରରୁ ମାଧବ ରାସ୍ତାର ମହିମା ରାଇସ୍ ମିଲ୍ ପାଖରେ ରାକେଶ ବେହେରାଙ୍କ ଭେରାଇଟି ଷ୍ଟୋର ଦୋକାନ ଭାଙ୍ଗି ଚୋରି ହୋଇଥିବା ସଂପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରାଙ୍କୁ ପଚାରିବାରେ ଏନେଇ ଫାଣ୍ଡିରେ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି। ତେବେ ଅପରାଧୀଙ୍କୁ ସାବାଡ କରିବା ପାଇଁ ଫାଣ୍ଡି ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି ବୋଲି ସେ କହିଛନ୍ତି। ମାତ୍ର ଫାଣ୍ଡିରେ ଭ୍ୟାନ୍ ନଥିବାରୁ ପାଟ୍ରୋଲିଂରେ ସମସ୍ୟା ସୃଷ୍ଟି ହେଉଛି। କେବେଳ ପିସିଆର ବାଇକ୍ ଦ୍ୱାରା ନୟାହାଟ ବଜାର, ପାଣିଛତ୍ର, ଯୋଗେଶ୍ୱରପୁର ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି। ନୟାହାଟ ଫାଣ୍ଡି ଅଞ୍ଚଳରେ ୭୫ଟି ଗ୍ରାମ ଥିବାବେଳେ ଭ୍ୟାନ୍ ନଥିବାରୁ ଏ ସବୁ ଗ୍ରାମରେ ପାଟ୍ରୋଲିଂ କରିବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ ଗତ ଦୁଇ ମାସ ମଧ୍ୟରେ ପାଞ୍ଚୋଟି ଅବକାରୀ ମକଦ୍ଦମା ରୁଜୁ ହୋଇଥିବା ବେଳେ ଚାରି ଜଣଙ୍କୁ ଗିରଫ କରାଯାଇଛି। ଏବେ ସୁଦ୍ଧା ଚଢ଼ଉ ଜାରି ରହିଛି। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୧ ତାରିଖରେ ପାଟ୍ରୋଲିଂ ଭ୍ୟାନ୍ ଯୋଗାଇ ଦେବା ସଂପର୍କରେ ନୟାହାଟର ସାମ୍ବାଦିକ ରଶ୍ମି ରଞ୍ଜନ ସାହୁ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍‌ଶୀଘ୍ର ଭ୍ୟାନ୍ ଯୋଗାଇ ଦିଆଯିବ ବୋଲି ଏସ୍‌ପି କହିଥିଲେ। ତେବେ ତିନି ମାସ ବିତି ଯାଇଥିଲେ ମଧ୍ୟ ନୟାହାଟ ଫାଣ୍ଡିକୁ ପାଟ୍ରୋଲିଂ ଭ୍ୟାନ୍ ମିଳିପାରି ନାହିଁ। ଯାହା ଫଳରେ ରାତ୍ରକାଳୀନ ପାଟ୍ରୋଲିଂ ସେବା ଠପ୍ ହୋଇଯାଇଛି। ତୁରନ୍ତ ନୟାହାଟ ଫାଣ୍ଡିକୁ ଏକ ପାଟ୍ରୋଲିଂ ଭ୍ୟାନ୍ ଯୋଗାଇ ଦେବାକୁ ଦାବି ହୋଇଛି।

# ଡମ୍ଫର୍ ଧକ୍କାରେ ଦୁଇ ଛାତ୍ରୀ ଆହତ

ନୟାହାଟ,୬।୧(ସମିସ): ସୋମବାର ଅପରାହ୍ନ ୪ଟାରେ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରୁ ଦୁଇ ଜଣ ଛାତ୍ରୀ ସାଇକେଲରେ ଘରକୁ ଫେରୁଥିବା ବେଳେ ଧୂମାଳ ଗଳି ପାଖରେ ଏକ ବେଆଇନ୍ ବାଲି ବୋଝେଇ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛାତ୍ରୀ ଆହତ ହୋଇଥିବା ବେଳେ ସାଇକେଲ ସଂପୂର୍ଣ୍ଣ ଭାଙ୍ଗି ରୁଜି ଯାଇଛି। ଆହତ ଛାତ୍ରୀ ଦୁଇଜଣ ବିସୁଳିପଡା ଗ୍ରାମର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଦୈନିକ ଶହ ଶହ ବାଲି ଗାଡ଼ି ଉକ୍ତ ରାସ୍ତାରେ ବେପରୁଆ ଭାବେ ଚଳେଇବା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି।

## ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ ଦାବି

# ମାଧବ-ବାଲିଘାଇ ରାସ୍ତା ଅବରୋଧ



ଗୋପ,୬।୧(ସମିସ): ଗୋପ ବ୍ଲକ୍ ଅଧୀନ ବନ୍ତଲୀଗ୍ରାମ ପଞ୍ଚାୟତସ୍ଥିତ ଋଷିପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମାନ୍ଧାତାଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ନେଇ ଛାତ୍ରଛାତ୍ରୀ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ମଧ୍ୟାହ୍ନରେ ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ମାଧବ-ବାଲିଘାଇ ରାସ୍ତାର ଋଷିପଡ଼ା ବିଦ୍ୟାଳୟ ସମ୍ମୁଖରେ ରାସ୍ତାରେ ନିଆଁ ଜାଳି ଅବରୋଧ କରିଥିଲେ। ଦୀର୍ଘ ୨ ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିବାବେଳେ ପଥଚାରୀମାନେ ରାସ୍ତାରେ ଅଟକି ରହିଥିଲେ। ଘଟଣାସ୍ଥଳରେ ବ୍ଲକ୍ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ସୂଚନା ମୁତାବକ, ଋଷିପଡ଼ା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ପ୍ରସନ୍ନ କୁମାର ମାନ୍ଧାତା କାର୍ଯ୍ୟ କରି ଆସୁଥିବାବେଳେ ନିକଟରେ ତାଙ୍କୁ ଅନ୍ୟ ସ୍କୁଲକୁ ବଦଳି କରାଯାଇଛି। ମାତ୍ର ଆଗକୁ ମାଟ୍ରିକ୍ ପରୀକ୍ଷା ଥିବା ଓ ପ୍ରଧାନଶିକ୍ଷକଙ୍କ ଅବସର ମାତ୍ର ୪ ମାସ ଥିବାରୁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବଦଳି କରାଯାଇଥିବା ଦାବି ନେଇ ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ରାସ୍ତା ଅବରୋଧ କରିଥିଲେ। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଥିବାବେଳେ ଏହାକୁ ଛାତ୍ରଛାତ୍ରୀ ଅଭିଭାବକମାନେ ବିରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀ ବ୍ରହ୍ମା ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ବୁଝାସୁଝା କରିବା ସହ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ କରାଯାଇଥିବା ଶିକ୍ଷାଧିକାରୀ ସୂଚନା ଦେବା ପରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଧାରଣାରୁ ହଟିଥିଲେ।

# ଷଣ୍ଢ ବୋଝେଇ ଗାଡ଼ି ଜବତ



ବଳଙ୍ଗା,୬।୧(ସମିସ): ସାମବାର ପୂର୍ବାହ୍ନରେ ବଳଙ୍ଗା ଅଞ୍ଚଳରୁ ବେଆଇନ ଭାବେ ବାହାରକୁ ଷଣ୍ଢ ଚାଲାଣ କରାଯାଉଥିବା ଅଭିଯୋଗରେ ମୌଜିବେଗ କେନାଲ ବନ୍ଧ ଉପରେ ବଳଙ୍ଗା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏକ ଷଣ୍ଢ ବୋଝେଇ ଗାଡି ଜବତ କରାଯାଇଛି। ପରେ ଉଦ୍ଧାର କରାଯାଇଥିବା ୪ଟି ଷଣ୍ଢକୁ ପୁରୀସ୍ଥିତ ଗୋ-ଶାଳାରେ ଛାଡାଯାଇଥିଲା ବେଳେ ଗାଡ଼ିର ଚାଳକକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି ପୁଲିସ। ସୂଚନା ମୁତାବକ, ସୋମବାର ପୂର୍ବାହ୍ନରେ ବେଆଇନ ଭାବେ ୪ଟି ଷଣ୍ଢକୁ ଏକ ଗାଡିରେ ଲଦି ବାହାରକୁ ଚାଲାଣ କରାଯାଉଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପରେ ପୁଲିସ ଚଢ଼ଉ କରି ଏହି ଗାଡିକୁ ଜବତ କରିଥିଲା।

## ■ ଗଡ଼ଖାରଦରେ ଫଳକ ଭଙ୍ଗା ଘଟଣା

# ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏତଲା



କଣାସ,୬।୧(ସମିସ): ରବିବାର ରାତିରେ କିଛି ଦୁର୍ବୃତ୍ତ ଗଡ଼ଖାରଦରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଲୋକାର୍ପଣ ଫଳକକୁ ଭାଙ୍ଗି ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ୧୦ କୋଟି ଟଙ୍କା ବ୍ୟୟରେ ଗଡ଼ଖାରଦରୁ ଗୋପୀନାଥପୁର ୧୨ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିଲା। ଗତ ୪ ତାରିଖରେ ଏହା ଲୋକାର୍ପିତ ହୋଇଥିଲା। ତେବେ ଏହାର ଫଳକ ଭଙ୍ଗା ଘଟଣା ସଂପର୍କରେ ଜଣାପଡ଼ିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏନେଇ ଗଡ଼ିଶାଗୋଦା ଥାନାରେ ଏତଲା ଦେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ସଂପର୍କରେ ଗଡ଼ିଶାଗୋଦା ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଫଳକ ଭଙ୍ଗାଯିବା ଘଟଣା ସତ୍ୟ। ସେହି ସ୍ଥାନରୁ ଏକ ମନିପର୍ସ ମିଳିଥିବା ସେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୁଲିସ ତଦନ୍ତ ଚଳାଇଛି।

# ଫେରାର ଅଭିଯୁକ୍ତ ଗିରଫ

ବଳଙ୍ଗା,୬।୧(ସମିସ): ବଳଙ୍ଗା ଥାନାରେ ଏକ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତକୁ ଦୀର୍ଘ ୩୦ ବର୍ଷ ପରେ ରବିବାର ବିଳମ୍ବିତ ରାତିରେ ଗିରଫ କରିଛି ପୁଲିସ। ସେ ହେଲା, ଦଳଭାଣପୁର ଗ୍ରାମର ନରେନ୍ଦ୍ର ବେହେରା। ସୋମବାର ତାକୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଅଭିଯୁକ୍ତ ନାମରେ ବଳଙ୍ଗା ଥାନା ଅଞ୍ଚଳରେ ବୋମାମାଡ଼ କରି ଡକାୟତି ମାମଲା ରହିଥିବା ବେଳେ ସେ ଦୀର୍ଘ ବର୍ଷ ଧରି ଫେରାର ଥିଲା। ନରେନ୍ଦ୍ର ଶନିବାର ନିଜ ଗ୍ରାମ ଦଳଭାଣପୁର ଗ୍ରାମକୁ ଆସିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପରେ ବଳଙ୍ଗା ଥାନା ଏସ୍‌ଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ରବିବାର ବିଳମ୍ବିତ ରାତିରେ ଚଢ଼ଉ କରି ଅଭିଯୁକ୍ତ ନରେନ୍ଦ୍ରକୁ ଗିରଫ କରିଥିଲେ।

# ‘ମୋ ଆଶା’ର ଶୀତସଂଖ୍ୟା ଉନ୍ମୋଚିତ




ନିମାପଡ଼ା,୬।୧(ସମିସ): ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଉଥିବା ତ୍ରୟମାସିକ ଶିଶୁ କିଶୋର ପତ୍ରିକା “ମୋ ଆଶା’ର ଶୀତସଂଖ୍ୟା ଉନ୍ମୋଚନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆୟୋଜିତ ଏକ ବନ୍ଧୁମିଳନ ସାହିତ୍ୟ ଆସର ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ସୁଷମା ମିଶ୍ର, ଶରତ କୁମାର ନାୟକ, ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ‘ମୋ ଆଶା’ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହ ସମ୍ପାଦିକା ଉର୍ମିଳା ମହାରଣା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ରାଉତ, ଗୌରୀପ୍ରିୟା ନନ୍ଦ ପ୍ରମୁଖ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏହି ଶୀତ ସଂଖ୍ୟାରେ ଓଡ଼ିଶାର ଜଣାଶୁଣା ୩୦ ଜଣ ଲେଖକ, ଲେଖିକାଙ୍କ ଶିକ୍ଷଣୀୟ ଗଳ୍ପ ଓ କବିତା ପ୍ରକାଶ ପାଇଥିବା ବେଳେ ପିଲାମାନଙ୍କ ଚିତ୍ର ଓ ଫଟୋ ସ୍ଥାନ ପାଇଛି। ଏହି ଅବସରରେ ଲେଖକ ଓ ଲେଖିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଚାରିଛକ,୬।୧(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୯୦ ସପ୍ତମ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀମାନେ ଦୀର୍ଘଦିନ ପରେ ଏକତ୍ରିତ ହୋଇ ଭାବର ଆଦାନ ପ୍ରଦାନ କରିବା ସହିତ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ଭାସନ ତ୍ରିପାଠୀ, ରବୀନ୍ଦ୍ର କୁମାର ସାହୁ, ରମେଶ ସାହୁ, ସୁରେନ୍ଦ୍ର ବେହେରା, ଉମାକାନ୍ତ ସାହୁ, ନୃସିଂହ ଚରଣ ଓଝା, ଅଜୟ ବେହେରା, ବିଷ୍ଣୁ ପ୍ରସାଦ ସାହୁ, ଅନିରୁଦ୍ଧ ମୁଦୁଲି, ସକୁନ୍ତଳା ତ୍ରିପାଠୀ, ବିନୋଦିନୀ ଓଝା, ରଞ୍ଜନା ଶତପଥୀ, ଅକ୍ଷୟ ତ୍ରିପାଠୀ, ପ୍ରଦୀପ୍ତ ଦାସ, ପ୍ରଫୁଲ୍ଲ ସାହୁଙ୍କ ସମେତ ଶତାଧିକ ସାଙ୍ଗସାଥୀ ଯୋଗ ଦେଇଥିଲେ।

# ପ୍ରବାସୀ ଭାରତୀୟ ଦିବସ ପାଳିତ

ଡେଲାଙ୍ଗ,୬।୧(ସମିସ):



ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ସରକାରୀ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ଶିକ୍ଷା ବିଭାଗ ପକ୍ଷରୁ ପାଳିତ ଏହି କାର୍ଯ୍ୟକ୍ରମରେ ଏବିଇଓ ଲକ୍ଷ୍ମଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଏବିଇଓ ଶୁଷମା ଦାଶ, ସଂଯୁକ୍ତା ମିଶ୍ର, ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ ପ୍ରମୁଖ ଯୋଗଦେଇ ବିଦେଶରେ ରହୁଥିବା ଭାରତୀୟ ମାନଙ୍କ ସଫଳତା ଓ ଆମ ଦେଶ ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ସାଇକେଲ ଚାଳନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୨୫ ଜଣ ପ୍ରତିଯୋଗୀମାନଙ୍କ ମଧ୍ୟରୁ ୭ ଜଣ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ପବିତ୍ର ପଣ୍ଡା, କ୍ଷେତ୍ରବାସୀ ଆଳୁକ, ମନୋଜ ମହାରଣା, ଅଭିମନ୍ୟୁ ପ୍ରଧାନ, ଦୟାନିଧି ମାର୍ଥା, ଜଗନ୍ନାଥ ପରିଡା, ଲୋକନାଥ ପ୍ରଧାନ, ତପନ ମଲ୍ଲିକ୍, ଶିକ୍ଷକ ପବିତ୍ର ମୋହନ ଜେନା, ନଟବର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଡେଲାଙ୍ଗ,୬।୧(ସମିସ): ହାଟ ଡେଲାଙ୍ଗସ୍ଥିତ ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ରୂପେ ପୁରୀ ସାଂସଦ ଡ.ସମ୍ବିତ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଧନୁଷଧାରୀ ମିଶ୍ର, ନାରୀ ନେତ୍ରୀ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ବ୍ଲକ ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ଅମୀୟବାଳା କାନୁନଗୋ, ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗଦେଇ ମଣିଷ ଜୀବନରେ ଶିକ୍ଷାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ୱେତା ମିଶ୍ର ସଭା ସଂଯୋଜନା ଏବଂ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡାରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସୁବାସଚନ୍ଦ୍ର ବେହେରା, ସେମନ ଶବର, ନିରଞ୍ଜନ ନାୟକ, ଶିକ୍ଷୟିତ୍ରୀ ମୀନା ମଙ୍ଗରାଜ, ଝରଣା ଦାସ, କାଦମ୍ବିନୀ ସାହୁ, ଲିନାରାଣୀ ପ୍ରଧାନ, ବିଜୟଲକ୍ଷ୍ମୀ ଛାଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ମୃତି ସାଉଁଟିଲେ ସହପାଠୀ



ଅସ୍ତରଙ୍ଗ,୬।୧(ସମିସ): ବନ୍ଧୁତା ଆଗରେ ହାର ମାନିଛି ବୟସ। ଯାହାକୁ ଆଜି ପ୍ରମାଣିତ କରିଛନ୍ତି ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୨ ମସିହାର ପୁରାତନ ଛାତ୍ରଛାତ୍ରୀ। ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଆଲୁମିନି ଆସୋସିଏସନ୍ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଅବସରପ୍ରାପ୍ତ ପୂର୍ବତନ ଶିକ୍ଷକ ପ୍ରମୋଦ ନାୟକ, ପଣ୍ଡିତ କାଳନ୍ଦୀ ଛାଟୋଇ, କାହ୍ନୁଚରଣ ବିଶ୍ୱାଳ, ରବୀନ୍ଦ୍ର ପ୍ରଧାନ ଓ ଶ୍ୟାମାକାନ୍ତ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ଏହି ଆଲୁମିନି ସଙ୍ଘ ଏକ ସମାଜକଲ୍ୟାଣ ଅନୁଷ୍ଠାନ ଭାବେ ନିଜ ଅଞ୍ଚଳରେ ଦୁଃଖୀ ଦରିଦ୍ରଙ୍କ ସେବା କରିବାକୁ ନିଷ୍ପତ୍ତି ନେବା ସହିତ ସାଙ୍ଗ ସାଥୀଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ।



# ‘ଆମ ସଂସ୍କୃତି ଆମ ଖେଳନା’ କର୍ମଶାଳା

ଗମ୍ଭାରୀପଦା,୬।୧(ସମିସ): କାକଟପୁର ଶିକ୍ଷା ବିଭାଗ ଅନ୍ତର୍ଗତ ଗୋପିକାନ୍ତପୁର, ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଲ୍ଲିକ ଜାକିର ହୁସେନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ‘ଆମ ସଂସ୍କୃତି ଆମ ଖେଳନା’ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସହିତ ଶିକ୍ଷାର୍ଥୀମାନଙ୍କୁ ପାରମ୍ପରିକ ଖେଳନା ମାଧ୍ୟମରେ ସରଳ ପଦ୍ଧତିରେ ଶିକ୍ଷାଦାନ କରାଯାଇଥିଲା। ଆମ କଳା, ସଂସ୍କୃତିର ପ୍ରତୀକ ଭାବେ ପ୍ରସ୍ତୁତ ପଶୁପକ୍ଷୀ, ଘରକରଣା ଜିନିଷ, କଣ୍ଢେଇ ଖେଳନାଗୁଡ଼ିକୁ ଦେଖାଇ ଲୋକ ଗୀତ ମାଧ୍ୟମରେ ଉଚ୍ଚକୋଟିର ଶିକ୍ଷା ପ୍ରଦାନ ନିଶ୍ଚିନ୍ତ ରୂପେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏକ ଭିନ୍ନଧରଣର ଅନୁଭୂତି ଆଣିଥିଲା। ନିମନ୍ତ୍ରିତ ପ୍ରଶିକ୍ଷକ ଭାବେ ସ୍ୱର୍ଣ୍ଣଲତା ତ୍ରିପାଠୀ ଯୋଗଦେଇ ଅଭିନୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦେଇଥିଲେ। ସହାୟକ ଶିକ୍ଷକ ହୃଦାନନ୍ଦ ଶାସମଲ, ମାନସ ରାୟ, ରୋଜିନା ଖାତୁନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ କର୍ମଶାଳା ପରିଚାଳନା କରାଯାଇଥିଲା।

# ସତ୍ୟବାଦୀ ବ୍ଲକ୍‌ରେ ଖୋଲୁନି ଧାନମଣ୍ଡି

ସାକ୍ଷୀଗୋପାଳ,୬।୧(ସମିସ):

> ➤ ଅଧିକାରୀଙ୍କ ପାଖରେ ନାହିଁ ସୂଚନା
> ➤ ଶାଗମାଛ ଦରରେ ଧାନ ବିକୁଛନ୍ତି ଚାଷୀ

ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ଥିବା ୧୬ଟି ସମବାୟ ସମିତି ଓ ଗୋଟିଏ ମହିଳା ଗୋଷ୍ଠୀ ଧାନ କିଣିବା ପାଇଁ ସ୍ଥିର ହୋଇଛି। ମାତ୍ର ସତ୍ୟବାଦୀ ବ୍ଲକରେ କେବେ ଧାନମଣ୍ଡି ଖୋଲିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରୁ ନାହିଁ। ଅନ୍ୟପକ୍ଷରେ କୌଣସି ଅଧିକାରୀଙ୍କ ପାଖରେ ଏ ସମ୍ପର୍କରେ ସୂଚନା ନାହିଁ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ବହୁ ଶୀଘ୍ର ଧାନମଣ୍ଡି ଖୋଲିବେ ବୋଲି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀମାନଙ୍କୁ ଧାନ ବିକ୍ରୟ କରିବା ସମୟରେ ସରକାରଙ୍କ ଧାର୍ଯ୍ୟ ନିୟମ ପାଳନ କରିବା ପାଇଁ ସଚେତନତା ରଥ ବୁଲାଇଥିଲେ। ସେଥିପାଇଁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇଥିଲା। ସେହିପରି ଧାନ କ୍ରୟ କରୁଥିବା ସମବାୟ ସମିତି କାର୍ଯ୍ୟାଳୟକୁ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରତିବର୍ଷ ପାଲ, ଓଜନ ମେସିନ ସହିତ ଅନ୍ୟ ସାମଗ୍ରୀଗୁଡିକ ଯୋଗାଣ କରାଯାଉଛି। ମାତ୍ର ଧାନ କିଣା ବିକା ସରିଯିବା ପରେ ଉକ୍ତ ପାଲଗୁଡିକ କୁଆଡେ ଯାଉଛି ସେ ସମ୍ପର୍କରେ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକଙ୍କ ପାଖରେ କୌଣସି ସୂଚନା ନାହିଁ।

ସେହିପରି ଏଫଏକ୍ୟୁ ମାନର ଧାନ ନିର୍ଦ୍ଧାରଣ ପାଇଁ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିକୁ ବିଭିନ୍ନ ମେସିନ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ମାତ୍ର ସେଗୁଡିକ ଏଠାରେ ପଡି ପଡି ଖତ ଖାଇବ ଏଥିରେ କଣସି ସନ୍ଦେହ ନାହିଁ ବୋଲି ଚାଷୀ ରମେଶ ପରିଡା, ନବଘନ ଦାସ, ଅବନୀ ରାଉତ ପ୍ରମୁଖ କହିଛନ୍ତି। ଏଠାରେ ଚାଷୀମାନେ ଦର ତାଲିକା ଜାଣିବା ପାଇଁ ବୋର୍ଡ ଲାଗିଥିଲା। ତାହା ଏବେ ଅଚଳ ହୋଇ ନଷ୍ଟ ହେଉଛି। ଅନ୍ୟପକ୍ଷରେ ଚାଷୀମାନେ ନାମ ପଞ୍ଜୀକରଣ କରିବା ପରେ ଏବେ ସେମାନଙ୍କୁ ଧାନ ବିକ୍ରୟ କରିବା ପାଇଁ ତାରିଖ ପଳାଇ ଆସିଲାଣି। ତେବେ ଧାନମଣ୍ଡି ନ ଖୋଲିବାରୁ ଏବେ ଧାର୍ଯ୍ୟ ହୋଇଥିବା ଦିନ କମି କମି ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନମଣ୍ଡି ନ ଖୋଲିବାରୁ ବେପାରୀମାନେ ଗାଁ ଗଣ୍ଡାରୁ ଶାଗମାଛ ଦରରେ ଧାନ କିଣୁଛନ୍ତି। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଜିତେନ୍ଦ୍ରୁ ଦାଶଙ୍କୁ ଧାନମଣ୍ଡି ଖୋଲିବା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ସେ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ। ଅନ୍ୟପକ୍ଷରେ ସତ୍ୟବାଦୀ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରେ ଧାନମଣ୍ଡି କେବେ ଖୋଲିବ ସେନେଇ ତାଙ୍କ ପାଖରେ କୌଣସି ସୂଚନା ନଥିବା କହିଛନ୍ତି।

## ● ୨୯ତମ ନିମାପଡ଼ା କପ୍ କ୍ରିକେଟ୍

# ସେମିରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ




ନିମାପଡ଼ା,୬।୧(ସମିସ): ସ୍ଥାନୀୟ ବାରବାଟୀ ପଡ଼ିଆରେ ପ୍ରଥମ ତାପସ ଦାସ ମେମୋରିଆଲ ଓ ୨୯ତମ ନିମାପଡ଼ା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନରେ ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ଓ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଟସ୍ ଜିତି ଆଲ୍‌ଫା ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରିବା ସହ ୧୯୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ସାରାଂଶଙ୍କ ଶତକ ବଳରେ ରାମେଶ୍ୱର ସ୍ପୋର୍ଟିଂ ଚାରି ୱିକେଟ ହରାଇ ୧୯୫ ରନ୍ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସାରାଂଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌କୁ ତ୍ରିଭୁବନ ନାଥ ଦାଶ ଓ ନିର୍ମଳ କୁମାର ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ, କାଉନସିଲର ରାଜକିଶୋର ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଶୁଭାଶିଷ ରାଉତରାୟ, ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଆସନ୍ତାକାଲି(ମଙ୍ଗଳବାର) ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ଓ ମାଷ୍ଟର୍ସ କ୍ଲବ, କଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

୬/୧/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୬,୪୩୨/- ସୁନା: ୧୦.୧୦୦ ଗ୍ରାମ୍ ରୁପା: ୬୭.୧୦୦ ଗ୍ରାମ୍

ଆଜିଠୁ ପୁରୀ ବିଚ୍ ଫେଷ୍ଟିଭାଲ

# ନୀଳାଦ୍ରି ବିଚ୍‌ରେ ମନମୋହିବ ଆକର୍ଷଣୀୟ କଳାକୃତି











ପୁରୀ,୬।୧(ସମିସ)

ଆସନ୍ତା ବୁଧବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ ପ୍ରବାସୀ ଭାରତୀୟ ଦିବସ। ହେଲେ ସମସ୍ତଙ୍କର ପସନ୍ଦର ସ୍ଥାନ ପୁରୀକୁ ଆସିଲେଣି ପ୍ରବାସୀ ଭାରତୀୟ। ଏଥିପାଇଁ ସଜେଇ ହୋଇଛି ପୁରୀ। ପ୍ରବେଶ ପଥ ଅଠରନଳାଠାରୁ ଆରମ୍ଭ କରି ଭିଆଇପି ରୋଡ୍, ସମୁଦ୍ରକୂଳ, ଶ୍ରୀମାର୍ଗ ଏବଂ ବଡ଼ଦାଣ୍ଡ ବିଭିନ୍ନ ରଙ୍ଗୀନ ଆଲୁଅରେ ଝଲସୁଛି।

ପ୍ରବାସୀ ଭାରତୀୟଙ୍କ ପୁରୀ ଆଗମନକୁ ନଜରରେ ରଖି ପୁରୀ ସହରକୁ ଆକର୍ଷଣୀୟ ଢଙ୍ଗରେ ସଜା ଯାଇଛି। ଅଠରନଳା, ଭିଆଇପି ରୋଡ, ସମୁଦ୍ରକୂଳ, ଶ୍ରୀମାର୍ଗ, ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ଚାରିପାଖରେ ଆକର୍ଷଣୀୟ ଏଲଇଡି ଲାଇଟ୍ ଲଗାଯାଇଛି। ଫଳରେ ସନ୍ଧ୍ୟା ସମୟରେ ଏକ ନିଆରା ଅନୁଭୂତି ପ୍ରଦାନ କରୁଛି। ଅନ୍ୟପକ୍ଷରେ ଜିଲ୍ଲାର ଯେଉଁସବୁ ଦର୍ଶନୀୟ ସ୍ଥାନଗୁଡିକୁ ପ୍ରବାସୀ ଭାରତୀୟ ଯିବେ ସେଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ପ୍ରବାସୀ ଭାରତୀୟଙ୍କୁ ଓଡ଼ିଶାର କଳା ସଂସ୍କୃତିର ଝଲକ ଦେଖାଇବା ପାଇଁ ବେଳାଭୂମିରେ ବିଚ୍ ଫେଷ୍ଟିଭାଲ ଆୟୋଜନ କରାଯାଇଛି। ନୃତ୍ୟଗୀତରେ ଝୁମିବ ପୁରୀ। ବେଳାଭୂମିର ବିଭିନ୍ନ ସ୍ଥାନରେ ଏଥିପାଇଁ ମଞ୍ଚ, ସାଜସଜ୍ଜା ଏବଂ ଆକର୍ଷଣୀୟ କଳାକୃତି ପ୍ରସ୍ତୁତ କରାଯାଉଛି। ୭ରୁ ୧୦ ତାରିଖ ତାରିଖ ପର୍ଯ୍ୟନ୍ତ ବିଚ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ମଙ୍ଗଳବାର ବେଳାଭୂମି ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନେକ ନେତା, ମନ୍ତ୍ରୀ ଯୋଗଦେବେ। ବେଳାଭୂମି ମହୋତ୍ସବରେ ବହୁ ନାମିଦାମୀ କଣ୍ଠଶିଳ୍ପୀ ନିଜର ସୁମଧୁର ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିବାବେଳେ ମଞ୍ଚ ଉପରେ ଦେଖିବାକୁ ମିଳିବ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ପାରମ୍ପରିକ ନୃତ୍ୟ ଓ କଳା ସଂସ୍କୃତି। ପ୍ରମୁଖ ଆକର୍ଷଣ ସାଜିବେ ଅନୁରାଧା ପୋଡୱାଲ, ସ୍ୱୟମ୍ ପାଢୀ, ଋତୁରାଜ ମହାନ୍ତି, ବର୍ଣ୍ଣାଳୀ ହୋତା ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍। ଏଥିସହ ଓଡ଼ିଶାର ବିଭିନ୍ନ ଲୋକକଳା, ଲୋକବାଦ୍ୟ ସାଙ୍ଗକୁ ବେଳାଭୂମିରେ ଫୁଡ୍‌କୋର୍ଟ, ହସ୍ତଶିଳ୍ପ ବଜାର, ବିଚ୍ ସ୍ପୋର୍ଟ୍ସ, କାଇଟ୍ ଫେଷ୍ଟିଭାଲ, ପୁଷ୍ପ ପ୍ରଦର୍ଶନୀ ଏବଂ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ। ପ୍ରବାସୀ ଭାରତୀୟମାନେ ଯେଭଳି ଏକ ସୁଖଦ ଅନୁଭୂତି ନେଇ ପୁରୀରୁ ଫେରିବେ ତା'କୁ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି।

ତେବେ ନୀଳାଦ୍ରି ବିଚ୍‌ରେ ପ୍ରସ୍ତୁତ କରାଯାଉଛି ନିଆରା କଳାକୃତି। 'ପ୍ଲାଷ୍ଟିକ ରାକ୍ଷସ କବଳରୁ ସମୁଦ୍ରକୁ ମୁକ୍ତି ଦେବା' ଭଳି ଏକ ଯୁଗୋପଯୋଗୀ ଏବଂ ସୁନ୍ଦର ଥିମ୍‌କୁ ନେଇ ଶିଳ୍ପୀମାନେ ବେଶ୍ ଆକର୍ଷଣୀୟ ଭାବେ ବିଭିନ୍ନ ପ୍ରକାର ଭାସ୍କର୍ଯ୍ୟ ପ୍ରସ୍ତୁତ କରୁଛନ୍ତି। ବିଶେଷକରି ସମୁଦ୍ରରେ ଭାସି ଆସୁଥିବା ଆବର୍ଜନା, ମୁଖ୍ୟତଃ ପ୍ଲାଷ୍ଟିକ ଆଦିକୁ ବ୍ୟବହାର କରି ତିଆରି ଚାଲିଛି କଙ୍କଡ଼ା, ମାଛ, କଇଁଛ, ଜେଲିଫିସ୍ ସାଙ୍ଗକୁ କୁଡୁଆ ଆଦି ୧୧ ପ୍ରକାର ଭାସ୍କର୍ଯ୍ୟ। ୧୧ ଜଣ ଶିଳ୍ପୀ ଏବଂ ତାଙ୍କ ସହଯୋଗୀମାନେ ଏହାକୁ ତିଆରି କରୁଛନ୍ତି। ବରୁଣ ରାଜାଙ୍କର ଏକ ନିଆରା ଭାସ୍କର୍ଯ୍ୟ ପ୍ରବାସୀ ଭାରତୀୟଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି କହିଛନ୍ତି ଶିଳ୍ପୀ।

**ନୃତ୍ୟଗୀତରେ ଝୁମିବ ପୁରୀ, ଦେଖିବେ ପ୍ରବାସୀ ଭାରତୀୟ**

୨୦୨୫ର ଭୋଟର ତାଲିକା ପ୍ରକାଶିତ

## ଜିଲ୍ଲାରେ ୩୫, ୯୭୪ ନୂଆ ଭୋଟର

ପୁରୀ,୬।୧(ସମିସ): ପୁରୀ ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବାପେକ୍ଷା ବଢିଛନ୍ତି ୩୫,୯୭୪ ଭୋଟର। ଏଥିରେ ୧୮ରୁ ୧୯ ବର୍ଷ ବୟସର ଭୋଟରଙ୍କ ସଂଖ୍ୟା ୨୦,୬୪୨ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ। ସୋମବାର ସର୍କିଟ ହାଉସ୍‌ଠାରେ ୨୦୨୫ର ଭୋଟର ତାଲିକା ପ୍ରକାଶିତ ହୋଇଛି। ଏହାକୁ ପ୍ରକାଶନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏକ ସୁଦୃଢ ଗଣତନ୍ତ୍ର ପାଇଁ ମତଦାନ ଯେତିକି ଜରୁରୀ ସୁସ୍ଥ ଓ ସଠିକ ଭୋଟର ତାଲିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମସ୍ତ ନୂତନ ଭୋଟରଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରିଥିଲେ।

ପୂର୍ବରୁ ଜିଲ୍ଲାର ଭୋଟର ସଂଖ୍ୟା ୧୩,୯୦,୨୮୨ ଥିବାବେଳେ ନୂତନ ଭୋଟର ତାଲିକାରେ ୧୪,୨୬,୨୫୬ ଭୋଟର ରହିଛନ୍ତି। ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୭,୩୦,୨୮୫ ମହିଳା ଭୋଟରଙ୍କ ସଂଖ୍ୟା ୬,୯୫,୮୮୩ ଓ ଅନ୍ୟାନ୍ୟ ୮୮ ଜଣ ରହିଛନ୍ତି। କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୦ଟି ବୁଥିରେ ୨,୪୬,୪୯୬, ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୦ ବୁଥିରେ ୨,୪୮,୯୬୬, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୦ ବୁଥିରେ ୨,୪୪,୭୯୧, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୧ ବୁଥିରେ ୨,୩୦,୨୭୫, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୪ ବୁଥିରେ ୨,୧୬,୩୯୮ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୪ଟି ବୁଥିରେ ୨,୩୯,୩୩୦ ଜଣ ଭୋଟର ରହିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ୯,୮୬୦ ମୃତ ଓ ସ୍ଥାନାନ୍ତର ଇତ୍ୟାଦି ଭୋଟରଙ୍କୁ ବାଦ୍ ଦିଆଯାଇଛି। ଭୋଟର ତାଲିକାରେ ୨୦ରୁ ୨୯ ବର୍ଷ ବୟସ୍କଙ୍କ ସଂଖ୍ୟା ୨,୫୭,୪୨୫, ୩୦ରୁ ୩୯ ବର୍ଷର ୨,୯୭,୬୮୮, ୪୦ରୁ ୪୯ ବର୍ଷର ୩,୧୭,୫୧୨, ୫୦ରୁ ୫୯ ବର୍ଷର ୨,୩୪,୧୩୪, ୬୦ରୁ ୬୯ ବର୍ଷର ୧,୬୬,୦୨୨, ୭୦ରୁ ୭୯ ବର୍ଷର ୮୯,୦୪୨, ୮୦ରୁ ୮୯ ବର୍ଷର ୩୫,୨୯୯, ୯୦ରୁ ୯୯ ବର୍ଷର ୭,୮୪୯ ଓ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ୬୪୩ ଭୋଟର ରହିଛନ୍ତି ବୋଲି ଡେପୁଟି କଲେକ୍ଟର (ନିର୍ବାଚନ) ମନୀଷା ଷଡ଼ଙ୍ଗୀ ସୂଚନା ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ଓ ନିର୍ବାଚନ ବିଭାଗ କର୍ମଚାରୀ ଯୋଗଦେଇଥିଲେ।

# ଚିଲିକା କୋଳରେ ଶୁଭୁନି ପକ୍ଷୀଙ୍କ କଳରବ

ପୁରୀ,୬।୧(ସମିସ)



ବିବିଧ ସଙ୍ଗଠନର ସ୍ୱତନ୍ତ୍ର ଅଭିଯାନ 'ଫେରିଆସ ପକ୍ଷୀ'

ସୌନ୍ଦର୍ଯ୍ୟରାଣୀ ଚିଲିକା। କାହା ପାଇଁ ସୌନ୍ଦର୍ଯ୍ୟର ଗନ୍ତାଘର ତ ଆଉ କାହା ପାଇଁ ବୈଚିତ୍ରମୟ ଜୈବ ବିବିଧତାର ବିରଳ ଭଣ୍ଡାର। ପ୍ରକୃତିପ୍ରେମୀଙ୍କ ପାଇଁ ସେ ପ୍ରକୃତିରାଣୀ। ପୁଣି ଆଖପାଖ ଲୋକଙ୍କ ପାଇଁ ସେ ହେଉଛି 'ମାଆ'। ଏମିତି ଅନେକ ଅଳଙ୍କାରର ଅଧିକାରିଣୀ ଚିଲିକା ଶୀତ ପଡିଲେ ସବୁଠୁ ଅଧିକ ସୁନ୍ଦର ଲାଗିଥାଏ। ବିଦେଶାଗତ ପକ୍ଷୀଙ୍କ କଳରବରେ ପୁଲକିତ ହୋଇଉଠନ୍ତି ପ୍ରକୃତିପ୍ରେମୀ, ପରିବେଶବିତ ଆଉ ପର୍ଯ୍ୟଟକ। ଏବେ ଶୀତ ଆସୁଛି ସତ ହେଲେ ଚିଲିକା କୋଳକୁ ଆଉ ଆସୁନାହାନ୍ତି ପୂର୍ବଭଳି ବିଦେଶାଗତ ପକ୍ଷୀ। ମରାଳ ମାଳିନୀ ନୀଳାମ୍ବୁ ଚିଲିକା ବକ୍ଷ ଏବେ ଏକପ୍ରକାର ଖାଁ ଖାଁ ଲାଗୁଛି। କୁଆଡେ ଗଲେ ଏହି ପକ୍ଷୀ, ଆଉ ଏଥିପାଇଁ ଦାୟୀ କିଏ?। ଏହି ପ୍ରଶ୍ନ ଏବେ ପ୍ରକୃତିପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଥିବା ବେଳେ ପୁଣି ଚିଲିକାକୁ କିପରି ପକ୍ଷୀ ଫେରିବେ ତାକୁ ନେଇ ବିଭିନ୍ନ ସଙ୍ଗଠନ ଆରମ୍ଭ କରିଛନ୍ତି ସ୍ୱତନ୍ତ୍ର ଅଭିଯାନ 'ଫେରିଆସ ପକ୍ଷୀ।' ଚିଲିକା କିପରି ଏହାର ପୂର୍ବାବସ୍ଥାକୁ ଫେରିବ ସେଥିଲାଗି ରବିବାର ଏହାର ତଟବର୍ତ୍ତୀ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରିବା ଲାଗି ଆହ୍ୱାନ ଦିଆଯାଇଥିଲା 'ଫେରିଆସ ପକ୍ଷୀ'।

ମରାଳମାଳିନୀ ଚିଲିକାର ଆଦ୍ରଭୂମିରେ ଶିକାରୀଙ୍କ ପ୍ରବେଶ, ଜାଲିଘେରି, ଜବରଦଖଲ, ଡିଜେଲ ଚାଳିତ ମୋଟର ବୋଟର କର୍କଶ ଶବ୍ଦ, ଅନେକ ଛୋଟ ବନ୍ଧ ନିର୍ମାଣ ବିଶେଷକରି ପର୍ଯ୍ୟଟକଙ୍କ ଦ୍ୱାରା ଫିଙ୍ଗା ଯାଉଥିବା ବର୍ଜ୍ୟବସ୍ତୁରେ ଆସ୍ତେ ଆସ୍ତେ ପୋତିହେବା ସହ ପଙ୍କିଳ ହୋଇପଡିଲାଣି ଚିଲିକା। ଏହାର ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ପୁଣି ପକ୍ଷୀ ଶିକାରୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେଲାଣି। ଏହିସବୁ କାରଣ ପାଇଁ ଦେଶ ବିଦେଶରୁ ଶୀତରେ ଆସୁଥିବା ପକ୍ଷୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି। ତଥ୍ୟ ଅନୁଯାୟୀ, ବିଶ୍ୱରୁ ବାର୍ଷିକ ପ୍ରାୟ ଚାରିହଜାର ପ୍ରଜାତିର ପକ୍ଷୀ ପ୍ରବାସନ ପାଇଁ ରାଜସ୍ଥାନର ଭରତପୁର ପକ୍ଷୀ ଅଭୟାରଣ୍ୟ, କେରଳର କୁମାରକୋମ୍, ଗୁଜରାଟର କଛ, ଓଡ଼ିଶାର ଚିଲିକା ହ୍ରଦ ଓ ଗୋଆର ସଲିମ ଅଲ୍ଲୀ ପକ୍ଷୀ ଅଭୟାରଣ୍ୟକୁ ଆସିଥାନ୍ତି। ସେଥିମଧ୍ୟରୁ ଚିଲିକାର ଆଦ୍ରଭୂମି ପ୍ରତି ଆକୃଷ୍ଟ ହୋଇ ୨୫ ବର୍ଷ ତଳେ ଓଡ଼ିଶାକୁ ଆସୁଥିଲେ ୩୫୦ ପ୍ରଜାତିର ବିଦେଶାଗତ ପକ୍ଷୀ। ଚିଲିକାର ଲବଣ ଓ ମଧୁର ଜଳରେ ସୃଷ୍ଟ କ୍ଷାରଜଳ, ବିଶାଳ ବୃକ୍ଷ, ସୁନ୍ଦର ଜଙ୍ଗଲ ଓ ଛୋଟମାଛ, ଜିଆ ଓ ପୋକ ସେମାନଙ୍କୁ ପ୍ରଜନନରେ ସହଯୋଗ କରୁଥିଲା। ଯେଉଁଥିପାଇଁ ସେମାନେ ହଜାର ହଜାର କିଲୋମିଟର ଦୂର ସାଇବେରିଆ, ଇରାନ, ଇରାକ, ଚୀନ, ଜାପାନ ଏପରିକି ଆଫଗାନିସ୍ତାନରୁ ଉଡି ଆସୁଥିଲେ ଚିଲିକା କୋଳକୁ। ଏବେ ଚିଲିକା ଭିତରେ ବିକାଶ ନାମରେ ଶହ ଶହ ବୃକ୍ଷକଟା, କଂକ୍ରିଟ ତଥା ନିର୍ମାଣର ବର୍ଜ୍ୟବସ୍ତୁ, ପର୍ଯ୍ୟଟକଙ୍କ ପିକନିକ୍ ଓ ଭ୍ରମଣରେ ବ୍ୟବହାର ଏବଂ ପରିତ୍ୟକ୍ତ ପଲିଥିନ୍ ଓ ପ୍ଲାଷ୍ଟିକ, ଚିଙ୍ଗୁଡି ଚାଷର ଘେରିବନ୍ଧ କାରଣରୁ ଅନେକଙ୍କ ଜବରଦଖଲରେ ଅଣନିଶ୍ୱାସୀ ଏବେ ଚିଲିକାରାଣୀ। ପଙ୍କିଳ ଚିଲିକାର ଗଭୀରତା ବି ଖସିଗଲାଣି। ପକ୍ଷୀଙ୍କ ଆଗମନ ଯଥେଷ୍ଟ କମିଗଲାଣି। ୨୦୦୦ ମସିହାରେ ଏହାର ସଂଖ୍ୟା ୧୫ ଲକ୍ଷ ୪୯ହଜାର ଥିବା ବେଳେ ୨୦୨୧ବେଳକୁ ଏହା ୧୨ଲକ୍ଷ ୪୨ହଜାର ୮୨୬ ଓ ୨୦୨୪ ବେଳକୁ ଏହାର ସଂଖ୍ୟା ୧୧ ଲକ୍ଷ ୩୭ ହଜାର ୭୫ ହଜାରକୁ ଚାଲିଆସିଛି। କେବଳ ଏତିକି ନୁହେଁ, ଏବେ ୩୫୦ ପ୍ରଜାତିର ପକ୍ଷୀ ବଦଳରେ ଫ୍ଲେମିଙ୍ଗୋ, ପିନଟେଲ, ଗିଜ୍, ଗଡଉଇଟ, ବ୍ଲାକବକ୍ ଓ ଗୋଲ୍‌ଡେନ ଜ୍ୟାକେଲ ଭଳି ପକ୍ଷୀଙ୍କ ପ୍ରଜାତି ୧୮୪କୁ ଖସି ଆସିଛି।

ଏହାକୁ ଲକ୍ଷ୍ୟ କରି ଓଡ଼ିଶା ଯୁବ ଚେତନା ସଙ୍ଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଚିଲିକା ତଟବର୍ତ୍ତୀ ଅଧିବାସୀ ଓ ପର୍ଯ୍ୟଟକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା "ଫେରିଆସ ପକ୍ଷୀ' କାର୍ଯ୍ୟକ୍ରମ। ଏଥିରେ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ଶିବରାମ ପ୍ରଧାନ, ଜାତୀୟ ମିଡିଆ ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ପକ୍ଷରୁ ସଭାପତି ରଶ୍ମୀରଞ୍ଜନ ଦାଶ, ଗଙ୍ଗା ନାରାୟଣ ନନ୍ଦ, ମାନସ ମହାପାତ୍ର, ରଞ୍ଜନ ସାହୁ ଓ ଦୀପକ ଜେନା, ଭକ୍ତି ନିର୍ମାଲ୍ୟ ପକ୍ଷରୁ ସମ୍ପାଦକ ରାଜେନ୍ଦ୍ର ମିଶ୍ର, ନିର୍ମାଲ୍ୟ ପକ୍ଷରୁ ସମ୍ପାଦକ ଅଧ୍ୟାପକ ବିଶ୍ୱନାଥ ମିଶ୍ର, ହେମନ୍ତ ନାୟକ, କଳିଙ୍ଗ ବୈଶ୍ୟ ଯୁବକ ସେବାସଂଘ ପକ୍ଷରୁ ଅଧ୍ୟକ୍ଷ କେଦାରନାଥ ମହାପାତ୍ର, ଗୋବିନ୍ଦ ପାତ୍ର ଓ ସୌମ୍ୟରଞ୍ଜନ ପାତ୍ର, ନିଖିଳ ଉତ୍କଳ ଶୁଣ୍ଢି ସମାଜ ପୁରୀ ଜିଲ୍ଲା ସଭାପତି ଅନୀଲ କୁମାର ସାହୁ, ଡଲ୍‌ଫିନ ମୋଟର ବୋଟ ଆସୋସିଏସନ ସାତପଡାର କୃତିବାସ ଦଳେଇ ଓ ଯୋଗେଶ ଦଳେଇ ଏଥିରେ ସାମିଲ ହୋଇଥିଲେ। ଓଡ଼ିଶାର ବିକାଶ ପାଇଁ ସଂକଳ୍ପବଦ୍ଧ କହୁଥିବା ସରକାର ଚିଲିକାର ପରିବେଶ ସୁରକ୍ଷା କରି ପକ୍ଷୀମାନଙ୍କୁ ଚିଲିକାକୁ ଆକର୍ଷିତ କରିବା ପାଇଁ ପକ୍ଷୀ ଉତ୍ସବ ଆୟୋଜନ କରିବା ପାଇଁ ଏହି ଅନୁଷ୍ଠାନମାନେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଫେରିଆସ ପକ୍ଷୀ ଆହ୍ୱାନ ନେଇ ଚିଲିକା ସଂଲଗ୍ନ ମଙ୍ଗଳାଯୋଡ଼ି, ବଉଳାବନ୍ଧ ଓ ନଇରୀରେ ସଚେତନତା ଶୋଭାଯାତ୍ରା କରାଯିବା ବୋଲି ଅନୁଷ୍ଠାନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି।

● ନଦୀପଠାରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼଼ଉ

## ୧୫ ଗିରଫ; ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ

ପୁରୀ,୬।୧(ସମିସ): ପୁରୀ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଚନ୍ଦନପୁର ଥାନା ଅନ୍ତର୍ଗତ ଭାର୍ଗବୀ ନଦୀପଠାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼଼ଉ କରାଯାଇ ୧୫ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ୭/୮ଟି ବାଇକ୍ ସହ ଜୁଆ ଖେଳର ସାମଗ୍ରୀ ଜବତ ହୋଇଛି। ଗିରଫ ଯୁବକମାନଙ୍କୁ ଚନ୍ଦନପୁର ଥାନା ପୁଲିସ ପଚରାଉଚରା କରୁଛି। ଦୀର୍ଘଦିନ ହେବ ଭାର୍ଗବୀ ନଦୀପଠାରେ ଜୁଆ ଖେଳ ଚାଲିଥିଲା। ପୁଲିସ ପାଖରେ ସୂଚନା ଥିବାବେଳେ ସେମାନଙ୍କୁ ଧରିବା ଲାଗି ପ୍ରସ୍ତୁତ ହୋଇଥିଲା ଯୋଜନା। ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ଅଧିକାରୀ, ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ଟିମ୍ ସୋମବାର ଅପରାହ୍ଣରେ ସେଠାରେ ଚଢଉ କରିଥିଲା। ହଠାତ୍ ପୁଲିସକୁ ଦେଖି ପଳାଇଯିବାକୁ ଉଦ୍ୟମ କରିଥିଲେ ଜୁଆଡିମାନେ। ହେଲେ ପୁଲିସ ସେମାନଙ୍କ ମଧ୍ୟରୁ ୧୫ ଜଣକୁ କାବୁ କରିବାକୁ ସକ୍ଷମ ହୋଇଥିଲା। ଯୁବକମାନଙ୍କଠାରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ବେଳେ ଜୁଆ ସାମଗ୍ରୀ ମଧ୍ୟ ଜବତ କରିଛି ପୁଲିସ। ସମସ୍ତ ଅଭିଯୁକ୍ତଙ୍କୁ ଚନ୍ଦନପୁର ଥାନାକୁ ଅଣାଯାଇଥିଲା।

● ଡକାୟତି ଯୋଜନା ପଣ୍ଡ

## ୫ ଗିରଫ; ମାରଣାସ୍ତ୍ର ଜବତ

ପୁରୀ,୬।୧(ସମିସ): ଗୋଟିଏ ଜାଗାରେ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ସେଠାରେ ଚଢ଼଼ଉ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଘୋଡାବଜାର ଷ୍ଟେସନ ରୋଡର ଚନ୍ଦନ ନାୟକ, କାର୍ତ୍ତିକ ନାୟକ, ବାଲିନୋଳିଆ ସାହି ରାଜମା ସାହିର ମାନସ କୁମାର ବେହେରା, ଦୋଳବେଦୀ କୋଣ ନୂଆପାଟଣା ସାହିର ସନ୍ତୋଷ ରାଉତ ଓ ଗୋଖା ସାହିର ଦୀପୁ ବେହେରା। ଅଭିଯୁକ୍ତମାନେ ଜଗନ୍ନାଥ ବଲ୍ଲଭରେ ବସି ଡକାୟତି ଯୋଜନା କରୁଥିଲେ। ଖବର ପାଇ ପୁଲିସ ଚଢାଉ କରିଥିଲା। ପୁଲିସକୁ ଦେଖି ସେମାନେ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ସେମାନଙ୍କ ନିକଟରୁ ଲୁହାରଡ଼, କଟୁରୀ, ଛୁରି ପ୍ରଭୃତି ମାରଣାସ୍ତ୍ର ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଆମରଣ ଅନଶନ କରିବେ ଉଠାଦୋକାନୀ



ପୁରୀ,୬।୧(ସମିସ): ଦୀର୍ଘ ୭୨ ଦିନ ହେବ ବଡ଼ଦାଣ୍ଡରେ ଉଠାଦୋକାନୀମାନେ ଧାରଣା ଦେଇଛନ୍ତି। ପ୍ରତିଶ୍ରୁତି ମୁତାବକ ପ୍ରଶାସନ ସେମାନଙ୍କ ଦାବି ପୂରଣ କରୁନାହିଁ। ଏହାର ପ୍ରତିବାଦରେ ନିର୍ଜଳା ଉପବାସ ରହି ଆମରଣ ଅନଶନ କରିବେ ବୋଲି ଧମକ ଦେଇଛନ୍ତି ଉଠାଦୋକାନୀ। ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଠାଦୋକାନୀମାନେ କହିଥିଲେ, ପ୍ରାୟ ୧୪ ମାସ ହେବ ସେମାନଙ୍କୁ ବଡ଼ଦାଣ୍ଡରୁ ଉଚ୍ଛେଦ କରିଦିଆଯାଇଛି। ଉଚ୍ଛେଦ ବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପାଳନ କରାଯାଇ ନାହିଁ। ଦୁଇମାସ ମଧ୍ୟରେ ଚିହ୍ନଟ ଶ୍ରୀସେତୁ ନିକଟରେ ଭିତ୍ତିଭୂମି ସ୍ଥାପନ କରାଯାଇ ସେଠାକୁ ସ୍ଥାନାନ୍ତର କରାଯିବ ଏବଂ ସ୍ଥାନାନ୍ତର ନ ହେବା ପର୍ଯ୍ୟନ୍ତ ମାସିକ ଆର୍ଥିକ ସହାୟତା ଦିଆଯିବ। ହେଲେ ଏହି ପ୍ରତିଶ୍ରୁତି ପାଳନ କରାଯାଇ ନ ଥିବାରୁ ଉଠାଦୋକାନୀମାନେ ଆସନ୍ତା ୮, ୯ ଓ ୧୦ ତାରିଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ବେଙ୍ଗାଲୁରୁରେ ପୁଣି ଚାଞ୍ଚଲ୍ୟ

## ଦୁଇ ସନ୍ତାନଙ୍କୁ ହତ୍ୟାକରି ଦମ୍ପତିଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୬।୧(ଏଜେନ୍ସି): ବେଙ୍ଗାଲୁରର ବହୁ ଚର୍ଚ୍ଚିତ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ପୁଣି ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଏଠାରେ ରହୁଥିବା ୩୮ ବର୍ଷୀୟ ସଫ୍ଟୱେୟର ଇଞ୍ଜିନିୟର ଦମ୍ପତି ନିଜ ଦୁଇ ସନ୍ତାନଙ୍କୁ ମାରି ଆତ୍ମହତ୍ୟା କରିଛନ୍ତି। ଏହି ଦମ୍ପତି ସେମାନଙ୍କ ୫ ବର୍ଷୀୟ ଝିଅ ଓ ୨ ବର୍ଷର ପୁଅକୁ ପ୍ରଥମେ ବିଷ ଦେଇ ମାରିଦେବା ପରେ ନଜେ ଫାଶୀ ଲଗାଇ ଝୁଲିପଡ଼ିଛନ୍ତି। ବନ୍ଦ ଘର ଭିତରୁ ପୁଲିସ ୪ ଜଣଙ୍କ ମୃତଦେହ ଉଦ୍ଧାର କରିବା ପରେ ତଦନ୍ତ ଆରମ୍ଭ କରିଛି। ପୁଲିସ ଉଭୟ ହତ୍ୟା ଏବଂ ଆତ୍ମହତ୍ୟା ମାମଲାକୁ ନେଇ ତଦନ୍ତ କରୁଛି। ବନ୍ଦ ଘର ଭିତରୁ ୩୮ ବର୍ଷୀୟ ଅନୂପ କୁମାର, ତାଙ୍କ ପତ୍ନୀ ରାକ୍ଷୀ, ୫ ବର୍ଷର ଝିଅ ଅନୁପ୍ରିୟା ଓ ୨ ବର୍ଷର ପୁଅ ପ୍ରିୟାଂଶଙ୍କ ମୃତଦେହ ମିଳିଥିବା ପୁଲିସ କହିଛି। ମିଳିଥିବା ଖବର ଅନୁସାରେ ଅନୂପଙ୍କ ଘର ଉତ୍ତର ପ୍ରଦେଶର ପ୍ରୟାଗରାଜରେ ହୋଇଥିବା ବେଳେ ସେ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ ସଫ୍ଟୱେୟାର କନସଲଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ନିଜ ପରିବାର ସହ ସେ ଏଠାରେ ଭଡ଼ା ଘରେ ରହୁଥିଲେ। ସୋମବାର ସକାଳେ ଅନୂପଙ୍କ ଘର କାର୍ଯ୍ୟ କରୁଥିବା ବ୍ୟକ୍ତି ଆସି କବାଟ ବାଡ଼େଇବା ସହ ଫୋନ କରିଥିଲେ ହେଁ ଭିତରୁ କୌଣସି ଜବାବ ମିଳି ନଥିଲା। ଫଳରେ ଘରୋଇ ସହାୟକ ଜଣଙ୍କ ପଡ଼ୋଶୀଙ୍କୁ ଖବର ଦେଇଥିଲେ। ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଟିମ କବାଟ ଭାଙ୍ଗି ଭିତରକୁ ପଶିବା ପରେ ଘର ଭିତରୁ ୪ ଜଣଙ୍କ ମୃତଦେହ ମିଳିଥିଲା। ପ୍ରାଥମିକ



ତଦନ୍ତରୁ ଜଣାପଡ଼ିଛି ଯେ ଅନୂପ ଓ ରାକ୍ଷୀ ନିଜର ଦୁଇ ପିଲାଙ୍କୁ ଖାଦ୍ୟରେ ବିଷ ମିଶାଇ ଦେଇଥିଲେ। ଏହାପରେ ଉଭୟ ବେକରେ କପଡ଼ା ବାନ୍ଧି ଝୁଲି ପଡ଼ିଥିଲେ। ବଡ଼ ଝିଅ ଅନୁପ୍ରିୟାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏହି ଦମ୍ପତି ସବୁବେଳେ ଚିନ୍ତାରେ ରହୁଥିଲେ ବୋଲି କୁହାଯାଇଛି। ଅନୁପ୍ରିୟାଙ୍କୁ ପିଲାଟି ବେଳୁ ଅଧିକ ଯତ୍ନର ଆବଶ୍ୟକ ରହିଥିଲା। ଏହାକୁ ନେଇ ଅନୂପ ଓ ରାକ୍ଷୀ ସବୁବେଳେ ଚିନ୍ତାରେ ରହୁଥିଲେ। ସମ୍ଭବତଃ ଏହି କାରଣ ପାଇଁ ସେମାନେ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଅନୂପ ଓ ରାକ୍ଷୀ ନିଜର ପିଲାଙ୍କୁ ନେଇ ପଣ୍ଡିଚେରୀ ବୁଲିବାକୁ ମଧ୍ୟ ଯୋଜନା କରିଥିଲେ। ଏଥିପାଇଁ ସେମାନେ ବ୍ୟାଗ ଏବଂ ଲଗେଜ୍ ମଧ୍ୟ ପ୍ରସ୍ତୁତି କରିନେଇଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ଏଭଳି ଦାରୁଣ ନିଷ୍ପତ୍ତି ନେବାକୁ ସେମାନଙ୍କୁ କ'ଣ ପ୍ରବର୍ତ୍ତାଇଥିଲା ତାହା ଏବେ ବଡ଼ ପ୍ରଶ୍ନ ଉଠାଇଛି।

## ଏଚ୍‌ଏମ୍‌ପିଭି ଭୂତାଣୁ କ'ଣ

ନୂଆଦିଲ୍ଲୀ, ୬।୧ (ଏଜେନ୍ସି): କରୋନା ମହାମାରୀର ୫ ବର୍ଷ ପରେ ଚୀନ୍‌ରେ ଶ୍ୱାସକ୍ରିୟା ଜନିତ ଆଉ ଏକ ରୋଗ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହାର ନାମ ଏଚ୍‌ଏମ୍‌ପିଭି ରହିଛି। ଏହା ଏତେ ସଂକ୍ରାମକ ଯେ ହସ୍ପିଟାଲରେ ରୋଗୀଙ୍କ ପାଇଁ ବେଡ୍ ଅଭାବ ଦେଖା ଦେଇଛି। ଏହାର ମୁକାବିଲା ଲାଗି ଚୀନ୍ ଜରୁରୀ ସ୍ଥିତି ଘୋଷଣା କରିଛି। ନୂଆ ପ୍ରୋଟୋକଲ ଜାରି କରାଯାଇଛି। ଏହି ଖବର ସାରା ବିଶ୍ୱରେ ଭୟ ସୃଷ୍ଟି କରିଛି। କାରଣ କୋରନା ବି ଚୀନ୍‌ରୁ ଆରମ୍ଭ ହୋଇ ଧିରେ ଧିରେ ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଜୀବନ ନେଇଥିଲା। ଭାରତରୁ ଏଚ୍‌ଏମ୍‌ପିଭିର ତିନି ରୋଗୀ ଚିହ୍ନଟ ହେବା ପରେ ସମସ୍ତେ ଆଶଙ୍କିତ ଅଛନ୍ତି। ସୋସିଆଲ ମିଡିଆରେ ଚର୍ଚ୍ଚାର ଆରମ୍ଭ ହୋଇଯାଇଛି। ପୁଣିଥରେ ଦେଶରେ ଲକ୍‌ଡାଉନ ଲାଗିପାରେ ବୋଲି ଲୋକେ ଆଶଙ୍କା କରୁଛନ୍ତି। କିନ୍ତୁ କେନ୍ଦ୍ର ସରକାର ସବୁ ଆଶଙ୍କାକୁ ଖାରଜ କରିଦେଇଛନ୍ତି। ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି। କାରଣ ଏହା ନୂଆ ଭୂତାଣୁ ନୁହେଁ। ୨୦୦୧ରେ ନେଦରଲାଣ୍ଡରେ ଏହାକୁ ପ୍ରଥମ ଥର ପାଇଁ ଚିହ୍ନଟ କରାଯାଇଥିଲା।



### ମାର୍ଗଦର୍ଶିକା ଜାରି କଲା କେନ୍ଦ୍ର

### ଲକ୍‌ଡାଉନ୍‌କୁ ନେଇ ଲୋକେ ଆଶଙ୍କିତ

ରିପୋର୍ଟ ଅନୁଯାୟୀ ଏଚ୍‌ଏମ୍‌ପିଭି ଏକ ଆରଏନଏ ଭୂତାଣୁ। ଏଥିରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ଠାରେ ଥଣ୍ଡାକାଶ ଭଳି ଲକ୍ଷଣ ଦେଖା ଦେଇଥାଏ। ନାକରୁ ପାଣି ବାହାରିପାରେ। ଗଳା ଖରାପ ହୋଇପାରେ। ଶୀତ ଦିନେ ଏହାର ପ୍ରଭାବ ଅଧିକ ରହିଥାଏ। ତେବେ ଏହା ସେତେ ପ୍ରଭାବ ପକାଇ ନ ଥାଏ। କିନ୍ତୁ କମ୍ ବୟସର ଶିଶୁ, ବୟସ୍କ ଏବଂ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କ ଉପରେ ଏହା ଅଧିକ ପ୍ରଭାବ ପକାଇ ଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ, ହାତ ମିଶାଇଲେ, ସଂକ୍ରମିତ ଛୁଇଁଥିବା ବସ୍ତୁକୁ ଛୁଇଁଲେ, କାଶଛିଙ୍କ ଦ୍ୱାରା ଏହା ବ୍ୟାପିଥାଏ। ସଂକ୍ରମିତ ହେବାରୁ ୩ରୁ ୫ ଦିନ ମଧ୍ୟରେ ଏହାର ଲକ୍ଷଣ ଦେଖା ଦେଇଥାଏ। ଥଣ୍ଡା ଏବଂ କାଶର ଏହାର ପ୍ରାରମ୍ଭିକ ଲକ୍ଷଣ। ମାତ୍ର ଭୂତାଣରୁ ପ୍ରଭାବ ଅଧିକ ରହିଲେ ନିମୋନିଆ ଏବଂ ବ୍ରାଙ୍କାଇଟିସ ହେବାର ବିପଦ ରହିଥାଏ। କରୋନା ଏବଂ ଏଚଏମ୍‌ପିଭି ଅଲଗା ଅଲଗା ଭୂତାଣୁ। ତେବେ ଉଭୟଙ୍କ ମଧ୍ୟରେ ଅନେକ ସମାନ ବିଶେଷତ୍ୱ ରହିଛି। ଉଭୟ ଭୂତାଣୁ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାନ୍ତି। ନିଃଶ୍ୱାସପ୍ରଶ୍ୱାସ ଏବଂ ଦୁଷିତ ବାୟୁର ସଂସ୍ପର୍ଶରେ ଆସିଲେ ଏହା ବ୍ୟାପିଥାଏ। ଏଥିରୁ ବର୍ତ୍ତିବା ଲାଗି ହାତ ସଫା ରଖିବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ଆବଶ୍ୟକ।

ଏଚ୍‌ଏମପିଭି କୌଣସି ନୂଆ ଭୂତାଣୁ ନୁହେଁ। ଗତ ବର୍ଷ ବି ଏହା ଚୀନ୍‌ରେ ବ୍ୟାପିଥିଲା। ୨୦୨୩ରେ ନେଦରଲାଣ୍ଡ, ବ୍ରିଟେନ, ଫିନଲାଣ୍ଡ, ଅଷ୍ଟ୍ରେଲିଆ, କାନାଡ଼ା ଏବଂ ଆମେରିକା ଭଳି ଦେଶରେ ଏହି ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସନର ସୂଚନା ଅନୁଯାୟୀ ସର୍ବପ୍ରଥମେ ୨୦୦୧ରେ ନେଦରଲାଣ୍ଡରେ ଏହି ଭୂତାଣୁକୁ ଚିହ୍ନଟ କରାଯାଇଥିଲା। ତେବେ ଏହା ୫୦ ବର୍ଷ ତଳର ଭୂତାଣୁ ବୋଲି କୁହାଯାଉଛି। ଏହି ଭୂତାଣୁରେ ଏଭଳି କୌଣସି ପ୍ରଜାତି ଆସିନାହିଁ, ଯାହା କରୋନା ଭଳି ଦ୍ରୁତଗତିରେ ବ୍ୟାପିଥାଏ।

ଏହି ଭୂତାଣୁ ସାରା ବିଶ୍ୱରେ ବ୍ୟାପିଛି ତେଣୁ ଚିନ୍ତା ନ କରିବାକୁ ଆଇସିଏମଆର ପକ୍ଷରୁ କୁହାଯାଇଛି। ସଦ୍ୟ ତଥ୍ୟ ଅନୁଯାୟୀ ଏହା ସେଭଳି ବେଗରେ ବ୍ୟାପୁନାହିଁ। ଏଥିରେ କୌଣସି ରୋଗୀ ଗୁରୁତର ଭାବେ ଆକ୍ରାନ୍ତ ମଧ୍ୟ ହୋଇନାହାନ୍ତି। ସେହିପରି ଦିଲ୍ଲୀ ଏମ୍ସର କମ୍ୟୁନିଟି ମେଡିସିନ ବିଭାଗର ଅତିରିକ୍ତ ପ୍ରଫେସର ଡ. ହର୍ଷଲ ଆର ସାଲଭେ କହିଛନ୍ତି ଯେ ଦୀର୍ଘ ବର୍ଷ ହେଲା ଏହି ଭୂତାଣୁ ଭାରତରେ ଅଛି। ଭାରତୀୟଙ୍କଠାରେ ଏହାର ପ୍ରତିରୋଧୀ କ୍ଷମତା ବିକଶିତ ହୋଇସାରିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଏଚଏମପିଭିକୁ ନେଇ ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିରେ କ'ଣ କରିବେ ଆଉ କ'ଣ ନ କରିବେ କୁହାଯାଇଛି। ଖାସିବା ସମୟରେ ମୁହଁ ଓ ନାକରେ ଟିସୁ କିମ୍ବା ରୁମାଲରେ ଢାଙ୍କିବାକୁ, ହାତ ସାବୁନ କିମ୍ବା ସାନିଟାଇଜରରେ ଧୋଇବାକୁ, ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ନ ଯିବାକୁ, ଥଣ୍ଡାକାଶ ଥିଲେ ସାର୍ବଜନୀନ ସ୍ଥାନରୁ ଦୂରେଇ ରହିବାକୁ, ସଂକ୍ରମଣ ଏଡେଇବା ପାଇଁ ରୁମ୍‌ରେ ବାୟୁ ଚଳାଚଳ ପାଇଁ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଟିସୁ ପେପର କିମ୍ବା ରୁମାଲ ଦ୍ୱିତୀୟ ଥର ବ୍ୟବହାର ନ କରିବାକୁ, ରୋଗୀଙ୍କ ସଂସ୍ପର୍ଶରେ ଆସିଲେ ହାତ ପୋଛିବାକୁ, ବାରମ୍ବାର ଆଖି,କାନ ଏବଂ ନାକ ନ ଛୁଇଁବାକୁ, ସାର୍ବଜନୀନ ସ୍ଥାନରେ ଛେପ ନ ପକାଇବାକୁ କୁହାଯାଇଛି।

କାନାଡ଼ା ରାଜନୀତି

## ଇସ୍ତଫା ଦେଲେ ଟ୍ରୁଡୋ

ଓଟାୱା, ୬।୧(ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହିତ ତାଙ୍କ ଦଳ ଲିବରାଲ ପାର୍ଟି ନେତା ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ନିଜ ଦଳୀୟ ନେତାଙ୍କ ବିରୋଧ ଚାପକୁ ନେଇ ଟ୍ରୁଡୋ ସୋମବାର ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ଚଳିତ ବର୍ଷ ଅଗଷ୍ଟ କିମ୍ବା ସେପ୍ଟମ୍ବରରେ କାନାଡାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। କିନ୍ତୁ ଏହାପୂର୍ବରୁ ଜଷ୍ଟିନ ଟ୍ରୁଡୋଙ୍କ ସମସ୍ୟା ଲିବରାଲ ପାର୍ଟି ଭବଷ୍ୟତ ପାଇଁ ବଡ଼ ପ୍ରଶ୍ନ ଉତଥାପନ କରିଛି। ପୂର୍ବରୁ ତାଙ୍କ ବିରୋଧରେ ସହଯୋଗୀ ଦଳ ଅନାସ୍ଥା ପ୍ରସ୍ତାବ ଆଣିଥିଲା ବେଳେ ଏବେ ଟ୍ରୁଡୋ ଖୋଦ୍ ନିଜ ଦଳର ନେତାଙ୍କ ବିରୋଧର ଚାପର ସମ୍ମୁଖୀନ ହୋଇଥିଲେ। ଏପରିକି ଲିବରାଲ ପାର୍ଟିର ୨୦ରୁ ଅଧିକ ସାଂସଦ ତାଙ୍କ ଇସ୍ତଫା ପାଇଁ ଖୋଲାଖୋଲି ଦାବି କରିଥିଲେ। କିନ୍ତୁ ସବୁ ବେଳେ ନିଜର ଦମ୍ଭ ଦେଖାଇ ଆସିଥିବା ଟ୍ରୁଡୋ କୌଣସି ଚାପକୁ ଖାତିର କରି ନଥିଲେ। ହେଲେ ଦଳୀୟ ନେତା ପଦରୁ ତାଙ୍କର ଇସ୍ତଫା ଆଗକୁ ଲିବରାଲ ପାର୍ଟିର ସମ୍ମାନ ରକ୍ଷା କରିପାରିବ ବୋଲି ଲିବରାଲ ପାର୍ଟିର ନେତାମାନେ ଦାବି କରିଥିବାରୁ ଟ୍ରୁଡୋ ଏହି ନିଷ୍ପତ୍ତି ନେଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ ପୂର୍ବରୁ ଆସନ୍ତା ବୁଧବାର କାନାଡାର 'କକସସ୍' ବୈଠକ ହେବ। ଏଥିରେ ଆସନ୍ତା



ନିର୍ବାଚନ ପାଇଁ କାହାରିକୁ ପ୍ରାର୍ଥୀ କରାଯିବ ତାହା ସବୁ ଦଳ ନିଷ୍ପତ୍ତି ନେବେ। କିନ୍ତୁ ବିଭିନ୍ନ କାରଣକୁ ନେଇ ଟ୍ରୁଡୋଙ୍କ ପ୍ରତି ବିରୋଧ ବଢ଼ିବା ସହିତ ତାଙ୍କ ଛବି ଖରାପ ହୋଇଥିବାରୁ ତାଙ୍କୁ ଦଳୀୟ ନେତା ପଦରୁ ଇସ୍ତଫା ଦେବା ଲାଗି ଲିବରାଲ ପାର୍ଟିର ନେତା ଦାବି କରିଥିଲେ। ସେ ଇସ୍ତଫା ନ ଦେଲେ ଆଗାମୀ ନିର୍ବାଚନରେ ଦଳକୁ ବହୁ କ୍ଷତି ସହିବାକୁ ପଡ଼ିପାରେ ବୋଲି କୁହାଯାଇଥିଲା। ତେଣୁ ଇସ୍ତଫା ଦେବା ଛଡ଼ା ଅନ୍ୟ କିଛି ବିକଳ୍ପ ନ ଥିବାରୁ ଟ୍ରୁଡୋ ଶେଷ ମୁହୂର୍ତ୍ତରେ ନିଜ ପଦବୀ ଛାଡିବାକୁ ବାଧ୍ୟ ହୋଇଛନ୍ତି।

### ଟ୍ରୁଡୋଙ୍କ ପତନର ୫ ମୁଖ୍ୟ କାରଣ !

ଜଷ୍ଟିନ ଟ୍ରୁଡୋ ଦୀର୍ଘ ୧୨ ବର୍ଷ ଧରି କାନାଡାର ପ୍ରଧାନମନ୍ତ୍ରୀ ରହି ଆସିବା ସହିତ କନଜରଭେଟିଭ୍ ପାର୍ଟି ତୁଳନାରେ ଲିବରାଲ ପାର୍ଟିକୁ ସଶକ୍ତ କରାଇପାରିଥିଲେ। କିନ୍ତୁ ଯେଉଁ ନେତା ଏଭଳି ସଫଳତା ହାସଲ କରିଥିଲେ ଆଜି ତାଙ୍କୁ ଦଳୀୟ ନେତା ପଦରୁ ଇସ୍ତଫା ଦେବାକୁ ପଡୁଛି। ଏଥିପାଇଁ ୫ଟି ମୁଖ୍ୟ କାରଣ ରହିଥିବା ଆଲୋଚନା ହେଉଛି। ଟ୍ରୁଡୋ ଗତ ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ବିଭିନ୍ନ ଦିଗରେ ବହୁ ପରିବର୍ତ୍ତନ ଆଣିବେ ବୋଲି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସେଭଳି କିଛି ବି ଦେଖାଯାଇ ନାହିଁ। ବରଂ ଅର୍ଥନୀତି ଠାରୁ ଆରମ୍ଭ କରି ସାମାଜିକ ସ୍ତରରେ କାନାଡାର ଘରୋଇ ସମସ୍ୟା ଯଥେଷ୍ଟ ଭାବେ ବୃଦ୍ଧି ପାଇଛି। କାନାଡାବାସୀ ସାଂପ୍ରତିକ ସ୍ଥିତିରେ ବହୁ ଆହ୍ୱାନ ଦେଇ ଗତି କରୁଥିଲା ବେଳେ ଟ୍ରୁଡୋଙ୍କ ଛବି ମଳିନ ପଡ଼ିଛି। ସେହିପରି ଟ୍ରୁଡୋ ସରକାରଙ୍କ ବୈଦେଶିକ ନୀତିକୁ ନେଇ ଆମେରିକା ସମେତ ଭାରତ ଏବଂ ଚୀନ ଆଦି ରାଷ୍ଟ୍ର ସହ କାନାଡାର ସମ୍ପର୍କ ନିମ୍ନଗାମୀ ହୋଇଛି। ଏକଦା ଆମେରିକାର ସହଯୋଗୀ ରହିଥିବା କାନାଡା ପ୍ରତି ନ ବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ କାନାଡ଼ାବାସୀଙ୍କୁ ଚିନ୍ତିତ କରିଛି। ଏହାବ୍ୟତୀତ ଟ୍ରୁଡୋଙ୍କ ଭାରତ ବିରୋଧୀ ମାନସିକତା ତାଙ୍କର ପତନର ଆଉ ଏକ କାରଣ ବୋଲି କୁହାଯାଉଛି। ଟ୍ରୁଡୋ ଭାରତ ବିରୋଧରେ ବିଗତ ଦୁଇ ବର୍ଷ ଧରି ଯେଉଁଳି ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି ତାହା ଲିବରାଲ ଦଳର ବହୁ ବରିଷ୍ଠ ନେତାଙ୍କ ପାଇଁ ଗ୍ରହଣୀୟ ହୋଇପାରି ନାହିଁ। ଅନ୍ୟପକ୍ଷରେ କାନାଡାର ଅର୍ଥନୀତି ସହିତ ଘରୋଇ ସ୍ତରରେ ବହୁ ସମସ୍ୟା ବଢିବା ଏବଂ ଆମେରିକା ସହିତ ସମ୍ପର୍କ ଖରାପ ହେବା ଟ୍ରୁଡୋଙ୍କ ନେତୃତ୍ୱ ପ୍ରତି ପ୍ରଶ୍ନ ଉଠାଇଥିଲା। ତେଣୁ ଏସବୁ ସମସ୍ୟାକୁ ଲୋକଲୋଚନରୁ ହଟାଇବା ଲାଗି ଟ୍ରୁଡୋ କେବଳ ଭାରତ ପଛରେ ପଡ଼ିଥିଲେ ବୋଲି ଲିବରାଲ ଦଳର ବହୁ ସାଂସଦ ତାଙ୍କର ଇସ୍ତଫା ଦାବି କରିଥିଲେ। ପରେ ପରେ ଦଳରେ ଅସନ୍ତୋଷ ତୀବ୍ର ହେବା ପରେ ଆଜି ଟ୍ରୁଡୋଙ୍କୁ ଇସ୍ତଫା ଦେବାକୁ ପଡ଼ିଛି।

## ଜାତୀୟ ସଙ୍ଗୀତ ଗାନକୁ ନେଇ ହାଇଡ୍ରାମା

ଚେନ୍ନଇ, ୬।୧(ଏଜେନ୍ସି): ଜାତୀୟ ସଙ୍ଗୀତ ଗାନକୁ ନେଇ ତାମିଲନାଡୁ ବିଧାନସଭାରେ ସୋମବାର ହାଇଡ୍ରାମା ଦେଖିବାକୁ ମିଳିଛି। ବିଧାନସଭା ଅଧିବେଶନ ପୂର୍ବରୁ ରାଜ୍ୟପାଳ ଆର ଏନ ରବି ଗୃହରେ ନିଜର ଅଭିଭାଷଣ ନ ରଖି କ୍ରୋଧିତ ହୋଇ ଗୃହ ଛାଡି ପଳାଇଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ପୂର୍ବରୁ ଗୃହରେ ଜାତୀୟ ସଙ୍ଗୀତ ଗାନ କରାଯିବା ସହିତ ଅଭିଭାଷଣ ଶେଷ ହେବା ପରେ ମଧ୍ୟ ଏହା ଗାନ କରାଯିବା କଥା। କିନ୍ତୁ ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ରାଜ୍ୟପାଳଙ୍କ ଅଭିଭାଷଣ ପୂର୍ବରୁ ତାମିଲନାଡୁର ଜାତୀୟ ଗୀତି ଗାନ କରାଯାଇଥିଲା। ଏହାକୁ ନେଇ ରାଜ୍ୟପାଳ କ୍ଷୁବ୍ଧ ହେବା ସହିତ ନିଜ ଅଭିଭାଷଣ ନ ରଖି ଗୃହ ଛାଡି ତମ ତମ ହୋଇ ପଳାଇ ଯାଇଥିଲେ। ଏହାକୁ ନେଇ ବିଧାନସଭାରେ ହାଇଡ୍ରାମା ଦେଖିବାକୁ ମିଳିଛି। ବିଧାନସଭାରେ ଏଭଳି ସ୍ଥିତି ଉପୁଜିବା ପରେ ରାଜଭବନ ପକ୍ଷରୁ ଏକ ବିବୃତି ଜାରି କରାଯିବା ସହିତ ସମ୍ବିଧାନ ଏବଂ ଜାତୀୟ ସଙ୍ଗୀତକୁ ପୁଣିଥରେ ତାମିଲନାଡୁରେ ଅପମାନିତ କରାଯାଇଛି ବୋଲି କୁହାଯାଇଛି। ଭାରତୀୟ ସମ୍ବିଧାନ ଅନୁସାରେ ପ୍ରଥମେ ଜାତୀୟ ସଙ୍ଗୀତକୁ ସମ୍ମାନ ଦିଆଯିବା କଥା। ପ୍ରତ୍ୟେକ ରାଜ୍ୟର ବିଧାନସଭା ଅଧିବେଶନ ଆରମ୍ଭ ବେଳେ ରାଜ୍ୟପାଳଙ୍କ ଅଭିଭାଷଣ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯାଇଥାଏ ଏବଂ ଅଭିଭାଷଣ ଶେଷ ପରେ ମଧ୍ୟ ଏହି ସଙ୍ଗୀତ ଗାନ କରାଯାଇଥାଏ। କିନ୍ତୁ ଆଜି ଗୃହରେ ପ୍ରଥମେ ତାମିଲନାଡୁ ଜାତୀୟ ଗୀତି ଗାନ କରାଯାଇଥିବାରୁ ଏହାକୁ ରାଜ୍ୟପାଳ ଆର ଏନ ରବି ବିରୋଧ କରିବା ସହିତ ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କୁ ଏହି ସାମ୍ବିଧାନିକ ଦାୟିତ୍ୱ ସମ୍ପର୍କରେ ଅବଗତ କରିଥିଲେ। କିନ୍ତୁ ସେମାନେ ଏହାକୁ ଗ୍ରହଣ କରିନଥିଲେ। ଏଭଳି ପରିସ୍ଥିତିରେ ଜାତୀୟ ସଙ୍ଗୀତ ତଥା ସମ୍ବିଧାନ ପ୍ରତି ଅପମାନର ଅଂଶ ନ ହୋଇ ରାଜ୍ୟପାଳ ନିଜର ଅସନ୍ତୋଷ ବ୍ୟକ୍ତ କରି ଗୃହ ଛାଡିଥିଲେ ବୋଲି ରାଜଭବନ ତରଫରୁ ଜାରି ବିବୃତ୍ତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଗତ ଦୁଇ ବର୍ଷ ହେଲା ତାମିଲନାଡୁ ବିଧାନସଭା ଅଧିବେଶନରେ ରାଜ୍ୟପାଳଙ୍କ ସମ୍ବୋଧନ ବେଳେ ବିବାଦ ଦେଖାଯାଇଆସିଛି। ଗତ ଥର ମଧ୍ୟ ରାଜ୍ୟପାଳ ନିଜ ଅଭିଭାଷଣ ବେଳେ ସରକାରଙ୍କ ବୟାନର କିଛି ଧାଡ଼ି ପଢ଼ିବାକୁ ମନା କରିଦେଇଥିଲେ। ଏହାକୁ ନେଇ ଅନେକ ବିବାଦ ଦେଖାଦେଇଥିଲା।

### ବିଧାନସଭା ଛାଡି ପଳାଇଲେ ତାମିଲନାଡୁ ରାଜ୍ୟପାଳ

ଆଞ୍ଚଳିକ ସୀମାକୁ ନେଇ ପୁଲିସ ଆସିଲାନି

## ଘଣ୍ଟା ଘଣ୍ଟା ଧରି ରାସ୍ତାରେ ପଡ଼ି ରହିଲା ଯୁବକଙ୍କ ଶବ

ନୂଆଦିଲ୍ଲୀ, ୬।୧(ଏଜେନ୍ସି): ଅମାନବିକତା କେତେ ତଳକୁ ଖସିପାରେ ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ-ମଧ୍ୟପ୍ରଦେଶ ସୀମାନ୍ତ ଅଞ୍ଚଳରେ । ଦିଲ୍ଲୀ ଯାଉଥିବା ଜଣେ ଯୁବକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ମଧ୍ୟ ନିଜ ନିଜର ଆଞ୍ଚଳିକ ସୀମାକୁ ନେଇ କୌଣସି ପୁଲିସ ଘଟଣାସ୍ଥଳକୁ ଆସି ନ ଥିଲେ । ଯାହାକୁ ନେଇ ମୃତ ଯୁବକଙ୍କ ଶବ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ପଡ଼ି ରହିବା ଘଟଣା ସାଧାରଣ ଲୋକଙ୍କ ବ୍ୟଥିତ କରିଛି। ମିଳିଥିବା ଖବର ଅନୁସାରେ ୨୭ ବର୍ଷୀୟ ରାହୁଲ ଅହରୱାର ନାମକ ଯୁବକ ନିକଟରେ ବିବାହ କରିଥିଲା ବେଳେ କାର୍ଯ୍ୟ ଅନେଷ୍ୟଣରେ ଦିଲ୍ଲୀ ଯାଉଥିଲେ। କିନ୍ତୁ ସେ ରାସ୍ତା ପାର୍ କରିବା ବେଳେ ତାଙ୍କ ଉପରେ ଏକ ଅଜଣା ଗାଡି ଚଢି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ପୁଲିସକୁ ଖବର ଦିଆଯାଇଥିଲା ବେଳେ ପ୍ରଥମେ ମଧ୍ୟପ୍ରଦେଶ ସୀମାରେ ଥିବା ହରପାଲପୁର ପୁଲିସ ପହଞ୍ଚିଥିଲା। କିନ୍ତୁ ଯେଉଁଠି ଦୁର୍ଘଟଣା ହୋଇଛି ତାହା ଉତ୍ତରପ୍ରଦେଶର ମାହୋବନାଥ ଥାନା ଅଧୀନରେ ଆସୁଛି ବୋଲି କହି ପଳାଇଥିଲା। ପରେ ପରେ ସ୍ଥାନୀୟ ଲୋକ ଉତ୍ତରପ୍ରଦେଶ ପୁଲିସକୁ ଖବର ଦେଇଥିଲା ବେଳେ ସେଠାରେ ୟୁପି ପୁଲିସ ପହଞ୍ଚି ଏହା ମଧ୍ୟପ୍ରଦେଶ ପୁଲିସର କାମ କହି ପଳାଇଥିଲା। ଯାହାକୁ ନେଇ ରାହୁଲଙ୍କ ଶବ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ପଡି ରହିଥିଲା। ଏହାପରେ ସ୍ଥାନୀୟ ଲୋକ ରାସ୍ତା ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ।

ଛତିଶଗଡ଼ ସାମ୍ବାଦିକଙ୍କ ବ୍ୟବଚ୍ଛେଦ ରିପୋର୍ଟ

## ମୁକେଶଙ୍କ ମୁଣ୍ଡରେ ୧୫ କ୍ଷତ, ଯକୃତ ୪ ଫାଳ

ବିଜାପୁର, ୬।୧ (ଏଜେନ୍ସି): ଛତିଶଗଡ଼ର ସାମ୍ବାଦିକ ମୁକେଶ ଚନ୍ଦ୍ରାକରଙ୍କ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ସୁରେଶ ଚନ୍ଦ୍ରାକରକୁ ରବିବାର ବିଳମ୍ବିତ ରାତିରେ ହାଇଦରାବାଦରୁ ଗିରଫ କରାଯାଇଛି। ଏବେ ତାକୁ ଜେରା କରାଯାଉଛି। ମୁକେଶଙ୍କ ସମ୍ପର୍କୀୟ ଭାଇ ହେଉଛି ସୁରେଶ। ରାସ୍ତା ଦୁର୍ନୀତି ଉଜାଗର କରିବା ପରେ ସେ ତାଙ୍କର ଶତ୍ରୁ ପାଲଟି ଯାଇଥିଲା। ପରେ ୩ ଭାଇଙ୍କ ସହ ମିଶି ମୁକେଶଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲା। ଏହା ମଧ୍ୟରେ ମୁକେଶଙ୍କ ବ୍ୟବଚ୍ଛେଦ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ ସାମ୍ବାଦିକଙ୍କୁ ଅତି ନିର୍ମମ ଭାବେ କଷ୍ଟ ଦେଇ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୁକେଶରେ ମୁଣ୍ଡରେ ୧୫ଟି କ୍ଷତ ଚିହ୍ନ ଥିଲା। ଯକୃତ ୪ ଫାଳ ହୋଇଯାଇଥିଲା। ବେକ ଭାଙ୍ଗି ଯାଇଥିଲା। ହୃତ୍‌ପିଣ୍ଡ ଫାଟି ଯାଇଥିଲା। ୫ ପଞ୍ଜରା ହାଡ଼ ମଧ୍ୟ ଭାଙ୍ଗି ଯାଇଥିଲା।

### ଭାଙ୍ଗିଯାଇଛି ବେକ, ଫାଟିଯାଇଛି ହୃତ୍‌ପିଣ୍ଡ

### ମୁଖ୍ୟ ଅଭିଯୁକ୍ତ ହାଇଦରାବାଦରୁ ଗିରଫ



ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ସୂଚନା ଅନୁଯାୟୀ ଦୁଇ କିମ୍ବା ଏହାଠାରୁ ଅଧିକ ଲୋକ ମିଶି ମୁକେଶଙ୍କୁ ହତ୍ୟା କରିଥିଲେ। ମୁକେଶଙ୍କ ଶରୀରକୁ ଏତେ ଜୋର୍‌ରେ ଆଘାତ ଦିଆଯାଇଥିଲା ଯେ ଅନେକ ଅଙ୍ଗ ଭାଙ୍ଗି ଯାଇଥିଲା। ଗତ ୧୨ ବର୍ଷ ମଧ୍ୟରେ ହତ୍ୟାର ଏଭଳି ମାମଲା ଦେଖିନାହାନ୍ତି ବୋଲି ଡାକ୍ତର କହିଛନ୍ତି। ସୂଚନା ଅନୁଯାୟୀ ସୁରେଶ ଚନ୍ଦ୍ରାକର ଠିକାଦାର ଥିଲା। ସେ କଂଗ୍ରେସ ଦଳ ସହ ଜଡ଼ିତ ଥିଲା। ସୁରେଶ ଦୁର୍ନୀତି କରୁଥିବା ନେଇ ମୁକେଶ ଖବର ଚଲାଇ ଥିଲେ। ଏଥିରେ ସୁରେଶ କ୍ଷୁବ୍ଧ ହୋଇଯାଇଥିଲା। ମୁକେଶଙ୍କ ସହ ଘନିଷ୍ଠ ଥିବା ନିଜ ଭାଇ ମାଧ୍ୟମରେ ଡାକି ବିଜାପୁରର ବ୍ୟାଡମିଣ୍ଟନ କୋର୍ଟ ପରିସରରେ ତାଙ୍କୁ ହତ୍ୟା କରିଥିଲା।

## ଘୋର ବିବାଦ ଘେରରେ ରମେଶ ବିଧୁରି



ନୂଆଦିଲ୍ଲୀ, ୬।୧(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନାଙ୍କ ପ୍ରତି ବିଜେପି ବିଧାୟକ ପ୍ରାର୍ଥୀ ରମେଶ ବିଧୁରି ଗତକାଲି ଦେଇଥିବା ବୟାନକୁ ନେଇ ବିବାଦ ବଢିଥିଲା ବେଳେ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ନେଇ ଆତିଶୀ କାନ୍ଦି ପକାଇଥିବା ଦେଖାଯାଇଛି। ଦିଲ୍ଲୀ ବିଧାନସଭା ପାଇଁ ବିଜେପି ପ୍ରାର୍ଥୀ ହୋଇଥିବା ପୂର୍ବତନ ସାଂସଦ ରମେଶ ବିଧୁରି ଗତକାଲି ଆତିଶୀଙ୍କ ପ୍ରତି ଅସମ୍ମାନଜନକ ଟିପ୍ପଣୀ ରଖିବା ସହିତ ସେ ତାଙ୍କ ବାପାଙ୍କୁ ମଧ୍ୟ ବଦଳାଇ ଦେଇଛନ୍ତି ବୋଲି କହିଥିଲେ। ଆତିଶୀ ନିଜ ସାଙ୍ଗିଆ ମାର୍ଲେନାରୁ ସିଂ କରିଥିବାରୁ ସେ ତାଙ୍କ ବାପାଙ୍କୁ ବଦଳାଇ ଦେଇଛନ୍ତି ବୋଲି କହିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଆତିଶୀ ଏକ ସାମ୍ବାଦିକ ସମ୍ମିଳନୀରେ ରମେଶଙ୍କୁ ତୀବ୍ର ସମାଲୋଚନା କରିବା ସହିତ ରାଜନୀତି ପାଇଁ ମଣିଷ ଏତେ ତଳକୁ ଖସିପାରେ ବୋଲି ତାଙ୍କର ଧାରଣ ନଥିଲା ବୋଲି କହିଥିଲେ। ତାଙ୍କ ବାପା ଆଜୀବନ ଜଣେ ଶିକ୍ଷକ ଭାବେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଛନ୍ତି। କିନ୍ତୁ ଆଜି ସେହି ୮୦ ବର୍ଷର ବୃଦ୍ଧ ବାପା ନିଜେ ଚାଲିବାକୁ ମଧ୍ୟ ଅକ୍ଷମ। ଯେଉଁ ବ୍ୟକ୍ତି ଏଭଳି ବୃଦ୍ଧାବସ୍ଥାରେ ବିନା ସହାୟତାରେ ଉଠିବାକୁ ଅକ୍ଷମ ତାଙ୍କ ପ୍ରତି ଏଭଳି ଅପମାନ କେତେ ଦୂର ସହ୍ୟ ହେବ ବୋଲି ପ୍ରଶ୍ନ କରି ଆତିଶୀ ଏହି ସାମ୍ବାଦିକ ସମ୍ମିଳନୀରେ କାନ୍ଦି ପକାଇଥିବା ଦେଖାଯାଇଛି।

### ଅସମ୍ମାନଜନକ ଟିପ୍ପଣୀ ପାଇଁ କାନ୍ଦିପକାଇଲେ ଆତିଶୀ

କେବଳ ଆତିଶୀ ମାର୍ଲେନା ନୁହନ୍ତି , ଗତକାଲି ଏକ ନିର୍ବାଚନୀ ସଭାରେ ରମେଶ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ପ୍ରତି ମଧ୍ୟ ଅତ୍ୟନ୍ତ ଅସମ୍ମାନଜନକ ଟିପ୍ପଣୀ କରି ବିବାଦୀୟ ହୋଇପଡ଼ିଥିଲେ। ବିଜେପି ଟିକଟରେ ଦିଲ୍ଲୀର କାଲକାଜୀ ଆସନରୁ ପ୍ରାର୍ଥୀ ହୋଇଥିବା ରମେଶ କହିଥିଲେ ଯେ, ସେ ନିର୍ବାଚନରେ ବିଜୟୀ ହେଲେ ତାଙ୍କ ନିର୍ବାଚନ ମଣ୍ଡଳୀରେ ସବୁ ରାସ୍ତାଘାଟ ପ୍ରିୟଙ୍କା ଗାନ୍ଧୀଙ୍କ ଗାଲ ଭଳି ଚିକ୍କଣ କରିଦେବେ। ପୂର୍ବରୁ ଆରଜେଡି ନେତା ଲାଲୁ ପ୍ରସାଦ ଯାଦବ ବିହାର ମୁଖ୍ୟମନ୍ତ୍ରୀ ରହିଥିଲା ବେଳେ ବିହାରର ସବୁ ରାସ୍ତା ବଲିଉଡ୍ ଅଭିନେତ୍ରୀ ହେମାମାଳିନୀଙ୍କ ଗାଲ ଭଳି ଚିକ୍କଣ କରିଦେବେ ବୋଲି କହିଥିଲେ। କିନ୍ତୁ ସେ ତାଙ୍କ ଶାସନକାଳ ଭିତରେ ଏହା କରିପାରିଲେନି। ହେଲେ ସେ ବିଜୟୀ ହେଲେ କାଲକାଜୀ ନିର୍ବାଚନ ମଣ୍ଡଳୀର ସବୁ ରାସ୍ତାର ଅବସ୍ଥା ବଦଳାଇଦେବେ। ଓଖଲା ଠାରୁ ଆରମ୍ଭ କରି ସଙ୍ଗମ ବିହାର ପର୍ଯ୍ୟନ୍ତ ସବୁ ରାସ୍ତାକୁ ପ୍ରିୟଙ୍କାଙ୍କ ଗାଲ ଭଳି ଚିକ୍କଣ କରିଦେବେ ବୋଲି ରମେଶ କହିଥିଲେ। ରମେଶଙ୍କ ଏଭଳି ଟିପ୍ପଣୀକୁ ନେଇ ବିବାଦ ବଢ଼ିଥିଲା। କଂଗ୍ରେସର ବହୁ ବରିଷ୍ଠ ନେତା ଏହାକୁ ତୀବ୍ର ସମାଲୋଚନା କରିବା ସହିତ ରମେଶଙ୍କ ବୟାନ ମହିଳାଙ୍କ ପ୍ରତି ବିଜେପିର ପ୍ରକୃତ ମାନସିକତାର ପରିଚୟ ଦେଇଛି ବୋଲି କହିଥିଲେ। ଏହାପୂର୍ବରୁ ରମେଶ ଦକ୍ଷିଣ ଦିଲ୍ଲୀର ସାଂସଦ ରହିଥିଲା ବେଳେ ସଂସଦରେ ବିଏସପି ସାଂସଦ ଦାନିସ୍ ଅଲ୍ଲୀଙ୍କ ପ୍ରତି ମଧ୍ୟ ଅସମ୍ମାନଜନକ ଟିପ୍ପଣୀ ଦେଇ ବିବାଦୀୟ ରହିଥିଲେ।

## କୂଅ ପାଣି ପାଇଁ ସଂଘର୍ଷ; ୩ ମୃତ

ମୁମ୍ବଇ, ୬।୧(ଏଜେନ୍ସି): କୂଅରୁ ପାଣି ନେବା ଲାଗି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହେବା ପରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହିତ ଏକାଧିକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ମହାରାଷ୍ଟ୍ରର ଧରାଶିବ ଜିଲ୍ଲାର ବାଭି ଗାଁରେ ଘଟିଛି। ଏହି ଖବର ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ପୁଲିସ ମୃତ ବ୍ୟକ୍ତିଙ୍କ ଶବ ଜବତ କରି ଆହତ ଲୋକମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି। କିନ୍ତୁ ପାଣି ପାଇଁ ଯେଉଁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ସେମାନେ ସମସ୍ତେ ସମ୍ପର୍କୀୟ ବୋଲି ପୁଲିସ କହିଛି। ଏଡି ଘଟଣାରେ ୧୦ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା ଆରମ୍ଭ କରିଛି।

## କୋଇଲା ଖଣିରେ ପାଣି; ଫସିଛନ୍ତି ୨୦ ଶ୍ରମିକ

ଗୌହାଟୀ, ୬।୧(ଏଜେନ୍ସି): ଆସାମର ଦିମା ହାସାଓ ଜିଲାର ଉମରାଙ୍ଗସୁସ୍ଥିତ ଏକ କୋଇଲା ଖଣିରେ ଅଚାନକ ପାଣି ପସିଯିବାରୁ ୨୦ ଶ୍ରମିକ ଖଣି ଭିତରେ ଫସିଥିବା ସୂଚନା ମିଳିଛି। ସୋମବାର ସକାଳେ ଖଣି ଭିତରେ ବହୁ ଶ୍ରମିକ କାର୍ଯ୍ୟ କରୁଥିଲା ବେଳେ ଖଣିର ତଳ ଭାଗରୁ ପାଣି ନିର୍ଗତ ହେବା ସହିତ ଖଣି ଭିତରେ ପଶିଥିଲା। ଫଳରେ ସେଠାରେ କାର୍ଯ୍ୟ କରୁଥିବା ଏକାଧିକ ଶ୍ରମିକ ବାହାରକୁ ଆସିବା ସମ୍ଭବ ହୋଇ ନଥିଲା। ଏହି ଖଣି ଆସାମ ସରକାରଙ୍କ ଖଣି ବିଭାଗ ପକ୍ଷରୁ ପରିଚାଳିତ ହେଉଥିବାରୁ ବିଭାଗୀୟ ଅଧିକାରୀଙ୍କୁ



ଖବର ଦିଆଯାଇଥିଲା। କିନ୍ତୁ ଏହି ଖଣି ଅତ୍ୟନ୍ତ ଦୁର୍ଗମ ଏବଂ ପାହାଡ଼ିଆ ଅଞ୍ଚଳରେ ରହିଥିବାରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ କରାଯାଇପାରି ନଥିବା କୁହାଯାଇଛି।

ଦଶନ୍ଧିର ବଡ଼ ତୁଷାର ଝଡ଼

## ଆମେରିକାର ୭ ରାଜ୍ୟରେ ଜରୁରୀ ସ୍ଥିତି

ୱାଶିଂଟନ, ୬।୧ (ଏଜେନ୍ସି): ଆମେରିକାରେ ଦଶନ୍ଧିର ସବୁଠୁ ଭୟଙ୍କର ବରଫ ଝଡ଼ ଆସିଛି। ଏହାର ପ୍ରଭାବରେ ଭୀଷଣ ତୁଷାରପାତ ହେଉଛି। ଏଥିଯୋଗୁଁ ଭୟଙ୍କର ସ୍ଥିତି ସୃଷ୍ଟି ହେଉଛି। ସବୁ କିଛି ବରଫର ଧଳା ଚାଦର ତଳେ ଘୋଡେଇ ହୋଇ ରହିଛି। ଏହାକୁ ନେଇ ଅନେକ ରାଜ୍ୟରେ ଚେତାବନୀ ଜାରି କରାଯାଇଛି। ୭ ରାଜ୍ୟ କେଣ୍ଟୁକି, ଭର୍ଜିନିଆ, ୱେଷ୍ଟ ଭର୍ଜିନିଆ, କାନ୍‌ସାସ, ଅର୍କାସସ୍, ମିସୌରୀ ଏବଂ ନ୍ୟୁଜର୍ସିରେ ଜରୁରୀ



ସ୍ଥିତି ଲଗାଇ ଦିଆଯାଇଛି। ସାଧାରଣତଃ ଉଷ୍ମ ରହୁଥିବା ଫ୍ଲୋରିଡ଼ାରେ ମଧ୍ୟ ପ୍ରବଳ ତୁଷାର ପାତ ହେଉଛି। କାନ୍‌ସାସ ଏବଂ ମିସୌରୀ ପାଇଁ ବିଶେଷ ଚେତାବନୀ ଜାରି କରାଯାଇଛି। ଏହି ଦୁଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୮ ଇଞ୍ଚରୁ ଅଧିକ ତୁଷାରପାତ ହୋଇପାରେ। ଏବେ ଏଠାରେ ଘଣ୍ଟା ପ୍ରତି ୭୨ କିମି ବେଗରେ ପବନ ହେଉଛି। ଏହି ଝଡ଼ରେ ୬ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି 'ନ୍ୟାସନାଲ ୱେଦର ସର୍ଭିସ' ପକ୍ଷରୁ କୁହାଯାଇଛି।

ସକାଳ THE SAKALA



# ରାଜ୍ୟରେ ମୋଟ ୩, ୪୦, ୭୨, ୭୪୦ ଜଣ ଭୋଟର୍

**ଭୁବନେଶ୍ୱର, ୬।୧ (ସମିସ):** ଫଟୋ ଭୋଟର୍ ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୫ର ଚୂଡ଼ାନ୍ତ ପ୍ରକାଶନ ସୋମବାର ଘୋଷଣା କରାଯାଇଛି। ଏହା ରାଜ୍ୟର ଗଣତାନ୍ତ୍ରିକ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ଥଗୋପାଳନ ମତବ୍ୟକ୍ତ କରିଛନ୍ତି। ଚୂଡ଼ାନ୍ତ ଭୋଟର୍ ତାଲିକା ଅନୁଯାୟୀ, ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟାରେ ୨, ୧୦, ୯୦୪ ବୃଦ୍ଧି ଘଟିଛି। ଫଳରେ ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩, ୪୦, ୭୨, ୭୪୦ରେ ପହଞ୍ଚିଛି। ଏଥିରେ ୧, ୭୨, ୦୫, ୧୫୦ ଜଣ ପୁରୁଷ ଭୋଟର (୫୦.୫ ପ୍ରତିଶତ), ୧,୬୮, ୬୪, ୧୬୦ ଜଣ ମହିଳା ଭୋଟର (୪୯.୪୯ ପ୍ରତିଶତ), ଏବଂ ୩,୪,୩୪ ଜଣ ଟ୍ରାନ୍ସଜେଣ୍ଡର ଭୋଟର୍ ଅନ୍ତର୍ଭୁକ୍ତ ଅଛନ୍ତି। ସେହିପରି ୧୮-୧୯ବର୍ଷ ବୟସର ଯୁବ ଭୋଟର୍‌ଙ୍କ ସଂଖ୍ୟାରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏହା ମୋଟ ଭୋଟରଙ୍କ ୧.୭୬ ପ୍ରତିଶତ। ଯୁବ ଭୋଟରଙ୍କ ସଂଖ୍ୟା ୫,୯୯,୫୫୫ରେ ପହଞ୍ଚିଥିବା ଜଣାପଡ଼ିଛି। ରାଜ୍ୟରେ ଲିଙ୍ଗ ଅନୁପାତରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ପୂର୍ବରୁ ଚିଠା ତାଲିକାରେ ଲିଙ୍ଗ ଅନୁପାତ ୯୭୬ ଥିଲା ବେଳେ ଚୂଡ଼ାନ୍ତ ତାଲିକାରେ ଏହା ବୃଦ୍ଧି ପାଇ ୯୮୦ ହୋଇଛି। ସେହିପରି ରାଜ୍ୟରେ ବର୍ତ୍ତମାନ ୫,୨୨,୩୬୪ ଭିନ୍ନକ୍ଷମ ଭୋଟର (୧.୫୩%), ୮୫ ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ସଂଖ୍ୟା ୩, ୩୮, ୫୧୬ (୦.୯୯%) ରହିଛି।

# ଓଡ଼ିଶାରେ ହେବ ବିମାନ ମରାମତି ଓ ନିର୍ମାଣ

**ନିବେଶକଙ୍କ ସହ ଆଲୋଚନା କଲେ ସରକାର**

ଭୁବନେଶ୍ୱର, ୬।୧(ସମିସ): ଓଡ଼ିଶାକୁ ରକ୍ଷଣାବେକ୍ଷଣ, ମରାମତି ଓ ନିର୍ମାଣ (ଏମ୍‌ଆରଓ) ସୁବିଧା ସହ ବିମାନ ପେଣ୍ଠସ୍ଥଳ କରିବା ଲକ୍ଷ୍ୟରେ ଆଜି ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ଜିଏମ୍‌ଆର ଗ୍ରୁପ୍, ଷ୍ଟାର୍ ଏୟାର୍, ସାଫ୍ରାନ୍, ମାକ୍ସ ଏରୋସ୍ପେସ୍, ପ୍ରିଟ୍‌ନୀ ଏରୋସ୍ପେସ୍‌ଙ୍କ ଭଳି ପ୍ରଖ୍ୟାତ ବିମାନ ସମ୍ପର୍କିତ ଶିଳ୍ପ ଅନୁଷ୍ଠାନର କର୍ମକର୍ତ୍ତା, ଏମ୍‌ଆରଓ ତଥା ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶାରେ କିପରି ଭାବେ ବିମାନ ରକ୍ଷଣାବେକ୍ଷଣ, ମରାମତି ଓ ନିର୍ମାଣ ସମ୍ପର୍କିତ ପୁଞ୍ଜିନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଇପାରିବ, ତାହା ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାରେ ଏବେ ଝାରସୁଗୁଡ଼ା ଓ ଭୁବନେଶ୍ୱର ବିମାନବନ୍ଦର କାର୍ଯ୍ୟକ୍ଷମ ଥିବା ବେଳେ ଶୀଘ୍ର ପୁରୀରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେବାକୁ ଯାଉଛି। ଓଡ଼ିଶାରେ ଗଚ୍ଛିତ ବ୍ୟାପକ ଖଣିଜ ସମ୍ପଦ ହେତୁ ଏଠାରେ ବିମାନ ଶିଳ୍ପର ବଡ଼ ସମ୍ଭାବନା ରହିଛି ବୋଲି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ କହିଥିଲେ। ନିବେଶକଙ୍କୁ ୩୦% ସବ୍‌ସିଡି ପ୍ରଦାନ ସହିତ ଦକ୍ଷତା ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଥିଲା।

# କାକଟପୁର ବିଜେପିରେ ଗୋଷ୍ଠୀ କନ୍ଦଳ

**କାକଟପୁର,୬।୧(ସମିସ):** କାକଟପୁର ବିଜେପିରେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ଗତ ନିର୍ବାଚନରେ କାକଟପୁରରୁ ଦଳୀୟ ପ୍ରାର୍ଥୀ ହୋଇଥିବା ବାଇଧର ମଲ୍ଲିକଙ୍କୁ ତୀବ୍ର ବିରୋଧ କରିଛନ୍ତି ତାଙ୍କର ଦଳର ବିପକ୍ଷ ଗୋଷ୍ଠୀ। 'ବାଇଧର ହଟାଅ, ବିଜେପି ବଞ୍ଚାଅ' ନାରା ଦେଇ ଦୀର୍ଘ ସମୟ ଧରି ଦଳୀୟ କାର୍ଯ୍ୟାଳୟରେ ହୋହଲ୍ଲା କରିବା ସହ ଫାଟକରେ ତାଲା ପକାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଆଜି ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୋମବାର ପୂର୍ବାହ୍ନରେ ବାଇଧରଙ୍କ ବିପକ୍ଷ ଗୋଷ୍ଠୀର ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି କାକଟପୁର ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦଳର ପୁରୁଖା କର୍ମୀଙ୍କୁ ଉପେକ୍ଷା କରାଯାଉଥିବା ସେମାନେ ଅଭିଯୋଗ କରିବା ସହ ବାଇଧରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ତୁରନ୍ତ ବାଇଧରଙ୍କୁ ହଟା ନଗଲେ, ଦଳର ଅବସ୍ଥା ଆହୁରି ଦୟନୀୟ ହୋଇପଡ଼ିବ ବୋଲି କହି ହୋହଲ୍ଲା କରିଥିଲେ। କାକଟପୁର ମଣ୍ଡଳର ସମ୍ପଦ କୁମାର ବିଶ୍ୱାଳ କହିଛନ୍ତି, ୫ଟି ପଞ୍ଚାୟତର ପ୍ରମୁଖ ନେତୃତ୍ୱ ସାମିଲ ହୋଇଥିଲେ। ମଣ୍ଡଳ କମିଟିରେ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଛି। ତୃଣମୂଳସ୍ତରରେ କୌଣସି ବୈଠକ ନ କରି ଘରେ ବସି ଡାହାଣ, ବାମ ହାତରେ ଦସ୍ତଖତ କରି ନୂଆ କର୍ମୀଙ୍କୁ ଯୋଡ଼ା ଯାଉଥିବା ଦେଖାଯାଉଛି। କୌଣସି ଲୋକଙ୍କର କିଛି ବି କାମ ହେଉନାହିଁ। ଫଳରେ ତୃଣମୂଳସ୍ତରରେ ଲୋକମାନେ ପଞ୍ଚାୟତର ଜନପ୍ରତିନିଧିଙ୍କ ଉପରେ ଆଉ ଭରସା କରି ପାରୁନାହାନ୍ତି। ତେଣୁ ଦଳୀୟ କାର୍ଯ୍ୟାଳୟକୁ ବନ୍ଦ କରିବା ନେଇ ସେମାନେ ଫାଟକରେ ତାଲା ପକାଇଥିବା କହିଛନ୍ତି। ତେବେ ବାଇଧରଙ୍କ ବିପକ୍ଷ ଗୋଷ୍ଠୀ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।



**ଦଳୀୟ କାର୍ଯ୍ୟାଳୟ ଫାଟକରେ ତାଲା ପକାଇଲେ**

**LOST & FOUND**
Lost Sale Deed of my property Khata No - 544/1279, Plot No - 887. Mouza- Bhubaneswar Sahar Unit No-22, Bhimpur, PS-Bhubaneswar, Tahsil-Bhubaneswar, Dist-Khurda, State-Odisha. Registered Document No-RSD 226 Dt: 14-05-1979 and ROR Khata No - 479, Dt: 20-03-1989. NCR is lodge on 06-01-2025 at Sahidnagar P.S, Bhubaneswar. Finder may send to : Samir Kumar Paikaray at above address or Ph. No. - 7008005419

**AFFIDAVIT**
I, Sujata Kumari Sabata, W/o- Prabin Kumar Padhy, resident of Flat No.101, ORO PALACE Apartment, AIIMS - Patrapada Road, Patrapada, Bhubaneswar, Pin-751019, Odisha declare by this Affidavit No- 9/25 dtd- 06/01/2025 that now onwards I shall be known as **SUJATA SABAT PADHY** for all future purposes.

**AFFIDAVIT**
I, **Payal Sharma**, W/o.: Sunil Kumar Basotia, resident of At.: Near Govt. Hospital, Kamarjoda, P.O.: Banspani, P.S.: Joda, Dist.: Keonjhar, Odisha, PIN - 758034, declare by this **affidavit No. 10640, dated.: 19.06.2024** that now onwards I shall be known as **Payal Basotia** for all future purposes.

**AFFIDAVIT**
By virtue of an affidavit sworn before the Notary Public, Cuttack, dated 03.01.2025 I, Tapaswini Sahoo, W/o- Prasanta Sahoo, present resident At- Ichhapur. Po Gopinathpur, PS- Jagatpur, Dist-Cuttack, Odisha, Pin-754200 have changed my name from **Tabsasum Begum** to **Tapaswini Sahoo**. Henceforth, I shall be known as **Tapaswini Sahoo** for all purposes.

**AFFIDAVIT**
I, **Payal Sharma**, W/o.: Sunil Kumar Basotia, resident of At.: Near Govt. Hospital, Kamarjoda, P.O.: Banspani, P.S.: Joda, Dist.: Keonjhar, Odisha, PIN - 758034, declare by this **affidavit No. 13934, dated.: 13.08.2024** that now onwards I shall be known as **Payal Basotia**, for all future purposes.

**AFFIDAVIT**
By virtue of an affidavit sworn before the Notary Public, Cuttack, dated 04.01 .2025 I, Sugyan Kumar Pattnaik, S/o-Late Gourhari Singh, present resident, At- Plot No. 1052, Rajarani Colony, Tankapani Road, Bhubaneswar, Rajarani Temple, BJB Nagar, Khorda, Odisha, Pin-751014 have changed my name from Sugyan Kumar Singh to Sugyan Kumar Pattnaik. Henceforth, I shall be known as **Sugyan Kumar Pattnaik** for all purposes.

**AFFIDAVIT**
I, Manoja Kumar Patra, S/o- Late Banshidhar Patra, resident of Plot No. RP-97, Pandab Nagar, Tankapani Road, Ps.-Badagada, Bhubaneswar-751018, Dist- Khordha, Odisha declare by this affidavit No.197 dtd.-04.1.25 that, now onwards I shall be known as **Manoj Kumar Patra** for all future purposes.

**AFFIDAVIT**
I Prasanna Kumar Mohapatra, Son of Late Bikal Mohapatra, Resident of At-Brahmanasahi, Po-Chandinichowk, Cuttack Sadar, Dist- Cuttack, Pin-753002, Odisha declare by this affidavit Sl no-1 Dated 01.01.2025. That Prasanna Kumar Mohapatra (The actual & Correct spelling of my name) & Prashanna Kumar Mohapatra ( The incorrect spelling of my name) is the one and same person who is myself **PRASANNA KUMAR MOHAPATRA** for all future purposes.

**AFFIDAVIT**
I, Shradhanjali Barik, D/O-Mrutunjay Barik resident of Qr No. HD-79, Phase-II, Gopabandhu Nagar, Chhend, Rourkela, Dist-Sundargarh, Pin-769015, Odisha declare by this affidavit No. A-11, dtd. 02/01/2025, that now onwards I shall be known as **Sradhanjali Barik** for all future purposes.

# ଏମକେସିଜି ପିଜି ଛାତ୍ରୀଙ୍କ ଠାରୁ ଲୁଟ୍ ଓ ଅପହରଣ ଉଦ୍ୟମ

**ବ୍ରହ୍ମପୁର,୬।୧(ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଓ ହସପିଟାଲରେ ସୋମବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏମକେସିଜିର ମୁଖ୍ୟ ଫାଟକ ନିକଟରେ ଟିବି ଓ ଚେଷ୍ଟ ବିଭାଗର ଜଣେ ପିଜି ଡାକ୍ତରୀ ଛାତ୍ରୀଙ୍କ ଠାରୁ ଲୁଟ୍ ଓ ଅପହରଣ ଉଦ୍ୟମ କରାଯାଇଛି। ଖବର ନେବାରୁ ଜଣାପଡ଼ିଛି ଯେ, ଦ୍ୱିତୀୟ ବର୍ଷ ପିଜି ଛାତ୍ରୀ ଜଣକ କାରକୁ ମୁଖ୍ୟ ଫାଟକ ନିକଟ(କ୍ୟାମ୍ପସ ଭିତରେ)ରେ ରଖି ରାସ୍ତାର ଅପରପାର୍ଶ୍ୱରେ ଥିବା ଔଷଧ ଦୋକାନକୁ ଚାଲିଚାଲି ଯାଇଥିଲେ। ଔଷଧ କିଣି କାର ନିକଟକୁ ଆସି ଡ୍ରାଇଭର ସିଟରେ ବସି କାର ଷ୍ଟାର୍ଟ କରୁଥିବା ବେଳେ ଜଣେ ଦୁର୍ବୃତ୍ତ ହଠାତ ତାଙ୍କ ନିକଟକୁ ଆସି କାର୍ ଭିତରକୁ ଠେଲି ଦେଇଥିଲେ। ଡାକ୍ତର ଜଣକ ଦୁର୍ବୃତ୍ତଙ୍କୁ ପ୍ରତିବାଦ କରିବା ସହ ଜୋରରେ ପାଟି କରିଥିଲେ। ଏହାଦେଖି ରାସ୍ତାରେ ଏକ ସ୍କୁଟିରେ ଯାଉଥିବା ୨ଜଣ ବ୍ୟକ୍ତି ଉକ୍ତ କାର ନିକଟରେ ପହଞ୍ଚି ଯିବାରୁ ଦୁର୍ବୃତ୍ତ ଜଣଙ୍କ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ତେବେ ତାଙ୍କୁ ଲୁଟ୍ କିମ୍ବା ଅପହରଣ କରିବାକୁ ଉଦ୍ୟମ ହୋଇଥିବା ଡାକ୍ତର ଜଣକ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସେ ଏମକେସିଜି ମେଡିକାଲ କନିଷ୍ଠ ଡାକ୍ତର ସଂଘ କର୍ମକର୍ତ୍ତାଙ୍କୁ ଜଣାଇବା ପରେ ଘଟଣାକୁ ନେଇ ଏମକେସିଜି ମେଡିକାଲର ପିଜି ଡାକ୍ତରଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୁଖ୍ୟଫାଟକ ନିକଟ ସମେତ ଏମକେସିଜି କ୍ୟାମ୍ପସ ଅନ୍ଧାରିଆ ହୋଇଥିବାରୁ ଆଜି ଏହି ଘଟଣା ଘଟିଲା ବୋଲି ଏମକେସିଜି କନିଷ୍ଠ ଡାକ୍ତର ସଂଘ ସଭାପତି ଡା. ଆଲୋକ ଦାଶ ଅଭିଯୋଗ କରିଛନ୍ତି। ଏମକେସିଜି କ୍ୟାମ୍ପସକୁ ତୁରନ୍ତ ଆଲୋକୀକରଣ କରିବାକୁ ଦାବି ହୋଇଛି।

**■ ଆଜୀବନ ଜେଲ୍‌ଦଣ୍ଡାଦେଶ ରଦ୍ଦ**

# ହାଇକୋର୍ଟରେ ଦୋଷମୁକ୍ତ ହେଲେ ଦମ୍ପତି

**କଟକ, ୬।୧(ସମିସ):** କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରେ ୨୦୧୫ ମସିହାରେ ସଂଘଟିତ ଏକ ହତ୍ୟା ମାମଲାରେ ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ଏକ ଦମ୍ପତିଙ୍କୁ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ପ୍ରାମାଣିକ ତଥ୍ୟରେ ସନ୍ଦେହ ଥିବାରୁ ଏହାର ଫାଇଦା ଅଭିଯୁକ୍ତ ଆବେଦନକାରୀଙ୍କୁ ମିଳିବ ବୋଲି ହାଇକୋର୍ଟ କହିବା ସହ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଶରତ ଚନ୍ଦ୍ର ପାଣି ଓ ତିଳୋତ୍ତମା ପାଣିଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣସିଂହ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆଠଗଡ଼ ଅତିରିକ୍ତ ଦୌରାଜଜ୍ ଅଦାଲତଙ୍କ ଗତ ୨୦୧୪ ଫେବ୍ରୁଆରୀ ୨୮ ର ଆଜୀବନ ଜେଲ୍ ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି।

# ଜୟପୁରରେ ହେଲା ଓପିଏସ୍‌ସିର ଆଉ ଏକ ପରୀକ୍ଷା କେନ୍ଦ୍ର

**ଭୁବନେଶ୍ୱର,୬।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁରଠାରେ ଖୋଲିଲା ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି)ର ଆଉ ଏକ ପରୀକ୍ଷା କେନ୍ଦ୍ର। ଏନେଇ ସୋମବାର ଓପିଏସ୍‌ସି ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ସମ୍ବଲପୁର ପରି ୫ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର କରାଯାଉଥିଲା। ଏହାକୁ ମିଶାଇ ମୋଟ୍ ୬ଟି ପରୀକ୍ଷା ଜୋନ୍ କରିଛି ଓପିଏସ୍‌ସି। ସୂଚନାଯୋଗ୍ୟ, ଗତ ୧ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷମାନଙ୍କ ସହ ଆଲୋଚନା ସମୟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ଜୟପୁରରେ ପରୀକ୍ଷା କେନ୍ଦ୍ର କରିବାକୁ ପ୍ରସ୍ତାବ ଦେଇଥିଲେ।

# ମେଡିକାଲ ସାମ୍ନାରେ ନବଜାତକ ମୃତଦେହ ଖାଇଲା କୁକୁର

**ମାଲକାନଗିରି,୬।୧(ସମିସ):** ମେଡିକାଲ ସାମ୍ନାରେ ମୃତ ଶିଶୁର ଶବ ଝୁଣି ଖାଇଲା କୁକୁର। ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମେଡିକାଲ ସମ୍ମୁଖ ମୁଖ୍ୟ ଫାଟକ ନିକଟରେ। ସୋମବାର ସନ୍ଧ୍ୟାରେ ଏହି ଦୃଶ୍ୟ ଦେଖି ଭୟଭୀତ ହୋଇପଡିଥିଲେ ପଥଚାରୀ। ନବଜାତକଟି କାହାର ଓ କିଏ ଏପରି ଅଳିଆ ଗଦାରେ ଫିଙ୍ଗିଦେଲା, ଏହା ମେଡିକାଲ କର୍ତ୍ତୃପକ୍ଷଙ୍କ ଜାଣତରେ ନା ଅଜାଣତରେ ଘଟିଛି ତାକୁ ନେଇ ନାନା ଆଲୋଚନା ହେଉଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଏ ବାବଦରେ ଅବଗତ ନଥିବା ସହ ଏହାର ତଦନ୍ତ କରିବାକୁ କହିଛନ୍ତି। କିଛି ଦେଖଣାହାରୀଙ୍କଠାରୁ ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ, ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ମହଙ୍ଗା...

ଦେଇ ଏ ସରକାର କ୍ଷମତାକୁ ଆସିଛି। ବିଜେଡିଠାରୁ କମ୍ ଭୋଟ ପାଇ ଏ ସରକାର କ୍ଷମତାକୁ ଆସିଛି। ଡବଲ ଇଞ୍ଜିନ ସରକାରର ଡବଲ୍ ବିକାଶ ଦେଇପାରିଲାନି; ତା' ବଦଳରେ ଲୋକଙ୍କୁ ଡବଲ ମାଡ଼ ଦେଇଛି। ସାତ ମାସ ମଧ୍ୟରେ ଆତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଛି। ଡାଲିଠାରୁ ପନିପରିବା, ଔଷଧ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟବୃଦ୍ଧି ଲୋକଙ୍କୁ ଅଣନିଃଶ୍ୱାସୀ କରି ଦେଇଛି। ସାଧାରଣ ଲୋକଙ୍କ ପାଇଁ ବଞ୍ଚିବା କଷ୍ଟ ହୋଇଗଲାଣି। ବଜାର ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। ଓଡ଼ିଶାରେ ମା'ମାନେ ଲୁହ ଗଡ଼ାଉଛନ୍ତି, ଚାଷୀମାନେ କାନ୍ଦୁଛନ୍ତି; ଏପଟେ ଲୋକଙ୍କ ସରକାର ଦାବି କରୁଥିବା ନୂଆ ସରକାର ସାତ ମାସ ହେଲା ଆଇ ମା' କାହାଣୀ ଶୁଣାଉଛନ୍ତି। ଲୋକଙ୍କ ଲୁହ ଓ ଲହୁ ସେମାନଙ୍କୁ ଦେଖାଯାଉ ନାହିଁ। ଅଦିନିଆ ବର୍ଷା ଚାଷୀ ଭାଇର ସବୁ ପରିଶ୍ରମ ଧୋଇନେଲା। ତା' ଆଖି ଆଗରେ ସୁନାର ଫସଲ ଉଜୁଡ଼ିଗଲା। ଦୁଃଖ ଆଉ ଯନ୍ତ୍ରଣା ଭିତରେ ପ୍ରତିଦିନ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି; କିନ୍ତୁ ନେତାଙ୍କ ସମୟ ନିଜର ଆତ୍ମପ୍ରଚାରରେ ବିତୁଛି। ସବୁ ଜିନିଷରେ ଜିଏସ୍‌ଟି ଦେଇଦେଇ ଲୋକଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ଗଲାଣି। ଏହା ବିରୋଧରେ ବିଜେଡି ରାସ୍ତାକୁ ଓହ୍ଲାଇଛି ଏବଂ ଆମ ସହ ସାଢ଼େ ଚାରିକୋଟି ଓଡ଼ିଆ ରାଜ୍ୟର ଅପରାଗ ସରକାର ବିରୋଧରେ ପ୍ରତିବାଦକୁ ଓହ୍ଲାଇଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରତିବାଦ ହିଁ ସରକାରଙ୍କ ଅସଲ ଚେହେରା ଖୋଲିଦେବ ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦଳୀୟ କର୍ମୀଙ୍କ ସହ ହଜାର ହଜାର ସଂଖ୍ୟାରେ ସାଧାରଣଜନତା ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଫଳତା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତାରଣାର ଜବାବ ମାଗିଥିଲେ। ପ୍ରାରମ୍ଭରେ ଦଳର ବରିଷ୍ଠ ନେତୃବୃନ୍ଦ ବକ୍ତବ୍ୟ ରଖି ଡବଲ ଇଞ୍ଜିନ ସରକାର ଉପରେ ପ୍ରବଳ ବର୍ଷିଥିଲେ। ଓଡ଼ିଶାରେ ଭାରତୀୟ ଜୁମ୍‌ଲା ପାର୍ଟିର ସରକାର ଚାଲିଛି କହି ସମାଲୋଚନା କରିବା ସହ ଆଗାମୀ ଦିନରେ ରାଜ୍ୟର ପ୍ରତି ବ୍ଲକ୍, ପ୍ରତି ପଞ୍ଚାୟତରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ।

### ଭାରତରେ ଏଚ୍‌ଏମ୍‌ପିଭି...

ଏବଂ ଚେନ୍ନଇରେ ଦୁଇ ଶିଶୁ ଚିହ୍ନଟ ହୋଇଛନ୍ତି। ପ୍ରଥମେ ବେଙ୍ଗାଲୁରୁର ଏକ ହସ୍ପିଟାଲରୁ ଡିସଚାର୍ଜ ହୋଇଥିବା ୮ ମାସର ଶିଶୁ ଏହି ଭୂତାଣୁରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏହା ଭାରତର ପ୍ରଥମ ମାମଲା ଥିଲା। ପରେ ସେହି ହସ୍ପିଟାଲରେ ଚିକିତ୍ସାଧୀନ ୨ ମାସର ଶିଶୁର ରିପୋର୍ଟ ମଧ୍ୟ ପଜିଟିଭ ଆସିଥିଲା। ସଂକ୍ରାମକ ରୋଗର ଚିହ୍ନଟ ପାଇଁ ଆଇସିଏମ୍‌ଆର ପକ୍ଷରୁ ଉଦ୍ଦିଷ୍ଟ ନିୟମିତ ପର୍ଯ୍ୟବେକ୍ଷଣରୁ ଉଭୟେ ଏଚଏମ୍‌ପିଭିରେ ସଂକ୍ରମିତ ଥିବା ସ୍ପଷ୍ଟ ହୋଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହାକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି କେନ୍ଦ୍ର କହିଛି।

ବେଙ୍ଗାଲୁରୁ ପରେ ଅହମଦାବାଦରେ ଚିକିତ୍ସିତ ହେଉଥିବା ରାଜସ୍ଥାନର ୨ ମାସର ଶିଶୁ ଏଚ୍‌ଏମ୍‌ପିଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସେହିପରି କୋଲକାତାର ଏକ ଘରୋଇ ହସ୍ପିଟାଲରେ ଆଉ ଜଣେ ସଂକ୍ରମିତଙ୍କ ଚିକିତ୍ସା ଚାଲିଛି। ମାତ୍ର ଚେନ୍ନଇ ସଂକ୍ରମିତଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ଏହି ୬ ସଂକ୍ରମିତ ଶିଶୁ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ନିକଟରେ ବିଦେଶ ଯାତ୍ରା କରିନାହାନ୍ତି। ତେଣୁ ଅନ୍ୟ ଦେଶ କିମ୍ବା କ୍ଷେତ୍ରରୁ ଏହି ଭୂତାଣୁ ଆସିନାହିଁ ବୋଲି ସ୍ପଷ୍ଟ ହୋଇଛି।

କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଏହା କୌଣସି ନୂଆ ରୋଗ ନୁହେଁ। ବହୁ ପୂର୍ବରୁ ଭାରତ ସମେତ ସାରା ବିଶ୍ୱରେ ଏଚ୍‌ଏମପିଭିକୁ ଚିହ୍ନଟ କରାଯାଇଥିଲା। ତେଣୁ ଏହାକୁ ନେଇ ଚିନ୍ତାର କୌଣସି କାରଣ ନାହିଁ। ଲୋକଙ୍କୁ ଭୟଭୀତ ନ ହେବାକୁ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଏଚଏମ୍‌ପିଭି ସ୍ଥିତିର ମୁକାବିଲା ନେଇ ଆଜି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟର ବୈଠକ ବସିବାକୁ ଯାଉଛି।

ସୂଚନାଯୋଗ୍ୟ ଯେ ଏଚ୍‌ଏମପିଭି ସଂକ୍ରମିତଙ୍କଠାରେ ଥଣ୍ଡାକାଶ ସହିତ କରୋନା ଭଳି ଲକ୍ଷଣ ଦେଖାଯାଇଥାଏ। ଶିଶୁଙ୍କ ଉପରେ ଏହାର ସର୍ବାଧିକ ପ୍ରଭାବ ପଡୁଛି। ଏଥିରେ ୨ ବର୍ଷରୁ କମ୍ ବୟସର ଶିଶୁ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଏହି ସଂକ୍ରମଣ ଯୋଗୁଁ ଚୀନ୍‌ରେ ଜରୁରୀକାଳୀନ ସ୍ଥିତି ସୃଷ୍ଟି ହୋଇଛି। ହସ୍ପିଟାଲଗୁଡିକରେ ରୋଗୀଙ୍କ ଲମ୍ବାଧାଡ଼ି ଲାଗିଛି। କୌଣସି ବେଡ୍ ଖାଲି ନାହିଁ। ବିଭିନ୍ନ କ୍ଷେତ୍ରରେ ସରକାର ଜରୁରୀ ସ୍ଥିତି କାର୍ଯ୍ୟକାରୀ କରିଛନ୍ତି।

ଏଚ୍‌ଏମପିଭିକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି ଯେ ଏହା କୌଣସି ନୂଆ ଭୂତାଣୁ ନୁହେଁ। ୨୦୦୧ରେ ଏହାକୁ ଚିହ୍ନଟ କରାଯାଇଥିଲା। ପରେ ଏହା ସାରା ବିଶ୍ୱକୁ ବ୍ୟାପି ଯାଇଥିଲା। ଶ୍ୱାସକ୍ରିୟା ଏବଂ ବାୟୁ ମାଧ୍ୟମରେ ଏହା ବ୍ୟାପିଥାଏ। ଏହା ସବୁ ବର୍ଗର ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସ୍ଥିତି ଉପରେ ନଜର ରଖିଛି। ଖୁବଶୀଘ୍ର ଏ ନେଇ ରିପୋର୍ଟ ପ୍ରଦାନ କରାଯିବ। ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗର ମୁକାବିଲା ପାଇଁ ଭାରତ ପ୍ରସ୍ତୁତ ଅଛି। ଏହାର ବ୍ୟାପକ ପରୀକ୍ଷଣ ପାଇଁ ପ୍ରସ୍ତୁତି କିରାଯାଉଛି। ସେହିପରି କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ କହିଛନ୍ତି ଯେ ଏହା କୌଣସି ଭୂତାଣୁ ନୁହେଁ। ଏହା ଏକ ଫ୍ଲୁ ଭୂତାଣୁ। ଡରିବାର ଆବଶ୍ୟକତା ନାହିଁ। ଏ ନେଇ ଭାରତ ସରକାର ଏବଂ ଆଇସିଏମଆର ସହ ଆଲୋଚନା କରାଯିବ।

### ରାୟଗଡ଼ା ରେଳ...

ଉପକୂଳ ଦ୍ୱାରା ସମୃଦ୍ଧ ଏବଂ ଏଠାରେ ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଯଥେଷ୍ଟ ସମ୍ଭାବନା ରହିଛି। ଆଜି ଓଡ଼ିଶାରେ ରାୟଗଡା ରେଳ ଡିଭିଜନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ରାଜ୍ୟର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ। ବିଶେଷ କରି ଆଦିବାସୀ ପରିବାର ସଂଖ୍ୟା ଅଧିକ ଥିବା ଦକ୍ଷିଣ ଓଡ଼ିଶାରେ ପର୍ଯ୍ୟଟନ, ବ୍ୟବସାୟ ଏବଂ ରୋଜଗାରକୁ ପ୍ରୋତ୍ସାହନ ଦେବ। ଭାରତ ବର୍ତ୍ତମାନ ଏକ୍ସପ୍ରେସୱେ, ଜଳପଥ ଏବଂ ମେଟ୍ରୋ ନେଟ୍‌ୱର୍କ ସମେତ ବ୍ୟାପକ ଭିତ୍ତିଭୂମି ସମ୍ପ୍ରସାରଣ କରୁଛି। ୨୦୧୪ରେ ବିମାନ ବନ୍ଦର ସଂଖ୍ୟା ୭୪ରୁ ବୃଦ୍ଧି ପାଇ ଆଜି ୧୫୦ରେ ପହଞ୍ଚିଛି ଏବଂ ମେଟ୍ରୋ ସେବା ଦେଶର ୫ଟି ସହରରୁ ୨୧ଟି ସହରକୁ ସମ୍ପ୍ରସାରିତ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଏକ ବିକଶିତ ଭାରତ ଦିଗରେ ଏକ ବୃହତ ରୋଡମ୍ୟାପର ଅଂଶବିଶେଷ, ଯାହା ବର୍ତ୍ତମାନ ଏହି ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ମିଶନ ବୋଲି ସେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ ପାଟି ଆଭାସୀ ମାଧ୍ୟମରେ ଯୋଗ ଦେଇ କହିଛନ୍ତି ଯେ ଏହି ପ୍ରକଳ୍ପ ଓଡ଼ିଶା, ଆନ୍ଧ୍ର ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗରେ ଉନ୍ନତି ଆଣିବ। ପ୍ରକଳ୍ପ ଏହି ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଏହି ରେଳ ପ୍ରକଳ୍ପ ଦ୍ୱାରା ରାୟଗଡ଼ା ଜିଲ୍ଲା ଓ ସାରା ଦକ୍ଷିଣ ଓଡ଼ିଶାର ରେଳ ଭିତ୍ତିଭୂମିର ଉନ୍ନତି ହେବା ସହିତ ଏ ଅଞ୍ଚଳରେ ବିକାଶର ଗତି ତ୍ୱରାନ୍ୱିତ ହେବ। ରେଳ ଯୋଗାଯୋଗ ବୃଦ୍ଧି ସହିତ ନିଯୁକ୍ତି ଓ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହଯୋଗରେ ଓଡ଼ିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ସହିତ ଅମୃତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୯ଟି ଷ୍ଟେସନକୁ ପୁନର୍ବିକାଶ କରାଯାଉଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ମନ୍ତ୍ରୀ ଜି. କିଶନ ରେଡ୍ଡୀ, କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ, କେନ୍ଦ୍ର ମନ୍ତ୍ରୀ ଭି. ସୋମନ୍ନା, ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ, କେନ୍ଦ୍ର ମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର, ତେଲଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା, ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେବନ୍ଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିମାନବନ୍ଦରରୁ ୧୦...

ପଦାର୍ଥ ଠାବ କରାଯାଇଥିଲା। ଯାଞ୍ଚ କରିବାରୁ ତାହା ମାରିଜୁନା ବୋଲି ଜଣାପଡ଼ିଥିଲା। ପରେ କଷ୍ଟମ୍ ବିଭାଗ ସଂପୃକ୍ତ ଦୁଇ ମହିଳାଯାତ୍ରୀଙ୍କୁ ହେପାଜତକୁ ନେଇଥିଲା। ଏନ୍‌ଡିପିଏସ୍ ଆଇନ-୧୯୮୫ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ତେବେ ଏହି ମାମଲାରେ ଆଉ କାହାର ସମ୍ପୃକ୍ତି ରହିଛି, ସେନେଇ କଷ୍ଟମ୍ ବିଭାଗ ତନାଘନା ଚଳାଇଛି। ସୂଚନାଯୋଗ୍ୟ, ଓଡ଼ିଶା ଏବଂ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ମାରିଜୁନା ଜବତ ହେବାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି।

OFFICE OF THE SUPERINTENDENT,
MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,
BRAHMAPUR-760004, GANJAM, ODISHA
Tel.0680-2292624,FAX.:0680-2292752//E.mail:supdtmkcg@gmail.com,mkcgmchberhampur@gmail.com
Website:www.mkcgmch.org

NO. 255 MCH/SK/XXVII/2025 Dt. Brahmapur the 06.01.2025

1st CORRIGENDUM TO THIS OFFICE TENDER CALL NOTICE NO. 17184 DATED 09.12.2024

The last date of receipt of tender for Supply of "Furniture Items" of this hospital is extended up to 10.01.2025 at 5:00 P.M. and will be opened on 15.01.2025 at 12:30 P.M.

The other terms and conditions remain unchanged.

The tender call notice No. 17184 dated 09.12.2024 and term & conditions, Technical Specifications can available in web site- www.ganjam.odisha.gov.in.

Superintendent,
MKCG Medical College Hospital,
Berhampur

E-654 OIPR - 10028/11/0036/2425

O-1075
GOVT OF ODISHA
OFFICE OF THE SUPERINTENDING ENGINEER,RURAL WORKS DIVISION,NAYAGARH
At/Po-Nabaghanpur. Dist-Nayagarh. Ph-06753-252049 E-mail-nayagarhrw2006@yahoo.in

No:-Tender – Online – NayagarhDivn. –10/2024-25 Date: 27.12.2024

e-Procurement Notice

1. Name of the work : Road works.
2. Total No. of Projects : 12(Twelve) Nos of projects
3. Class of contractor
a)Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.5.90 Lakhs to Rs.21.05 lakhs
5 Time for completion : 01(One) calendar month.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 10/2024-25 | 07.01.2025 at 10.00 A.M | 18.01.2025 upto 5.30 P.M. | 20.01.2025 at 11.00 A.M. |

Further details can be seen from the website www.tendersorissa.gov.in

Sd/- Executive Engineer
Rural Works Division, Nayagarh

OIPR - 25106/11/0014/2425

Letter No. 28. Dated. 04.01.2025 O-1151
Government of Odisha "e" procurement Notice
Bid Identification No. TENDER ONLINE SNPR- 10 OF 2024-25

1. Name of the work : Road & Building Works as per DTCN available in the websit www.tendersodisha.gov.in
2. Total No. of Work : 03 (Three)Nos.
3. Approximate Estimated Cost : Vary from Rs. 5.04 lakh to Rs. 13.40 lakh
4. Period of Completion : 2 (Two) to 4 (Four) Calendar months
5. Period and time of availability of bid document in the portal for bidding : 06.01.2025 at 11.00AM to 17.01.2025 up to 5.00 PM
6. Date and time of opening of Tender : 18.01.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR - 25054/11/0012/2425

B-816
[GOVERNMENT OF ODISHA]
OFFICE OF THE SUPERINTENDING ENGINEER,
BARGARH (R&B) DIVISION, BARGARH
E-mail – eepwdbgh@gmail.com Phone/Fax-06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.19 OF 2024-25
No. 34, Date: 02.01.2025

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil works as detailed in the Detailed Tender Call Notice (D.T.C.N) from the eligible class of contractors.
2) No of Road & Building work:– 02 Nos.
3) Cost of Tender Paper:– Rs.6,000/-& Rs.10,000/-
4) Class of contractor:– "B" Class Contractor
5) Date & Time of available in web site & receipt of Bids: – 11:00 Hrs. of 07.01.2025 to 17:00Hrs. of 15.01.2025.
6) Date of opening of Technical Bid: – 16.01.2025 at 11:30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

Superintending Engineer,
Bargarh (R&B) Division

OIPR - 34039/11/0016/2425

ସକାଳ
THE SAKALA

# ସମ୍ପାଦକୀୟ



ଭାରତ ସମଗ୍ର ମାନବଜାତିର ମାତୃଭୂମି, ଆମ ଦର୍ଶନଶାସ୍ତ୍ରର ଉତ୍ସ, ଆମ ଗଣିତ ଶାସ୍ତ୍ରର ଉତ୍ପତ୍ତିସ୍ଥଳ, ଗଣତନ୍ତ୍ର ଓ ସ୍ୱାୟତ୍ତଶାସନର ଆଦିଭୂମି ଏବଂ ଆହୁରି ଅନେକ କ୍ଷେତ୍ରରେ ଆମ ସମସ୍ତଙ୍କର ମାତୃସ୍ଥାନୀୟ।
- ୱିଲ୍ ଡୁରାଣ୍ଟ

## ଅଧୁରା ସ୍ୱପ୍ନ

କୌଣସିମତେ ଖାଇପିଇ ବଞ୍ଚିଯିବା କ'ଣ ଜୀବନ? ଏଭଳି ଏକ ଅର୍ଥହୀନ ଜୀବନର ଭାରବୋହି ବଞ୍ଚୁଛନ୍ତି ନିମ୍ନ-ମଧ୍ୟବିତ୍ତ ବର୍ଗର ଅଧିକାଂଶ ଜନସମୁଦାୟ। ଅବଶ୍ୟ ଏକଥା ସତ ଯେ ନିଜର ଉପାର୍ଜନକୁ ଚାହିଁ ସେମାନେ ନିଜ ନିଜର ଅଗ୍ରାଧିକାର କ୍ଷେତ୍ର ସଂଶୋଧନ କରିଚାଲିଛନ୍ତି। ତଥାପି ଏଠାରେ କହିବାକୁ ହେବ ଯେ ସେମାନଙ୍କ ସ୍ୱପ୍ନ ମରି ନାହିଁ। ତାହାକୁ ଭିତ୍ତିକରି ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ବଜାରରେ ସକ୍ରିୟତା ପରିଲକ୍ଷିତ ହେଉଛି। ଯେଉଁଦିନ ଏହି ସ୍ୱପ୍ନ ମରିଯିବ, ସେଦିନ ବଜାର ଅର୍ଥନୀତି ଭୁଶୁଡ଼ି ପଡ଼ିବ ଏବଂ ଅର୍ଥହୀନ ଜୀବନର ଭାର ବୋହି ନ ପାରି ମଣିଷ ଆତ୍ମହତ୍ୟା କରିବ। ଆମ ଜୀବନ ପ୍ରବାହରେ ବୃଦ୍ଧି ପାଉଥିବା ଆତ୍ମହତ୍ୟା ପ୍ରବଣର ଏହା ହିଁ ହେଉଛି ମୁଖ୍ୟକାରଣ। ଏ ପରିସଂଖ୍ୟାନ ମାଧ୍ୟମରେ ସଫଳତାର ଅଙ୍କ କଷା ଯାଇପାରେ; କିନ୍ତୁ ଜୀବନ ଜିଇଁ ହୁଏନି। ଏହି ତତ୍ତ୍ୱକୁ ଯେପର୍ଯ୍ୟନ୍ତ ସରକାର ବା କ୍ଷମତା ବୁଝିନାହିଁ, ସେ ପର୍ଯ୍ୟନ୍ତ ସାମଗ୍ରିକ ବିକାଶର ଧାରା ଗତିଶୀଳ ହୋଇପାରିବନି। ଅର୍ଥନୀତି ଅପେକ୍ଷା ଜୀବନ ନୀତିକୁ ପ୍ରାଧାନ୍ୟ ଦେବାର ସମୟ ଏବେ ଉପସ୍ଥିତ।

ନିମ୍ନ-ମଧ୍ୟବିତ୍ତଙ୍କ ଜୀବନର ସ୍ୱପ୍ନ କ'ଣ? ମୋ ଭଳି ଆମ ପିଲା ଅନ୍ତତଃ ବଞ୍ଚିବା ସକାଶେ ସଂଗ୍ରାମ ନ କରୁ। ସେ ଦୁଇଟି ସନ୍ତାନର ଜନକ, ସେମାନଙ୍କୁ ଯୋଗ୍ୟ କରିବାର ଅଭିଳାଷ ପୂର୍ତ୍ତି ପାଇଁ କେତେ ଖର୍ଚ୍ଚ କରିବାକୁ ପଡ଼େ, ତାହାର କିନ୍ତୁ ହିସାବ ନାହିଁ। ସରକାରୀ ଶିକ୍ଷାନୁଷ୍ଠାନରେ ଅଧୋଗତିକୁ ଦେଖି ଅଭିଭାବକ ବାଧ୍ୟ ହେଉଛି ପିଲାଙ୍କୁ ବ୍ୟୟବହୁଳ ପବ୍ଲିକ୍ ସ୍କୁଲରେ ପଢ଼ାଇବା ପାଇଁ। ସେମାନଙ୍କୁ ହୀନମନ୍ୟତାରୁ ଦୂରେଇ ରଖିବା ସକାଶେ ମୁଠା ମୁଠା ଅର୍ଥ ଖର୍ଚ୍ଚ କରିଚାଲନ୍ତି ସେ। ମେଧାବୀ ପିଲା ପାଇଁ ଉଚ୍ଚଶିକ୍ଷାର ସୁଯୋଗ ପ୍ରଦାନ କେବଳ 'ଷ୍ଟଡ଼ିଲୋନ୍' ଉପରେ ନିର୍ଭର କରି ଅଭିଭାବକ ହାତବାନ୍ଧି ବସିପାରିବେନି। ସର୍ବୋପରି ମୁଣ୍ଡ ଉପରେ ଗୋଟିଏ ଛାତର ଆକାଂକ୍ଷା ପୂରଣ କରିବା ମଧ୍ୟ ଅନୁରୂପ ଭାବେ କଷ୍ଟସାଧ୍ୟ ହୋଇପଡ଼ିଛି। ଏହି ସ୍ୱପ୍ନଭଙ୍ଗ ମଣିଷଟି ରାଷ୍ଟ୍ରଗଠନ ଭଳି ଦାୟିତ୍ୱରେ ସାମିଲ ହେବ କିପରି? ସେ ଦେଖୁଛି, ତା'ର ତଳ ପାହାଚରେ ଥିବା ବର୍ଗ ଅଧିକ ସ୍ୱଚ୍ଛଳ ଓ ସକ୍ଷମ। ସରକାରଙ୍କୁ ସମସ୍ତ ସୁବିଧା ଓ ସୁଯୋଗ ନ ମାଗିଲେ ମଧ୍ୟ ମୁଣ୍ଡ ଉପରେ ଓଜାଡ଼ି ହୋଇପଡୁଛି। ପରିବାରର ଅଗ୍ରାଧିକାର ବ୍ୟୟଭାର ନିକଟରେ ସ୍ୱାସ୍ଥ୍ୟବୀମା ହାସଲ କରିବା ଏବେ ସହଜ ନୁହେଁ। ସ୍ୱାସ୍ଥ୍ୟ ସୁବିଧା ହାସଲ ସକାଶେ ତା'କୁ ନିର୍ଭର କରିବାକୁ ପଡୁଛି ସରକାରୀ ହସ୍ପିଟାଲ ଉପରେ। ଅଥଚ ଗରିବ ପରିବାର ହାତରେ ସରକାରୀ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା କାର୍ଡ। ସେ ସୁବିଧା ହାସଲ କରିପାରୁଛି ଘରୋଇ ନର୍ସିଂହୋମ କିମ୍ବା କର୍ପୋରେଟ୍ ହସ୍ପିଟାଲରୁ।

ନିମ୍ନ-ମଧ୍ୟବିତ୍ତ ଚାହେଁନି କୋଟିପତି କିମ୍ବା ଅରବପତି ହେବା ପାଇଁ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଉପରୋକ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସାମାନ୍ୟ ଉପରକୁ ଉଠିଛନ୍ତି, ସେମାନେ କିଣିଥିବା ଘର ଓ ଗାଡ଼ିର ଇଏମ୍ଆଇ ଠିକଣା ସମୟରେ ଦେଇପାରୁନାହାନ୍ତି। ବର୍ଦ୍ଧିତ ମୁଦ୍ରାସ୍ଫୀତି ଓ ଅପରିବର୍ତ୍ତିତ ସୁଧହାରର କଷଣରେ ଦିନକୁ ଦିନ ପରିବାରର ବ୍ୟୟହାର ବଢୁଛି। ସାମାଜିକ ପ୍ରତିଷ୍ଠା ଓ ପରିଚିତିକୁ ଅତୁଟ ରଖିବା ପାଇଁ ଅଯଥା ଓ ଅନାବଶ୍ୟକ ଖର୍ଚ୍ଚ କରିବାକୁ ବାଧ୍ୟ। ଅଥଚ ସେ ସବୁକୁ ଭରଣା କରିବା ସକାଶେ ନିଜ ପାରିବାରିକ ଖର୍ଚ୍ଚ କାଣ୍ଟଛାଣ୍ଟ ବ୍ୟତୀତ ଅନ୍ୟ ଗତି ନାହିଁ। ନିକଟରେ ଆର୍ଥିକ ସ୍ଥିତି ବିଶ୍ଳେଷଣ ସଂକ୍ରାନ୍ତ ତଥ୍ୟ ଆମ ଦୃଷ୍ଟିକୁ ଆସିଛି। ଯେଉଁ ବ୍ୟକ୍ତି ୨୦୦୮-୦୯ ରେ ମାସିକ ବେତନ ଏକ ଲକ୍ଷ ଟଙ୍କା ପାଉଥିଲା, ତାହା ଏବର ମୂଲ୍ୟସୂଚୀରେ ୩୫ ରୁ ୪୦ ହଜାର ଟଙ୍କାରେ ପହଞ୍ଚିଛି। ତାହାର ବେତନ ହାର କ'ଣ ସେହି ଅନୁପାତରେ ବଢ଼ିଛି? ନା' ସେ ବାଧ୍ୟ ହେଉଛି ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବ୍ୟୟ ସଂକୋଚନ କରିବାକୁ? ଏହି ଦିଗଗୁଡ଼ିକୁ ଅନୁଧ୍ୟାନ କଲେ ପ୍ରଥମ ବାକ୍ୟରେ କରିଥିବା ପ୍ରଶ୍ନର ଉତ୍ତର ଆପେ ଆପେ ମିଳିଯିବ।

ନିକଟରେ କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରାଳୟ ଓ ଏସ୍‌ବିଆଇ ରିସର୍ଚ୍ଚ ଟିମ୍‌ର ବିଶ୍ଳେଷଣ ଓ ତଥ୍ୟ ଅନୁଶୀଳନସାପେକ୍ଷ। ଦେଶରେ ଦାରିଦ୍ର୍ୟ ହାର ସାଢ଼େ ୪ ରୁ ୫ ପ୍ରତିଶତ ମଧ୍ୟରେ ସୀମିତ। ଏପରିକି ଉତ୍କଟ ଦାରିଦ୍ର୍ୟ ନଗଣ୍ୟ ସ୍ଥିତିରେ ରହିଛି। ସହର ଓ ଗ୍ରାମାଞ୍ଚଳରେ କ୍ରମାଗତ ଦାରିଦ୍ର୍ୟ ହ୍ରାସ ପାଉଛି। ଏହାକୁ ସରକାରଙ୍କ ଉପଯୋଗିତା ବ୍ୟୟ ସର୍ବେକ୍ଷଣ ତଥ୍ୟ ସମର୍ଥନ ଦେଇଛି। ସରକାରୀ ପରିସଂଖ୍ୟାନ ଦାବି କରେ ଯେ ୨୦୧୧-୧୨ରେ ଗ୍ରାମାଞ୍ଚଳରେ ଦରିଦ୍ର୍ୟ ହାର ୨୫.୭ ପ୍ରତିଶତ ଥିବା ବେଳେ ତାହା ଏବେ ୪.୮୬ ପ୍ରତିଶତକୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହି ହାର ୧୩.୭ ରୁ ୪.୦୯ ପ୍ରତିଶତକୁ କମିଛି। ଏଥିରୁ ମନେ ହେଉଛି ଗତ ୧୨ ବର୍ଷ ମଧ୍ୟରେ ଦେଶରୁ ଦାରିଦ୍ର୍ୟ ଏକପ୍ରକାର ନିଶୂନ ହେବାକୁ ବସିଲାଣି। ଏହି ସମୟ ଅବଧିର ଆଉ ଏକ ପରିସଂଖ୍ୟାନ କୁହେ ଯେ ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚ ହାର ୧୪୩୦ ଟଙ୍କାରୁ ବୃଦ୍ଧିପାଇ ୪୧୨୨ ଟଙ୍କା ଏବଂ ସହରାଞ୍ଚଳରେ ଏହି ହାର ୨୬୩୦ ଟଙ୍କାରୁ ୬୯୯୬ ଟଙ୍କାକୁ ବଢ଼ିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତି ଓ ଖର୍ଚ୍ଚ ପରିସର ଏହି ସମୟ ମଧ୍ୟରେ ଯେଉଁ ଅନୁପାତରେ ବଢ଼ିଛି, ତାହାର ତୁଳନାତ୍ମକ ବିଚାର କଲେ ଯେଉଁ ଖର୍ଚ୍ଚ ହାର ବୃଦ୍ଧି ଦର୍ଶାଯାଇଛି ତାହା କ'ଣ ସତରେ ପର୍ଯ୍ୟାପ୍ତ ଏବଂ ସରକାର ଆତ୍ମସନ୍ତୋଷ ଲାଭ କରିବା ସକାଶେ ଯଥେଷ୍ଟ? ଏହି ପ୍ରଶ୍ନର ଉତ୍ତର କେବଳ ବର୍ଦ୍ଧିତ ବ୍ୟୟହାରରେ ଭାରାକ୍ରାନ୍ତ ହୋଇପଡ଼ିଥିବା ନିମ୍ନ ମଧ୍ୟବିତ୍ତ ବର୍ଗ ଦେଇପାରିବ। ଏସବୁ ସତ୍ତ୍ୱେ ସରକାର ଦେଶର ୮୧.୩ କୋଟି ଲୋକଙ୍କୁ ବିନାମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଚାଲିଛନ୍ତି। କେନ୍ଦ୍ର ଓ ରାଜ୍ୟ ନିର୍ବିଶେଷରେ କ୍ଷମତା ନୂଆ ନୂଆ ଯୋଜନା ମାଧ୍ୟମରେ ଗରିବଙ୍କୁ ଅର୍ଥ ଯୋଗାଇ ଚାଲିଛନ୍ତି। ପରିସଂଖ୍ୟାନ ଓ ପରିସ୍ଥିତିର ଏହି ବିରୋଧାଭାସକୁ ଦେଖିଲେ ମନେହୁଏ, ସବୁ ଯେ ଠିକ୍ ଠାକ୍ ଚାଲିଛି, ଏକଥା ନୁହେଁ। ବ୍ୟବସ୍ଥିତ ଢଙ୍ଗରେ ସମସ୍ତେ ତଥ୍ୟ ଲୁଚେଇ ଚାଲିଛନ୍ତି।

ନିମ୍ନ-ମଧ୍ୟବିତ୍ତଙ୍କୁ ନିରବରେ ନିଜ ଦୁଃଖ ହଜମ କରିବାର କଳା ଜଣା। ପ୍ରତିବେଶୀ ଏପରିକି ଆତ୍ମୀୟସ୍ୱଜନଙ୍କ ନିକଟରେ ନିଜ ଦୁଃଖ ବଖାଣି ପାରେନି। କହିଦେଲେ ଯେ କିଏ ସାହାଯ୍ୟର ହାତ ବଢ଼ାଇଦେବ, ଏକଥା ନୁହେଁ। ତେବେ ଦୁଃଖ ତା'ର କିଛିଟା ଦୁଃଖଟା ଲାଘବ ହୋଇପାରନ୍ତା। ତେଣୁ ତ ଏମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ସବୁଠାରୁ ଅଧିକ। ଲକ୍ଷ୍ୟ କରିବାର କଥା, ନିଜକୁ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ କରୁଥିବା ବିଦ୍ୟାର୍ଥୀମାନେ ବିଫଳତାକୁ ହଜମ କରିନପାରି, ଦିନକୁ ଦିନ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେହିଭଳି ପାରମ୍ପରିକ ଅଘଟଣ କ୍ଷେତ୍ରରେ ଅନୁରୂପ ପରିସ୍ଥିତି ଉପୁଜୁଥିବା ପରିଲକ୍ଷିତ ହେଉଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ନିମ୍ନ-ମଧ୍ୟବିତ୍ତ ପରିବାରର ସଦସ୍ୟ। ଗୋଟିଏ ସମୟରେ ଏହିବର୍ଗକୁ ପରିବର୍ତ୍ତନର ବାର୍ତ୍ତାବହ ବା 'ଓପିନିୟନ ମେକର' କୁହାଯାଉଥିଲା। ସେହି ଅନୁଯାୟୀ ସେମାନେ ମଧ୍ୟ ସ୍ୱତନ୍ତ୍ର ସାମାଜିକ ମର୍ଯ୍ୟାଦାର ଅଧିକାରୀ ଥିଲେ। ଏବେ ସେମାନେ ସବୁଠାରୁ ଅବହେଳିତ। କେବଳ ଗୁରୁତ୍ୱ ବଢ଼ିଛି ଦେଶର କର୍ପୋରେଟ ଲବି ଓ ଅଶିକ୍ଷାର ଅନ୍ଧକାରରେ ଥିବା ଦରିଦ୍ର ଜନସାଧାରଣଙ୍କର। ନିର୍ବାଚନ ରାଜନୀତିରେ ଉଭୟଙ୍କର ଆବଶ୍ୟକତା ରହିଛି। ନିମ୍ନ-ମଧ୍ୟବିତ୍ତ କେବଳ ଜୀବନ ସହ ଲଢୁଛନ୍ତି, ସେମାନଙ୍କ ହାତରେ ସମୟ ଅତିଅଳ୍ପ ଏହି ରାଜନୀତି ପାଇଁ।

## ବାର୍ଦ୍ଧକ୍ୟରେ ଏକଲାପଣ: ଏକ ଅସହଜ ଅନୁଶୀଳନ

ରାଜେଶ କୁମାର ତ୍ରିପାଠୀ

ପରିବାର ଭିତରେ ଓ ସମାଜରେ ବୃଦ୍ଧ ତଥା ବୟୋଜ୍ୟେଷ୍ଠମାନଙ୍କୁ ଆଦରପୂର୍ବକ ଗ୍ରହଣ କରିବା ଏବଂ ସମ୍ମାନ ଦେବା ଆମର ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ପ୍ରତି ଆମର ଶ୍ରଦ୍ଧା ଈଶ୍ୱରଙ୍କ ପ୍ରତି ଆମର ଏକ ପବିତ୍ର ସେବା ଭାବରେ ବିବେଚନା କରାଯାଏ। ସଂଯୁକ୍ତ ବା ଯୌଥ ପରିବାର ବ୍ୟବସ୍ଥାରେ ଏହା ଚିରାଚରିତ ପ୍ରଥା ଭଳି ଥିଲା। ସେ ବ୍ୟବସ୍ଥାରେ ଗୋଟେ ଘରର ଛାତ ତଳେ ତିନି ପିଢ଼ି ଏକା ସମୟରେ ରହୁଥିଲେ। ଜେଜେ-ଜେଜେମା, ବାପା-ମା, କକା-ଖୁଡ଼ି, ପିଉସା-ପିଉସୀ ଆଉ ପିଲାମାନେ। କେତେକ କ୍ଷେତ୍ରରେ ଜେଜେ-ଜେଜେମାଙ୍କ ପୂର୍ବ ପିଢ଼ି ମଧ୍ୟ ଜୀବିତ ଥିଲେ ସେମାନଙ୍କୁ ଠାକୁର ସମ ଘରେ ସଯତ୍ନରେ ରହିବାର ଦେଖା ଯାଉଥିଲା। ସଂଯୁକ୍ତ ପରିବାର ବ୍ୟବସ୍ଥା ଆମକୁ ବଳିଦାନ, ସ୍ନେହ, ସହଯୋଗ, ନିଃସ୍ୱାର୍ଥପରତା ଶିଖାଉଥିବା ବେଳେ ସଦସ୍ୟମାନଙ୍କ ମଧ୍ୟରେ ସମ୍ପର୍କର ବ୍ୟାପକତା ଭଳି ମହତ ସାମାଜିକ ଗୁଣକୁ ସଫଳ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିଲା।

ଦ୍ରୁତ ସହରୀକରଣ ଏବଂ ବ୍ୟକ୍ତିଗତ ଆକାଂକ୍ଷା ଯୋଗୁଁ କେବେଠୁ ଯୌଥ ପରିବାର ବ୍ୟବସ୍ଥା ଭାଙ୍ଗିଯାଇଛି। ଆଜିକାଲି ସାତସପନ ହୋଇଛି ଯୌଥ ପରିବାରଟିଏ। ସଭିଏଁ ଚାହାନ୍ତି ଏକା ରହି ଶାନ୍ତିରେ କାଟିବୁ ଦିନ। କିଏ କାହିଁକି କାହା ବୋଝ ନେବ। ତେଣୁ ମୁଁ, ମୋ ସ୍ତ୍ରୀ ଏବଂ ମୋ ପିଲାଙ୍କୁ ନେଇ ସମାଜରେ ତିଆରି ହେଲା ଏକକ ପରିବାର ସଂସ୍କୃତି। ଗୋଟିଏ ପଟେ ସାମାଜିକ ପ୍ରତିଷ୍ଠା ପାଇଁ ହେଉ କି ନିଜ ପିଲାମାନଙ୍କୁ ଶିକ୍ଷା ଓ ବୃତ୍ତି ନିଯୋଜନ ପାଇଁ ବଡ଼ ସହର ଓ ବିଦେଶକୁ ପଠାଇବାର ଇଚ୍ଛା। ଅନ୍ୟପଟେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କ୍ରମାଗତ ସୁଧାର ଏବଂ ଡାକ୍ତରୀ ବିଜ୍ଞାନରେ ପାରଦର୍ଶିତା କାରଣରୁ ମଣିଷର ଆୟୁ ବୃଦ୍ଧି ଘଟୁଛି। ଏହାଫଳରେ ପିଲାଙ୍କଠୁ ଅଣଦେଖା ହୋଇ ବୃଦ୍ଧାବସ୍ଥାରେ ଅଧିକ ଦିନ ନିଜକୁ ବଞ୍ଚାଇବା କଷ୍ଟକର ହୋଇପଡୁଛି।

ଦେଖିବାକୁ ଗଲେ ସାମ୍ପ୍ରତିକ ପରିସ୍ଥିତିରେ ବରିଷ୍ଠ ନାଗରିକଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। କାରଣ ଯୁବପିଢ଼ି ଆଜି ବରିଷ୍ଠ ନାଗରିକମାନଙ୍କୁ ଏକ ବୋଝ ଏବଂ ଜବରଦସ୍ତି ଲଦି ଦିଆଯାଉଥିବା ଦାୟିତ୍ୱ ଭାବରେ ଦେଖୁଛନ୍ତି। କିନ୍ତୁ କହିବା କାହାକୁ!

ଅନେକ କ୍ଷେତ୍ରରେ ଦେଖିଲେ ଢଳିଲା ବେଳର ଏ ଏକଲାପଣର ରୂପକାର ଯେ ଆଜିର ବରିଷ୍ଠ, ନିଜେ ଏକଥାକୁ ମାନିବାକୁ ହେବ। ତିନି/ଚାରି ଦଶକ ତଳେ ନିଜ ତଥା ନିଜ ପିଲାଙ୍କ ପ୍ରଗତି ପାଇଁ ଆଜିର ବରିଷ୍ଠ ସମାଜ ହିଁ ନିଜ ଯୁବ ଅବସ୍ଥାରେ ନିଜ ଗାଁ, ଅଞ୍ଚଳ, ପରିବାର ଆଡୁ ମୁହଁ ବୁଲାଇ ନେଇଥିଲେ। ସନ୍ତାନ ମୋହରେ ଅଜାଣତରେ ସେମାନେ ନିଜ ପିଲାମାନଙ୍କୁ ଏହି ସ୍ୱାର୍ଥସର୍ବସ୍ୱ କୁଟିଳ ଜୀବନ ବ୍ୟବସ୍ଥା ସହ ଯୋଡ଼ିବାର ପ୍ରମୁଖ ଭୂମିକାରେ ରହିଲେ। ନିଜ ପିଲାମାନଙ୍କୁ ସ୍ୱାର୍ଥକୈନ୍ଦ୍ରିକ କରି ଗଢ଼ି ତୋଳିଲେ। କିନ୍ତୁ କିଏ ଜାଣିଥିଲା ତାଙ୍କୁ ହିଁ ଭୋଗିବାର ଅଛି ବାର୍ଦ୍ଧକ୍ୟର ହତାଦର ଆଉ ଏକକ ପରିବାରର ଏକଲା ପଣ। ଶୁଣିବାକୁ କଟୁ ନିଶ୍ଚିତ ହେଲେ ମଧ୍ୟ ନିରେଖି ଦେଖିଲେ ଏହା ହିଁ ସତ। ଗ୍ରହଣ କରିବା ନକରିବା ଆମର ନିଜର ବିଚାର ଉପରେ ନିର୍ଭର କରେ।



ଆମକୁ ଲାଗୁଛି ଏହି ପ୍ରସଙ୍ଗରେ ଏବେ ଭୁଲ/ଠିକର ତର୍ଜମାର ଆବଶ୍ୟକତା ରହିଛି। ନହେଲେ ଆଜିର ଆହ୍ୱାନ କାଲି ପାଇଁ ବି ଆହ୍ୱାନ ହୋଇ ରହିବ। ଆଜି ଆମ ଘରେ ଆମ ବାପା-ମା' ବୃଦ୍ଧ ବୟସରେ ଏକଲାପଣର ଶିକାର, ହତାଦରରେ ଦୁଃଖୀ; ଆଉ କାଲି ଆମେ ଆମପିଲାଙ୍କ ଆଖିରେ ନିଜକୁ ଅଦରକାରୀ ଭାବେ ଦେଖି ସମୟକୁ ଦୋଷ ଦେବା। ଆମକୁ ଭିତରକୁ ଯାଇ ବୁଝିବାକୁ ହେବ। ବିଭିନ୍ନ ଅବସ୍ଥାରେ ବିଭିନ୍ନ ଅବସ୍ଥାରେ ଜନ୍ମ ହୋଇଥିବା ବ୍ୟକ୍ତିମାନେ ଯେଉଁ ପରିସ୍ଥିତି ଦେଇ ବଞ୍ଚୁଥିବେ, ତାହା ଉପରେ ଆଧାର କରି ସେମାନଙ୍କର ମତ ରହିଛି। ସମୟ ଅନୁସାରେ ଜୀବନର ଧାରା କ୍ରମାଗତ ଭାବେ ବଦଳୁଛି। ସମସ୍ତେ ତାଙ୍କ ମାର୍ଗରେ ବଞ୍ଚିବାକୁ ଏବଂ ଆଚରଣ କରିବାକୁ ଚାହାନ୍ତି ଏବଂ ତାଙ୍କ ମୂଲ୍ୟବୋଧ ଓ ଦୃଷ୍ଟିକୋଣକୁ କେହି ବୁଝାମଣା କରିବାକୁ ଚାହାନ୍ତି ନାହିଁ।

ଯୁବ ଓ ବୟସ୍କ ପିଢ଼ି ମଧ୍ୟରେ ମନୋଭାବ କିମ୍ବା ବୁଝାମଣାର ଅଭାବ ଆଜିର ପ୍ରସଙ୍ଗ ନୁହଁ। ଦଶକ ଦଶକ ଧରି ଏହି ପାର୍ଥକ୍ୟ ରହିଆସିଛି। ଏହି ବିଭେଦ ପିଢ଼ିର ବ୍ୟବଧାନକୁ ବୃଦ୍ଧି କରିଛି ଏବଂ ଏହା ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି। ଏହି ବ୍ୟବଧାନ ବର୍ତ୍ତମାନ ଆମ ଜୀବନକୁ ଭୁଲ ଉପାୟରେ ପ୍ରଭାବିତ କରିବା ଆରମ୍ଭ କରିଛି। ବିଭିନ୍ନ ପ୍ରକାରର ଧାରଣା, ଦୃଷ୍ଟିକୋଣ ଏବଂ ମତାମତ ରହିବା ସର୍ବଦା ଭଲ। ଏହା ସୂଚିତ କରେ ଯେ ଆମେ କିପରି ବିକାଶ ଏବଂ ଅଗ୍ରଗତି କରୁଛୁ। କିନ୍ତୁ ବେଳେବେଳେ ଏହା ଚିନ୍ତାଜନକ ହୋଇଯାଏ ଯେତେବେଳେ କିଛି ମୌଳିକ ପ୍ରସଙ୍ଗ, ଜୀବନ ଶୈଳୀ ଏବଂ ଧାରଣା ଉଭୟ ପିଢ଼ି ଦ୍ୱାରା ଗ୍ରହଣୀୟ ହୁଏ ନାହିଁ। ଅଭିଭାବକମାନେ ଚାହାନ୍ତି ଯେ ପିଲାମାନେ ସେମାନଙ୍କର ମୂଲ୍ୟବୋଧକୁ ଅନୁସରଣ କରନ୍ତୁ, ଯେପରି ସେମାନେ ବିଶ୍ୱାସ କରନ୍ତି, ଏହା ସେମାନଙ୍କର ଲାଭ ପାଇଁ ଏବଂ ସେମାନଙ୍କ ପାଇଁ ଭଲ କରିବ। ଏହା ଠିକ ମଧ୍ୟ। କିନ୍ତୁ ଅନ୍ୟ ପଟେ ପିଲାମାନଙ୍କର ଏକ ବ୍ୟାପକ ଦୃଷ୍ଟିକୋଣ ରହିଛି ଏବଂ ସେମାନେ ପାରମ୍ପରିକ ଜୀବନର ଦୃଷ୍ଟିକୋଣକୁ ଶତପ୍ରତିଶତ ଗ୍ରହଣ କରିବାକୁ କୁଣ୍ଠିତ। ସେମାନେ ସବୁ ବିଷୟରେ ନିଜ ଦୃଷ୍ଟିକୋଣ ଆଧାରରେ ପଥ ପ୍ରସ୍ତୁତ କରିବାକୁ ଚାହାନ୍ତି। ପରିଶେଷରେ, ଦୁଇ ପିଢ଼ିର ପରସ୍ପର ପ୍ରତି ଶ୍ରଦ୍ଧା ଏବଂ ସ୍ନେହ ଉଭୟ ଦୂରେଇ ଯାଏ। ଉଭୟ ପିଢ଼ି ପରସ୍ପରକୁ ବୁଝିବାରେ ସକ୍ଷମ ହୁଅନ୍ତି ନାହିଁ। ଦୋଷ ଠେଲା ଠେଲି ହୁଏ। ଫଳସ୍ୱରୂପ, ଯୋଗାଯୋଗ ବିଚ୍ଛିନ୍ନ ଏବଂ ସମ୍ପର୍କ ତିକ୍ତ ହେଲା ଭଳି ପରିସ୍ଥିତି ସୃଷ୍ଟି ହୁଏ।

ନିଜ ଚିନ୍ତାଧାରା ଏବଂ ନିଜ ସମୟର ଚଳଣିକୁ ପିଲାମାନଙ୍କ ଉପରେ ଲଦି ଦେବାରୁ ବିରତ ରହିବା ଠିକ ବୋଲି ଆମେ ମତ ରଖି ପାରିବାନି। କିନ୍ତୁ ଏହାର ଯେ ଆବଶ୍ୟକତା ଅଛି, ଏଥିରେ ଭିନ୍ନ ମତ ରହିଲା ଭଳି ଅନୁଭବ ହୁଏ ନାହିଁ। ଏହା ମଧ୍ୟ ସତ ଯେ ଗୋଟିଏ ପିଢ଼ି ସମ୍ପୂର୍ଣ୍ଣ ଠିକ୍ କିମ୍ବା ସମ୍ପୂର୍ଣ୍ଣ ଭୁଲ ନୁହନ୍ତି। ତେଣୁ କେଉଁ ଏକ ନିର୍ଦ୍ଦିଷ୍ଟ ପିଢ଼ିକୁ ଦାୟୀ କରିବା ପରିବର୍ତ୍ତେ ଅତି ସମ୍ବେଦନଶୀଳ ଭାବରେ ଏହାକୁ ବିଚାର କରିବା ଉଚିତ। ଉଭୟ ପିଢ଼ିକୁ ପରସ୍ପର ପ୍ରତି ଅଧିକ ଗ୍ରହଣୀୟ ହୋଇପାରିବାର ଇଚ୍ଛାକୁ ବଢ଼ାଇବାକୁ ପଡ଼ିବ। ଶେଷରେ ଏହା କହିହେବ ଯେ ପରିବର୍ତ୍ତିତ ସମୟ ଆଗରେ ହ୍ୟାଣ୍ଡ-ଡାଉନ୍ ମୂଲ୍ୟବୋଧର ଅତ୍ୟଧିକ ଗ୍ରହଣୀୟତା ସହ ଏକ ଡଜନ ସଦସ୍ୟ ସହ ଭରପୂର ଘରଗୁଡ଼ିକର ପୃଷ୍ଠଭୂମି ବିରୁଦ୍ଧରେ ଆମେ ଯେଉଁ ନୂତନ ସଂସ୍କୃତିକୁ ଅଶୀ ନବେଦଶକରେ ଆରମ୍ଭ କରିଥିଲେ ତାହା ଆଜି ସ୍ୱାର୍ଥପରତାର ବିରାଟ ବଟବୃକ୍ଷ ହୋଇ ଆମକୁ ଡରାଇବା ଆରମ୍ଭ କଲାଣି।

ନୂତନ ପିଢ଼ି ବରିଷ୍ଠଙ୍କଠୁ ଶିଖିଆଜି, ଏହା 'ମୋ ଘର', 'ମୋର ସ୍ଥାନ' ଏବଂ 'ମୋର ବ୍ୟକ୍ତିଗତ ଜୀବନ' ବିଷୟକୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛି। ତେଣୁ ପରିବର୍ତ୍ତନ ହେବ ତ ବରିଷ୍ଠଙ୍କ ପଦକ୍ଷେପରେ ହେବ। ନିଜ ପୁରୁଖାଙ୍କ ଯତ୍ନ କରି ଯୁବପିଢ଼ିଙ୍କ ପାଇଁ ଉଦାହରଣ ତିଆରି କରିବାକୁ ହେବ। ନିଜ ବୋହୂକୁ ଝିଅ କରି ପୁଅର ସାଂସାରିକ ଜୀବନକୁ ସହଜ କରିବାକୁ ହେବ। ଯୁବପିଢ଼ିଙ୍କର ନୂଆ ଯୁଗର ଜୀବନଶୈଳୀ ପ୍ରତି ଥିବା ରୁଚିର ବାସ୍ତବତାକୁ ହୃଦୟଙ୍ଗମ କରିବାକୁ ହେବ। ଦୁଇ ପାଦ ନିଜକୁ ଆଗକୁ ଆସି ଦୁଇ ପାଦ ପିଲାଙ୍କୁ ଆସିବାକୁ ଉତ୍ସାହିତ କରିବାକୁ ହେବ। ପାଠକଙ୍କୁ ଲାଗି ପାରେ ଏହି ଆଲେଖ୍ୟରେ ବରିଷ୍ଠଙ୍କୁ ଦାୟୀ କରାଯାଇଛି; ତାହା ବିଲକୁଲ ନୁହଁ। ବରଂ ସେମାନଙ୍କ ପାଖରେ ବିନମ୍ର ଭାବରେ ଆଶା ରଖା ଯାଇଛି। ଯୁବ ପିଢ଼ିର ବଡ଼ ଭାଗ ଯେ ଆଜି ପଥଭ୍ରଷ୍ଟ, ସ୍ୱାର୍ଥପର ଏଥିରେ ଦ୍ୱିମତ ନାହିଁ। କିନ୍ତୁ ସେମାନଙ୍କ ରାସ୍ତା ସଜାଡ଼ିବାର କ୍ଷମତା ଭଗବାନ ବରିଷ୍ଠଙ୍କୁ ଦେଇ ରଖିଛନ୍ତି। ତେଣୁ ଆଶା ବରିଷ୍ଠଙ୍କୁ ରଖା ଯାଇଛି। ଏଠାରେ ଲିଖିତ ରଖିବା ଉଚିତ ହେବ ଯେ ଯେଉଁ ପରିବାରରେ ପୂଜ୍ୟପୂଜା, ବରିଷ୍ଠ ଆଦରର ପରମ୍ପରା ଜୀବିତ ଅଛି ସେ ପରିବାରର ନୂତନ ପିଢ଼ି ମଧ୍ୟ ସେସବୁରେ ସକାରାତ୍ମକ ଭାବରେ ପ୍ରଭାବିତ ରହୁଛନ୍ତି।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

## ଜଳ ବଦଳରେ ଜୀବନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ନଳକୂପ(ବୋରୱେଲ୍) ଯୋଗୁଁ ଅଜାଣତରେ ଘଟିଥିବା ଅନେକ ଅପ୍ରୀତିକର ଘଟଣା ପରିବାର, ସମାଜକୁ ଆଜୀବନ ଅସହ୍ୟ ଯନ୍ତ୍ରଣା ଦେଇଥାଏ। ପିଲାମାନେ ନଳକୂପ ଭିତରକୁ ପଡ଼ିବା ଖବର ଯେତିକି ଚିନ୍ତାଜନକ ସେତିକି ଲଜ୍ଜାଜନକ। ନିକଟରେ ରାଜସ୍ଥାନର କୋଟପୁଟଲିରେ ୭୦୦ ଫୁଟ ଗଭୀର ଗାତରେ ଫସି ରହିଥିବା ୩ ବର୍ଷର ଚେତନାଙ୍କୁ ୧୦ ଦିନ ପରେ ଉଦ୍ଧାର କରାଯିବା ପରେ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଛି। ଗତ ଡିସେମ୍ବର ୯ ତାରିଖରେ ରାଜସ୍ଥାନର ଦୌସା ଜିଲ୍ଲାର କାଲିଖାଡ଼ ଗାଁରେ ୫ ବର୍ଷର ଆର୍ଯ୍ୟନଙ୍କ ସହ ସମାନ ଘଟଣା ଘଟିଥିଲା। ୫୬ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଉଦ୍ଧାର କାର୍ଯ୍ୟ ପରେ ସେ ଜୀବିତ ନଥିଲେ।

ବାସ୍ତବରେ ଦେଶର ବିଭିନ୍ନ ସ୍ଥାନରେ ଖୋଲା ନଳକୂପ ନିରୀହ ଶିଶୁଙ୍କ ପାଇଁ କାଳ ପାଲଟିଛି। ଗତ କିଛିବର୍ଷ ମଧ୍ୟରେ ନଳକୂପରେ ପଡ଼ି ଶହ ଶହ ଶିଶୁପ୍ରାଣ ହରାଇଥିଲେ ମଧ୍ୟ ଏଭଳି ଦୁର୍ଘଟଣାକୁ ନିୟନ୍ତ୍ରଣ କରିବାରେ ସଫଳତା ମିଳୁନାହିଁ। ନା ଲୋକମାନେ ଏଭଳି ଦୁର୍ଘଟଣା ନେଇ ସତର୍କ ହେବାକୁ ପ୍ରସ୍ତୁତ ନା ପ୍ରଶାସନର ନିଦ ଭାଙ୍ଗୁଛି। ଏଭଳି ଘଟଣାରେ ବହୁତ କମ୍ ପିଲା କିମ୍ବା ଲୋକ ନିଜ ଜୀବନ ଫେରିପାଆନ୍ତି। ଏନ୍‌ଡିଆରଏଫ୍‌ର ଏକ ରିପୋର୍ଟ ଅନୁଯାୟୀ, ନଳକୂପ ବ୍ୟବହାର କ୍ଷେତ୍ରରେ ଭାରତ ବିଶ୍ୱର ଏକନମ୍ବର ସ୍ଥାନରେ ରହିଛି ଏବଂ ଗତ କିଛି ବର୍ଷ ମଧ୍ୟରେ ନଳକୂପରେ ପଡ଼ିଯାଇଥିବା ଶିଶୁଙ୍କ ଉଦ୍ଧାର କାର୍ଯ୍ୟର ୭୦ ପ୍ରତିଶତ ବିଫଳ ହୋଇଛି ବା ସେମାନଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇପାରିନାହିଁ। ଏଭଳି ଦୁର୍ଘଟଣାର ଶିକାର ହେଉଥିବା ପୀଡ଼ିତମାନଙ୍କ ମଧ୍ୟରୁ ୯୨ ପ୍ରତିଶତ ୧୦ ବର୍ଷରୁ କମ୍ ବୟସର ଶିଶୁ। ଏନ୍‌ଡିଆରଏଫ୍‌ର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ନଳକୂପର ଜଳ ସହରାଞ୍ଚଳ ଏବଂ ଶିଳ୍ପ ଆବଶ୍ୟକତାର ପାଖାପାଖି ୫୦ ପ୍ରତିଶତ ପୂରଣ କରିଥାଏ। ଏହା କୃଷି ଆବଶ୍ୟକତାର ପ୍ରାୟ ୫୫ ପ୍ରତିଶତ ପୂରଣ କରିଥାଏ। ୮୦ ପ୍ରତିଶତରୁ ଅଧିକ ଗ୍ରାମାଞ୍ଚଳବାସୀ ସେମାନଙ୍କ ଜଳ ଆବଶ୍ୟକତା ପାଇଁ ନଳକୂପ ଉପରେ ନିର୍ଭର କରନ୍ତି। ସେହିପରି ଭୂତଳ ଜଳ ବିଭାଗର ଆକଳନ ଅନୁଯାୟୀ, ସମଗ୍ର ଦେଶରେ ପ୍ରାୟ ୨.୭ କୋଟି ନଳକୂପ ଅଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ କେତେ ସଚଳ ତାହାର ତଥ୍ୟ ନାହିଁ।

ଦେଶର ସର୍ବୋଚ୍ଚ ନ୍ୟାୟାଳୟର ତାଗିଦ୍, ଆଇନଗତ ସଂଶୋଧନ ଓ କଟକଣା ସତ୍ତ୍ୱେ ଏଭଳି ଘଟଣାକୁ ନେଇ ପ୍ରଶାସନିକ ସ୍ତରରେ ଗମ୍ଭୀରତା ପ୍ରକାଶ ନ ପାଇବା କ୍ଷୋଭର ବିଷୟ। ନଳକୂପ ଖନନ ପ୍ରସଙ୍ଗରେ ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଅନେକ ନିର୍ଦ୍ଦେଶନାମା ରହିଛି। ଏ ସଂକ୍ରାନ୍ତରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆଇନ ପାଳନ ସୁନିଶ୍ଚିତ କରିବା ଜିଲ୍ଲାପାଳଙ୍କ ଦାୟିତ୍ୱ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍ ଏଚ୍ କାପାଡିଆ, ଜଷ୍ଟିସ୍ ରାଧାକ୍ରିଷ୍ଣନ୍ ଓ ଜଷ୍ଟିସ୍ ସ୍ୱାଧୀନ କୁମାରଙ୍କୁ ନେଇ ଗଠିତ ସର୍ବୋଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ୨୦୧୦ ଅଗଷ୍ଟ ୬ ତାରିଖରେ ଶିଶୁମାନଙ୍କୁ ନଳକୂପ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ଏକ ଆବେଦନର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ ଆଜିପର୍ଯ୍ୟନ୍ତ ତାହାର ସଠିକ ରୂପାୟନ ସୁନିଶ୍ଚିତ ହୋଇପାରିନାହିଁ।

ନଳକୂପ ଖନନ ପାଇଁ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଖନନ ପୂର୍ବରୁ ଜିଲ୍ଲାପାଳ କିମ୍ବା ଗ୍ରାମ ପଞ୍ଚାୟତକୁ ଲିଖିତ ସୂଚନା ଦେବାକୁ ପଡ଼ିବ। ଖନନ କରୁଥିବା ସରକାରୀ, ଅର୍ଦ୍ଧସରକାରୀ ସଂସ୍ଥା କିମ୍ବା ଠିକାଦାରଙ୍କ ପଞ୍ଜୀକରଣ ହେବା ଦରକାର। ଖନନର ଅତିକମରେ ୧୫ ଦିନ ପୂର୍ବରୁ ଜିଲ୍ଲା ମାଜିଷ୍ଟ୍ରେଟ୍, ଭୂତଳ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ମହାନଗର ନିଗମକୁ ସୂଚନା ଦେବା ବାଧ୍ୟତାମୂଳକ। ଖନନ କରାଯାଇଥିବା ସ୍ଥାନରେ ଏକ ସଚେତନ ଫଳକ ରଖାଯିବ। ଖନନ ସ୍ଥଳର ଚାରିପଟେ କଣ୍ଟାତାର ବାଡ଼ ଲଗାଯିବ। ବାଡ଼ ପାଇପ୍ ଚାରିପଟେ ୦.୩ ମିଟର ଉଚ୍ଚ ସିମେଣ୍ଟ କିମ୍ବା କଂକ୍ରିଟ୍‌ର ପ୍ଲାଟଫର୍ମ ନିର୍ମାଣ କରାଯିବ। ନଳକୂପ ଖନନ ଶେଷ ହେବା ପରେ ଖୋଳା ଯାଇଥିବା ଗାତ ଓ ଜଳ ପଥକୁ ସମତଳ କରାଯିବ। ଯଦି ଖନନ ଅସମ୍ପୂର୍ଣ୍ଣ ରହେ, ତେବେ ଭୂପୃଷ୍ଠରେ ମାଟି, ବାଲି, ବଜୁରୀ, ଗୋଡ଼ିରେ ଭର୍ତ୍ତି କରାଯିବ।

ଏହି ନିର୍ଦ୍ଦେଶନାମାକୁ କେଉଁଠି ବି ପାଳନ କରାଯାଉଥିବା ଦେଖାଯାଉନାହିଁ। ଯେଉଁମାନେ ନିୟମ ମାନୁନାହାନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟଗ୍ରହଣ କରାଯାଉନାହିଁ। ଯଦିଓ ଅପ୍ରୀତିକର ଘଟଣା ସାମ୍ନାକୁ ଆସିବା ପରେ ଦୋଷୀ ବିରୋଧରେ ପ୍ରଶାସନର ଅଭିଯାନ ପ୍ରତିଥର ପୁନରାବୃତ୍ତି ହୁଏ, କିନ୍ତୁ ଏହା କେବଳ ଲୋକଙ୍କ ଆକ୍ରୋଶ ଶାନ୍ତି ହେବା ପର୍ଯ୍ୟନ୍ତ ରହିଥାଏ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଜୈବ ପ୍ରଯୁକ୍ତିବିଦ୍ୟା- ବିକାଶର ମେରୁଦଣ୍ଡ

ଶ୍ରୀନନ

ଆଧୁନିକ ବିଜ୍ଞାନର ସର୍ବୋଚ୍ଚ ସୀମାରେ ଏବେ ଦଣ୍ଡାୟମାନ ଜୈବ ପ୍ରଯୁକ୍ତିବିଦ୍ୟା। ଏହାର ବିବିଧତା ତଥା ସୁବିଶାଳ କ୍ଷେତ୍ରର ଅନ୍ତର୍ଭୁକ୍ତ ହେଲା ଜୀନିୟ ଇଂଜିନିୟରିଂ, ସଂଶ୍ଳେଷଣ, ଜୀବବିଜ୍ଞାନ, ଜୈବିକ ସୂଚନା, ଜିନୀୟ ଚିକିତ୍ସା ଇତ୍ୟାଦି। ସଜୀବର ଜିନୀୟ ପରିବର୍ତ୍ତନ ଆଣି ତା'ପରେ ନୂତନ ନୂତନ ଚରିତ୍ରମାନ ସୃଷ୍ଟି କରିବାଠାରୁ ଆରମ୍ଭ କରି ଜିନୀୟ ବିଶୃଙ୍ଖଳାର ସମାଧାନ ଆଦି କ୍ଷେତ୍ରରେ, ମୁଖ୍ୟତଃ ଚିକିତ୍ସାବିଜ୍ଞାନ ଏବଂ କୃଷିବିଜ୍ଞାନ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର ହେଉଛି। ତେବେ ଜିନ୍ ସମ୍ପାଦନା ପ୍ରଯୁକ୍ତିବିଦ୍ୟା, ନୂତନ ଶ୍ରେଣୀର ପ୍ରୋଟିନ୍ ସଂଶ୍ଳେଷଣ କିମ୍ବା ଜିନୀୟ ପରିବର୍ତ୍ତନ ସୂକ୍ଷ୍ମଜୀବମାନ ବ୍ୟବହାର କରି ନିର୍ଦ୍ଦିଷ୍ଟ ଏନ୍‌ଜାଇମ ଉତ୍ପନ୍ନ କରିବାରେ ନିକଟରେ ମିଳିଥିବା ସଫଳତା ସହିତ ତଥ୍ୟ ବା ଡାଟା ପ୍ରକ୍ରିୟାକରଣ ଦକ୍ଷତା ବୃଦ୍ଧି ଏବଂ କୃତ୍ରିମ ମେଧାର ବିନିଯୋଗ ଏ କ୍ଷେତ୍ରରେ ନୂଆ ନୂଆ ସମ୍ଭାବନାମାନ ସୃଷ୍ଟି କରି ଚାଲିଛି। ଅତଏବ କୃତ୍ରିମ ତନ୍ତୁ ତିଆରି ବସ୍ତ୍ର, ପ୍ଲାଷ୍ଟିକ ତଥା ମାଂସ, କ୍ଷୀର ଏବଂ ଇନ୍ଧନ ଇତ୍ୟାଦିର ପରିବେଶ ହିତକାରୀ ବିକଳ୍ପ ଲାଗି ଆଧୁନିକ ଜୀବ ବିଜ୍ଞାନର ପ୍ରୟୋଗ ଏହାଦ୍ୱାରା ସମ୍ଭବ ହୋଇପାରୁଛି। ସେହିପରି ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ବହୁ ରାସାୟନିକ ପ୍ରକ୍ରିୟା ବଦଳରେ ଏହା ପ୍ରୟୋଗ ହେବାକୁ ଲାଗିଲାଣି। ଏହା ଫଳରେ ଯେ କୌଣସି ପଦାର୍ଥକୁ ଆବଶ୍ୟକ ମୁତାବକ ଉତ୍ପନ୍ନ କରାଯାଇପାରିବ ଏବଂ ଏହାର ମାନବୃଦ୍ଧି କରାଯାଇପାରିବ। ପୁନଶ୍ଚ ଏଥିରେ ସବୁଜଗୃହ ବାଷ୍ପମାନଙ୍କର ନିର୍ଗମନକୁ ସଂକୁଚିତ କରିହେବ। ରାସାୟନିକ ପଦ୍ଧତିରେ ହାଇଡ୍ରୋକାର୍ବନମାନଙ୍କରୁ ଉତ୍ପନ୍ନ ଅତ୍ୟନ୍ତ ପ୍ରଦୂଷଣକାରୀ ପ୍ଲାଷ୍ଟିକ ବଦଳରେ ଶସ୍ୟର ଷ୍ଟାର୍ଚ୍ଚ, ଆଖୁ ଇତ୍ୟାଦିରୁ ଜୈବ ବିଘଟନକ୍ଷମ ଜୈବ ପ୍ଲାଷ୍ଟିକ ଏବଂ ଗୋପାଳନ ବିନା ଅଧିକ ପୌଷ୍ଟିକମାନ ତଥା ସ୍ୱାଦଯୁକ୍ତ ସଂଶ୍ଳେଷିତ କ୍ଷୀର ବା ମାଂସ ଉତ୍ପାଦନକୁ ଏହାର ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ।

**ବିଜ୍ଞାନ ବାର୍ତ୍ତା**

ସେହିପରି ଏ ବିଦ୍ୟାର ପ୍ରୟୋଗରେ କିଛି ନୂତନ ପ୍ରଜାତିର ଜୀବାଣୁ, କବକ ଆଦି ତିଆରି କରିହେବ, ଯେଉଁମାନେ କି ବାୟୁମଣ୍ଡଳରୁ ଜାଗତିକ ଉଷ୍ଣତା ବୃଦ୍ଧିକାରୀ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ସବୁଜଗୃହ ବାଷ୍ପ ଶୋଷଣ କରିପାରିବେ। ଅତଏବ ଏଥିପାଇଁ ଖର୍ଚ୍ଚବହୁଳ ବର୍ତ୍ତମାନର ରାସାୟନିକ ପ୍ରକ୍ରିୟାମାନଙ୍କ ସହାୟତା ଲୋଡ଼ା ହେବ ନାହିଁ। ପୁନଶ୍ଚ ଏହା ମଧ୍ୟ ଅଧିକ ଦକ୍ଷ ହୋଇପାରିବ।

ସଂଶ୍ଳେଷଣ-ଜୀବବିଜ୍ଞାନକ୍ଷେତ୍ରରେଜୈବପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଦ୍ୱାରା ନିର୍ଦ୍ଦିଷ୍ଟ ଗୁଣଧାରୀ ନୂତନ ପ୍ରଜାତିର ସୂକ୍ଷ୍ମଜୀବ, ପ୍ରୋଟିନ୍ ଓ ଏନ୍‌ଜାଇମ୍ ଭଳି ଜୈବରସାୟନମାନ ପ୍ରସ୍ତୁତ କରିବା ସମ୍ଭବ ହେବ। ପ୍ରତିରୋପଣ ଲାଗି ଅଂଶ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ସୃଷ୍ଟି କରିପାରିବ। ଏସବୁକୁ ବିବିଧ ଜୈବିକ ଶିଳ୍ପ, ଚିକିତ୍ସା, ଖାଦ୍ୟ ଉତ୍ପାଦନ ଇତ୍ୟାଦି କ୍ଷେତ୍ରରେ ବ୍ୟବହାର କରାଯାଇପାରିବ।

ଜୈବ ପ୍ରଯୁକ୍ତିବିଦ୍ୟାର ଯାଦୁକରୀ ସମର୍ଥକ ଏବେ ଅଧିକରୁ ଅଧିକ ଉନ୍ମୋଚିତ ହେବାରେ ଲାଗିଛି। ଆଶା କରାଯାଏ ଯେ ଆଗାମୀ କିଛିବର୍ଷ ମଧ୍ୟରେ ଏହା ଅଧିକ ବିକାଶଲାଭ କରିବ ଏବଂ ଆମ ଅର୍ଥନୀତିଠାରୁ ଆରମ୍ଭ କରି ଜୀବନଧାରଣ ପ୍ରକ୍ରିୟା, ପରିବେଶ ଓ ପରିସଂସ୍ଥା ଇତ୍ୟାଦିକୁ ଗଭୀର ଭାବେ ପ୍ରଭାବିତ କରିବ। ଫଳରେ କେବଳ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଏହାର ପ୍ରୟୋଗ ଆଗାମୀ ଦଶକରେ ୨ ରୁ ୪ ଟ୍ରିଲିୟନ (୧ଟ୍ରିଲିୟନ=୧ ଲକ୍ଷ କୋଟି) ଡଲାର ମୂଲ୍ୟର ଅର୍ଥନୈତିକ ଅବଦାନ ଦେବ ବୋଲି ଆଶା କରାଯାଏ। ପୁନଶ୍ଚ ଅନ୍ୟାନ୍ୟ ଅର୍ଥନୈତିକ ପ୍ରକ୍ରିୟାକୁ ମଧ୍ୟ ଏହାର ପ୍ରଭାବିତ କରିବାର ସାମର୍ଥ୍ୟ ରହିଛି।

ଏସବୁ କଥା ବିଚାରକୁ ନେଇ ବିଗତ ଡିସେମ୍ବର ୨୦୨୪ରେ ଆମ ସରକାର ବିବିଧ କ୍ଷେତ୍ରରେ ଏହାର ପ୍ରୟୋଗ ବ୍ୟାପକ କରିବାକୁ ନୀତି ପ୍ରଣୟନ କରିଛନ୍ତି। ଏହାକୁ କୁହାଯାଉଛି 'ବାଇଓ ଇ-୩' ନୀତି। ଏହାର ଲକ୍ଷ୍ୟ ରହିଛି ଜୈବ ପ୍ରଯୁକ୍ତିବିଦ୍ୟାର ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇବା ଏବଂ ପ୍ରାକୃତିକ ଜୈବ ବ୍ୟବସ୍ଥାମାନଙ୍କରେ ଥିବା ପ୍ରକ୍ରିୟାଗୁଡ଼ିକୁ ଅନୁକରଣ ତଥା ଅନୁସରଣ କରି ନୂତନ ଉତ୍ପାଦନ ପଦ୍ଧତିମାନ ବିକଶିତ କରିବା। ଫଳରେ ଜୈବବିଜ୍ଞାନର ବହୁଳ ଶିଳ୍ପକରଣ ସମ୍ଭବ ହେବ ଏବଂ ଆମ ଅର୍ଥନୀତି ଉପରେ ତାହାର ବିରାଟ ପ୍ରଭାବ ପଡ଼ିବ। ଏ ନୀତିକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଭୂମିକା ଗ୍ରହଣ କରିବ ଜୈବ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ। ଏଥିରେ ଅନ୍ୟାନ୍ୟ ୧୫ଟି ମନ୍ତ୍ରଣାଳୟ ସହଯୋଗ କରିବେ। ଫଳରେ ସାରା ବିଶ୍ୱ ଭଳି ଏହା ଆମ ଦେଶର ଅର୍ଥନୀତି, କୃଷି, ସ୍ୱାସ୍ଥ୍ୟ, ଶିଳ୍ପ ଇତ୍ୟାଦିଠାରୁ ଆରମ୍ଭ କରି ମହାକାଶ ଗବେଷଣା, ପରିବେଶ ସୁରକ୍ଷା, ସମୁଦ୍ର-ମହାସମୁଦ୍ର ଉପରେ ଗବେଷଣା ତଥା ନୂତନ ପ୍ରଯୁକ୍ତିବିଦ୍ୟାର ବିକାଶଲାଗି ଦିଗ୍‌ଦର୍ଶନ ଦେଇପାରିବ। ଅତଏବ ଏହା ପାଲଟିବ ଦେଶର ସାମଗ୍ରିକ ବିକାଶର ମେରୁଦଣ୍ଡ।

ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଛତିଶଗଡ଼ରେ ନକ୍ସଲଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ

# ଗାଡ଼ି ଧ୍ୱଂସ; ୯ ଯବାନ ସହିଦ

**ରାୟପୁର/ମାଲକାନଗିରି,୬।୧(ସମିସ):** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ନକ୍ସଲଙ୍କ ବଡ଼ ଧରଣର ଆକ୍ରମଣରେ ୯ ଜଣ ସହିଦ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୮ ଜଣ ନିରାପତ୍ତା ଯବାନ ଥିବା ବେଳେ ଜଣେ ଡ୍ରାଇଭର ଅଛନ୍ତି । ରାଜ୍ୟରେ ଗତ ଦୁଇ ବର୍ଷରେ ନିରାପତ୍ତା ବାହିନୀ ଉପରେ ଏହା ହେଉଛି ନକ୍ସଲଙ୍କର ସବୁଠାରୁ ବଡ଼ ଆକ୍ରମଣ । ଡିଆରଜିର ୮ ଜଣ ଯବାନଙ୍କୁ ନେଇ ଏକ ସ୍କର୍ପିଓ ଭ୍ୟାନ ନକ୍ସଲ ବିରୋଧୀ ଅଭିଯାନରୁ ଫେରୁଥିବା ବେଳେ ଆଜି ଦିନ ୨ଟାରେ ବେଳେ ପ୍ରଚଣ୍ଡ ବିସ୍ଫୋରଣରେ ସମସ୍ତ ଯବାନ ସହିଦ ହୋଇଛନ୍ତି । ଆକ୍ରମଣକାରୀ ନକ୍ସଲଙ୍କୁ ଧରିବା ଲାଗି ନିରାପତ୍ତା ବାହିନୀ ପକ୍ଷରୁ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି । ରାୟପୁର ଠାରୁ ୪୦୦ କିଲୋମିଟର ଦୂରରେ ଏହି ଆକ୍ରମଣ ହୋଇଛି ।

ଏସଂପର୍କରେ ସୂଚନା ଦେଇ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଗତ ତିନି ଦିନ ଧରି ନିକଟବର୍ତ୍ତୀ ଦାନ୍ତେୱାଡ଼ା ଏବଂ ନାରାୟଣପୁର ଜିଲ୍ଲାରେ ନକ୍ସଲ ଦମନ ଅଭିଯାନ ଚାଲିଥିଲା ଏବଂ ଏଥିରେ ଡିଆରଜି ଯବାନ ସାମିଲ ଥିଲେ । ଏହି ଅପରେସନେର ତିନି ଜଣ ନକ୍ସଲ ନିହତ ହୋଇଥିବା ବେଳେ ଜେଣ ଯବାନ ସହିଦ ହୋଇଥିଲେ । ଯବାନମାନେ ଦାନ୍ତେୱାଡ଼ାରୁ ସ୍କର୍ପିଓ ଗାଡ଼ିରେ ଫେରୁଥିବା ବେଳେ କୁତରୁ ଅଞ୍ଚଳରେ ନକ୍ସଲ ଆକ୍ରମଣର ଶିକାର ହୋଇଥିଲେ । ନକ୍ସଲମାନେ ବିଛାଇଥିବା ବିସ୍ଫୋରକ ଉପରେ ଗାଡ଼ି ଚଢ଼ିବାରୁ



ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ରାସ୍ତା ଉପରେ ୧୦ ଫୁଟ୍ ଗଭୀର ଗାତ ସୃଷ୍ଟି ହୋଇଥିଲା ଏବଂ ଗାଡ଼ି ଚୂରମାର ହୋଇଯାଇଥିଲା । ଗାଡ଼ିର ଗୋଟିଏ ଅଂଶ ନିକଟବର୍ତ୍ତୀ ଏକ ଗଛରେ ଝୁଲୁଥିବାର ଦେଖାଯାଇଛି । ଘଟଣାସ୍ଥଳରେ ସମସ୍ତ ୯ ଜଣଙ୍କର ମୃତ୍ୟୁ ଘଟିଛି । ଖବର ପାଇ ନିରାପତ୍ତା ବାହିନୀ ଘଟଣାସ୍ଥଳରେ ପହଞ୍ଚି ନକ୍ସଲ ବିରୋଧୀ ଅପରେସନ୍ ଆରମ୍ଭ କରିଛନ୍ତି । ସେ କହିଛନ୍ତି ଯେ ଆଦିବାସୀ ଅଞ୍ଚଳର ବାସିନ୍ଦା ଏବଂ ଆତ୍ମସମର୍ପଣ କରୁଥିବା ଲୋକଙ୍କୁ ନେଇ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ଗଠନ ହୋଇଛି ଏବ ଏହା ହେଉଛି ରାଜ୍ୟ ପୁଲିସର ଏକ ଶାଖା । ଡିଆରଜିକୁ ମୁଖ୍ୟତଃ ନକ୍ସଲ ବିରୋଧୀ ଅଭିଯାନରେ ନିୟୋଜିତ କରାଯାଇଥାଏ ।

୨୦୨୬ ମାର୍ଚ୍ଚ ସୁଦ୍ଧା ।।ଦେଶରୁ ନକ୍ସଲପନ୍ଥୀଙ୍କୁ ସଂପୂର୍ଣ୍ଣ ରୂପେ ମୂଳପୋଛ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ ରଖିଥିବା ବେଳେ ଆଜିର ଆକ୍ରମଣ ନିରାପତ୍ତା ବାହିନୀ ପାଇଁ ଗୁରୁତର ଚାଲେଞ୍ଜ ସୃଷ୍ଟି କରିଛି । ଗତ ବର୍ଷ ଛତିଶଗଡ଼ରେ ନକ୍ସଲ ବିରୋଧୀ ଅଭିଯାନରେ ନିରାପତ୍ତା ବାହିନୀକୁ ବଡ଼ ଧରଣର ସଫଳତା ମିଳିଥିବା ବେଳେ ନକ୍ସଲ ଏଭଳି ଆକ୍ରମଣ କରିଛନ୍ତି । ଗତ ଦୁଇ ବର୍ଷରେ ଏହା ହେଉଛି ନକ୍ସଲଙ୍କର ସବୁଠାରୁ ବଡ଼ ଆକ୍ରମଣ । ଏହାପୂର୍ବରୁ ୨୦୨୩ ଏପ୍ରିଲରେ ନକ୍ସଲ ଆକ୍ରମଣରେ ୧୦ ଜଣ ପୁଲିସ ଯବାନ ଏବଂ ଜଣେ ଡ୍ରାଇଭର ପ୍ରାଣ ହରାଇଥିଲେ । ଏହି ଆକ୍ରମଣ ପରେ ରାଜ୍ୟରେ ନକ୍ସଲ ବିରୋଧରେ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଥିଲା । କେବଳ ଗତ ବର୍ଷ ଏହି କାର୍ଯ୍ୟାନୁଷ୍ଠାନରେ ୨୮୭ ନକ୍ସଲ ପ୍ରାଣ ହରାଇଥିବା ବେଳେ ଏକ ହଜାର ନକ୍ସଲଙ୍କୁ ଗିରଫ କରାଯାଇଥିଲା । ଏହି ସମୟ ମଧ୍ୟରେ ପ୍ରାୟ ୯୦୦ ନକ୍ସଲ ଆତ୍ମସମର୍ପଣ ମଧ୍ୟ କରିଥିଲେ ।

ଆଜିର ନକ୍ସଲ ଆକ୍ରମଣ ନେଇ ଉଦବେଗ ପ୍ରକାଶ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ । ସେମାନେ କହିଛନ୍ତି ଯେ ନକ୍ସଲ ଦମନ ଅଭିଯାନରେ ନକ୍ସଲଙ୍କର ଜବରଦସ୍ତ କ୍ଷତି ହେଉଛି । ଏଥିରେ ବିଚଳିତ ହୋଇ ସେମାନେ ଏଭଳି ଆକ୍ରମଣ କରିଛନ୍ତି । ଅମିତ ଶାହ କହିଛନ୍ତି ଯେ ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲଙ୍କୁ ମୂଳପୋଛ କରାଯିବ । ଏଥିରେ କୌଣସି ଦୁଇମତ ନାହିଁ ।

**ଛତିଶଗଡ଼ରେ ବଡ଼ ବଡ଼ ନକ୍ସଲ ଆକ୍ରମଣ**

**୨୦୧୦ ଏପ୍ରିଲ:** ଦାନ୍ତେୱାଡ଼ାରେ ୭୫ ସିଆରପିଏଫ୍ ଯବାନ ସହିଦ ହୋଇଥିଲା । ଗୋଟିଏ ଦିନରେ ଯବାନ ଏତେ ସଂଖ୍ୟାରେ ମୃତ୍ୟୁ କେବେ ହୋଇନି
**୨୦୧୦ ଜୁନ୍:** ନାରାୟଣପୁରରେ ୨୬ ସିଆରପିଏଫ୍ ଯବାନ ସହିଦ
**୨୦୧୩ ମଇ:** କଂଗ୍ରେସର ୨୫ ଜଣ ନେତା ନିହତ ହୋଇଥିଲେ । ଏଥିରେ ଛତିଶଗଡ଼ର ଜଣେ ପୂର୍ବତନ ମନ୍ତ୍ରୀ ବି ଥିଲେ
**୨୦୧୪ ମାର୍ଚ୍ଚ :** ସୁକମାରେ ୧୨ ସିଆରପିଏଫ୍ ଯବାନ ସହିଦ
**୨୦୧୭ ଏପ୍ରିଲ :** ୨୪ ସିଆରପିଏଫ୍ ଯବାନ ସହିଦ
**୨୦୧୮ ମାର୍ଚ୍ଚ :** ୯ ସିଆରପିଏଫ୍ ଯବାନ ସହିଦ
**୨୦୨୧ ଏପ୍ରିଲ :** ୨୨ ପୁଲିସ ଯବାନ ସହିଦ
**୨୦୨୩ ଏପ୍ରିଲ :** ୧୦ ସିଆରପିଏଫ୍ ଯବାନ ସହିଦ



ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭୁବନେଶ୍ୱରରେ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି

# ୪୪୭୯୩ କୋଟି ଟଙ୍କାର ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ

**ଭୁବନେଶ୍ୱର, ୬।୧(ସମିସ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ୩୮ତମ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ ବୈଠକରେ ୫ଟି ଶିଳ୍ପ ସଂସ୍ଥାର ୪୪, ୭୯୩ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ଶିଳ୍ପ ସବୁ ପ୍ରତିଷ୍ଠା ହେଲେ ୨୩, ୦୦୫ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । କଟକ, ଢ଼େଙ୍କାନାଳ ଓ ଯାଜପୁରରେ ଏସବୁ ପ୍ରକଳ୍ପ ପ୍ରତିଷ୍ଠା ହେବ । ହସ୍ତଗତ ସୂଚନାନୁସାରେ, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ଲିମିଟେଡ୍ ଯାଜପୁରରେ ୮୭୪୩କୋଟି ଟଙ୍କା ବିନିଯୋଗ କରି ତୈଳ ବିଶୋଧନାଗାର ପ୍ରତିଷ୍ଠା କରିବ । କମ୍ପାନୀ ୫୧୩୦ଜଣଙ୍କୁ ନିଯୁକ୍ତି ଦେବ ବୋଲି କହିଛି । ସେହିପରି ଯାଜପୁରରେ ଟାଟା ଷ୍ଟିଲ ଲିମିଟେଡ୍ ୨୬, ୧୭୫କୋଟି ଟଙ୍କା ନିବେଶ କରି କୋଲ୍ଡ ରୋଲ୍, କୋଟେଡ୍ ଷ୍ଟିଲ୍ ଓ ପ୍ଲେଟ୍ ମିଲ୍ ଉତ୍ପାଦ ପ୍ରସ୍ତୁତ କରିବ । ଏଠାରେ ୮ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ । କଟକ ଜିଲ୍ଲାରେ ହିମାଦ୍ରି ଗ୍ରୀନ୍ ଟେକ୍ନୋଲୋଜିସ୍ ଇନୋଭେସନ୍ ୧୮୨୫କୋଟି ଟଙ୍କା ନିବେଶ କରି ମିନେରାଲ ଅୟଲ ଓ ଟାୟାର ପୁନଃଚକ୍ରଣ ଉତ୍ପାଦ ପ୍ରସ୍ତୁତ କରିବ । ଏଠାରେ ୩୦୦୦ଲୋକଙ୍କୁ ନିଯୁକ୍ତି ମିଳିବ । କଟକ ଜିଲ୍ଲାରେ ଏସିଏମ୍ଇ କ୍ଲିନ୍‌ଟେକ୍ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ୪୦୫୦ କୋଟି ଟଙ୍କା ନିବେଶ କରିବା ସହ ୩୪୭୫ ଜଣଙ୍କୁ ନିଯୁକ୍ତି ଦେବ । ଆଇନକ୍ସ ସୋଲାର ଲିମିଟେଡ୍ ଢେଙ୍କାନାଳ ଜିଲ୍ଲାରେ ୪୦୦୦ କୋଟି ନିବେଶ କରି ସବୁଜ ଶକ୍ତି ଉପକରଣ ପ୍ରସ୍ତୁତ କରିବ ।

**୨୩ ହଜାର ଲୋକଙ୍କୁ ମିଳିବ ରୋଜଗାର**

ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କଲା ପ୍ରଶାସନ

# ମହାପ୍ରଭୁଙ୍କୁ ଦର୍ଶନ କଲେ ପ୍ରବାସୀ ଭାରତୀୟ

**ପୁରୀ, ୬।୧(ସମିସ):** ଓଡ଼ିଶା ଆୟୋଜନ କରୁଛି ୧୮ତମ ପ୍ରବାସୀ ଭାରତୀୟ ଦିବସ । ଆସନ୍ତା ବୁଧବାରଠାରୁ ଏହା ଆରମ୍ଭ ହୋଇ ତିନିଦିନ ଧରି ଚାଲିବ । ତେବେ ମହାପ୍ରଭୁଙ୍କ ଦର୍ଶନ ସହ ଓ ପୁରୀ ଜିଲ୍ଲାର ଅପରୂପ ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଲାଗି ପ୍ରବାସୀ ଭାରତୀୟମାନଙ୍କ ମଧ୍ୟରେ ଉତ୍ସାହ ରହିଛି । ସେଥିପାଇଁ ସଜେଇ ହୋଇଛି ପୁରୀ । ଏଥିସହ ମଙ୍ଗଳବାର ବିଚ୍ ଫେଷ୍ଟିଭାଲ ମଧ୍ୟ ଆୟୋଜିତ ହେଉଛି । ଏହାର ଅବ୍ୟବହିତ ପୂର୍ବରୁ ସୋମବାର ପ୍ରଥମ ପ୍ରବାସୀ ଭାରତୀୟ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ନ୍ୟୁଜିଲାଣ୍ଡରେ ରହୁଥିବା ବନୀଷା ଧୀରୁ । ମିସ୍ ଧୀରୁ ୟୁନେସ୍କୋରେ ନ୍ୟୁଜିଲାଣ୍ଡର ଜାତୀୟ କମିସନର୍, ଲାଇବ୍ରେରୀ ଓ ଇନ୍‌ଫର୍ମେସନ୍ ଆଡଭରଜରୀ



କମିସନର, ଆଡଭୋକେଟ ଫର୍ ଏଥନିକ ଆଣ୍ଡ ଜେଣ୍ଡର୍ ରାଇଟ୍ସ ଇସୁ, ବୋର୍ଡ ମେମ୍ବର ଅଫ୍ ଗ୍ଲୋବାଲ ଓମାନ ନ୍ୟୁଜିଲାଣ୍ଡ, ଜଷ୍ଟିସ୍ ଅଫ୍ ଦି ପିସ୍ ଅଫ୍ ନ୍ୟୁଜିଲାଣ୍ଡର ସଦସ୍ୟ ରହିଛନ୍ତି । ପ୍ରବାସୀ ଭାରତୀୟ ଭାବେ ସେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବାକୁ ଓଡ଼ିଶାରେ ପହଞ୍ଚିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଅତିରିକ୍ତ ଉପ-ଜିଲ୍ଲାପାଳ ନୀଳମାଧବ ମାଝୀ, ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ମିସ୍ ଧୀରୁଙ୍କୁ ସ୍ୱାଗତ କରିବା ସହ ମନ୍ଦିର ଦର୍ଶନ ଓ ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରାଇଥିଲେ । ନିଜ ପ୍ରତିକ୍ରିୟାରେ ମହାପ୍ରଭୁଙ୍କ ଦର୍ଶନ କରି ଓ ପୁରୀ ଆସି ସେ ଆନନ୍ଦିତ ବୋଲି କହିବା ସହ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ସେହିପରି ସନ୍ଧ୍ୟାରେ ମଧ୍ୟ ୬/୭ଜଣ ପ୍ରବାସୀ ଭାରତୀୟ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ।

# ଗବେଷଣା କାର୍ଯ୍ୟ ପ୍ରଣାଳୀ ନେଇ ସୋଆରେ ଦଶ ଦିନିଆ କର୍ମଶାଳା

**ଭୁବନେଶ୍ୱର,୬।୧(ସମିସ):** ଗବେଷଣା କରୁଥିବା ବ୍ୟକ୍ତିବିଶେଷଙ୍କର ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ସୋମବାରଠାରୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଗବେଷଣା କାର୍ଯ୍ୟ ପ୍ରଣାଳୀ ସମ୍ପର୍କିତ ୧୦ଦିନିଆ ଏକ କର୍ମଶାଳା ଆରମ୍ଭ ହୋଇଛି । ଗବେଷଣା କରୁଥିବା ଛାତ୍ରଛାତ୍ରୀ ଏବଂ ବ୍ୟକ୍ତିବିଶେଷଙ୍କୁ ଗବେଷଣା କ୍ଷେତ୍ରରେ ଆବଶ୍ୟକୀୟ ଦକ୍ଷତା ଓ ଜ୍ଞାନର ବୃଦ୍ଧି କରିବା ହିଁ ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସୋଆ ପରିଚାଳିତ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ୍)ର ମୁଖ୍ୟ ପ୍ରଫେସର୍ ଗାୟତ୍ରୀବାଳା ପଣ୍ଡା କହିଛନ୍ତି ।

ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ (ଆଇସିଏସ୍ଏସ୍ଆର୍)ର ପୃଷ୍ଠପୋଷକତା ଏବଂ ପ୍ରାଚୀନ୍ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ସାମାଜିକ ବିଜ୍ଞାନ ଏବଂ ମାନବିକ ଶିକ୍ଷା କ୍ଷେତ୍ରରେ ଗବେଷଣା କରୁଥିବା ବିଭିନ୍ନ ରାଜ୍ୟର ପ୍ରାୟ ୪୦ ଜଣ ଯୋଗ ଦେଇଥିଲେ । ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ନୃ-ତତ୍ତ୍ୱ ବିଭାଗର ପୂର୍ବତନ ପ୍ରଫେସର୍ ତଥା ବିଭାଗୀୟ ମୁଖ୍ୟ ଆର୍ ଶିବପ୍ରସାଦ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗବେଷଣାର କାର୍ଯ୍ୟ ପ୍ରଣାଳୀ ଉପରେ ଗୁରୁତ୍ୱ ଦେବା ସହ ଏହା ଗବେଷଣାର ଗୁଣବତ୍ତାକୁ ବୃଦ୍ଧି କରିଥାଏ ବୋଲି କହିଥିଲେ । ଗବେଷଣା କାର୍ଯ୍ୟପ୍ରଣାଳୀରେ ପ୍ରଶିକ୍ଷଣ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରି ସେ କହିଥିଲେ ଯେ କୌଣସି ଗବେଷଣା ବ୍ୟକ୍ତିକୈନ୍ଦ୍ରିକ




ନୁହେଁ । ମିଳିତ ଉଦ୍ୟମରେ ଏହା ସଫଳ ହୋଇଥାଏ ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସୋଆ ବିଶ୍ୱବିଦ୍ୟାଳୟରେ ଗବେଷଣା କାର୍ଯ୍ୟପ୍ରଣାଳୀ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ । ରଚନାତ୍ମକ ଏବଂ ଅଭିନବ ଚିନ୍ତାଧାରା ଗବେଷଣା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେବେ ଏହି କାର୍ଯ୍ୟକୁ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳନା କରିବାର ଆବଶ୍ୟକତା ରହିଛି ବୋଲି ପ୍ରଫେସର୍ ନନ୍ଦ କହିଥିଲେ । ଗୋଟିଏ ପିଏଚ୍‌ଡି ଡିଗ୍ରୀ ହାସଲ କରିବା ଗବେଷଣାର ଲକ୍ଷ୍ୟ ନୁହେଁ । ଗୋଟିଏ ଡକ୍ଟରେଟ୍ ଡିଗ୍ରୀ ହାସଲ କରିବାର ଅର୍ଥ ହେଉଛି ସେହି ବ୍ୟକ୍ତିଜଣକ ବର୍ତ୍ତମାନ ଅଧିକ ଗବେଷଣା କରିବା ନିମନ୍ତେ ପ୍ରଶିକ୍ଷିତ ବୋଲି ପ୍ରଫେସର୍ ନନ୍ଦ କହିଥିଲେ । କାର୍ଯ୍ୟକ୍ରମରେ ପ୍ରାଚୀନ୍‌ର ନୃ-ତତ୍ତ୍ୱ ଏବଂ ଜନଜାତି ଶିକ୍ଷା ବିଭାଗର ଆସୋସିଏଟ୍ ପ୍ରଫେସର୍ ତଥା ଏହି କର୍ମଶାଳାର କୋର୍ସ ଡାଇରେକ୍ଟର ଡକ୍ଟର ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳ

**ଭୁବନେଶ୍ୱର, ୬।୧(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ଆଜି ବିଭିନ୍ନମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ନୀତିନ୍ ଗଡ଼କରୀ, ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ନନ୍ଦନକାନନ ଆସିଲା କରଞ୍ଜିଆରୁ ଉଦ୍ଧାର ହାତୀ

**ଭୁବନେଶ୍ୱର, ୬।୧(ସମିସ):** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କରଞ୍ଜିଆରୁ ନନ୍ଦନକାନନ ଆସିଲା ଆହତ ହାତୀଛୁଆ । ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ହାତୀଟିକୁ ଏଠାକୁ ଅଣାଯାଇଛି । ସୂଚନାନୁଯାୟୀ, ୫-୬ବର୍ଷ ବୟସ୍କ ଏହି ହାତୀ କରଞ୍ଜିଆ ବନବିଭାଗ ଅଧୀନ ପୋକାମୁଣ୍ଡା ଗ୍ରାମରେ ଗତ ୪ ତାରିଖ ଦିନ ଏକ ମୋରମ ଖାଦାନରେ ପଡ଼ି ଆହତ ହୋଇଥିଲା । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ପ୍ରାଣୀ ଚିକିତ୍ସକ ଦଳ ତାକୁ ମା' ହାତୀଠାରୁ ଅଲଗା କରି ଚିକିତ୍ସା କରିଥିଲେ । ସେହି ଦିନ ରାତିରେ ହାତୀଟିକୁ ଚିକିତ୍ସା ପାଇଁ କରଞ୍ଜିଆ କେନ୍ଦ୍ରୀୟ ଚାରା କେନ୍ଦ୍ରକୁ ଅଣାଯାଇଥିଲା ।

# ଅଧ୍ୟାପିକାଙ୍କ ବେକ କାଟିଦେଲେ

**କୋଷାଗୁମୁଡ଼ା,୬।୧ ସମିସ):** ନିଛାଟିଆ ରାସ୍ତାରେ ୩ଜଣ ଦୁର୍ବୃତ୍ତ ଜଣେ ଅଧ୍ୟାପିକାଙ୍କ ଗଳା କାଟି ଦେଇଥିବା ବେଳେ ତାଙ୍କ ବଡ଼ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଚିକିତ୍ସା ଲାଗି ଜୟପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ଗୁରୁତର ଅଧ୍ୟାପିକା ହେଲେ, ବାଙ୍କୁଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପିକା ଶ୍ରଦ୍ଧା ସିମ୍ରନ୍ ଗଣ୍ଡା(୨୫) ଓ ତାଙ୍କ ବଡ଼ ଭଉଣୀ । କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ନେଇଗାଁରୁ ମାକିଡି ଗ୍ରାମ ଛକ ନିକଟରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଶନିବାର ଛୁଟି ଥିବାରୁ ସିମ୍ରନ ଘରକୁ ଆସିଥିଲେ । ସୋମବାର ସକାଳୁ ବଡ଼ ଭଉଣୀ ସହ ସ୍କୁଟିରେ ସିମ୍ରନ ବାଙ୍କୁଲୀ ଅଭିମୁଖେ ବାହାରିଥିଲେ । ଗାଁଠାରୁ କିଛି ଦୂର ମାକିଡ଼ି ଛକ ନିକଟରେ ୩ରୁ ୪ଜଣ ଦୁର୍ବୃତ୍ତ ହଠାତ୍ ଆସି ତାଙ୍କ ସ୍କୁଟି ଆଗରେ ଛିଡ଼ା ହୋଇଯାଇଥିଲେ । ସେ କିଛି ବୁଝିବା ପୂର୍ବରୁ ଏକ ଧାରୁଆ ଛୁରୀରେ ସିମ୍ରନଙ୍କ ବେକକୁ କାଟିଦେବା ସହ ମୁଣ୍ଡକୁ ଆକ୍ରମଣ କରିଥିଲେ । ସେହିପରି ତାଙ୍କ ବଡ଼ ଭଉଣୀଙ୍କ ମୁଣ୍ଡକୁ ମଧ୍ୟ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ସ୍ଥାନୀୟ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସେଠାରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ଜୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସିମ୍ରନଙ୍କ ଭାଇ ସାହିଲ ଏ ସଂପର୍କରେ କୋଷାଗୁମୁଡ଼ା ଥାନାରେ ଅଭିଯୋଗ କରିଛନ୍ତି ।

- **ଆକ୍ରମଣରେ ଭଉଣୀ ଗୁରୁତର, ଥାନାରେ ଏତଲା**
- **ଉଭୟଙ୍କ ଅବସ୍ଥା ସଂକଟାପନ୍ନ, ଜୟପୁର ମେଡିକାଲରେ ଚାଲିଛି ଚିକିତ୍ସା**

# ଏକତରଫା ପ୍ରେମରୁ ଛାତ୍ରୀଙ୍କୁ ଛୁରାମାଡ଼

**କଟକ, ୬।୧(ସମିସ):** ଏକତରଫା ପ୍ରେମକୁ କେନ୍ଦ୍ର କରି ଜଣେ ସ୍କୁଲ ଛାତ୍ରୀଙ୍କୁ ଛୁରାମାଡ଼ କରିଛି ଜଣେ ଯୁବକ । ଛାତ୍ରୀଙ୍କ ଗଳା କାଟିବା ସହ ପେଟରେ ଛୁରି ଭୁସିଛି । ଏଭଳି ଏକ ଆପରାଧିକ ଘଟଣା ପୁରୀଘାଟ ଥାନା ଅନ୍ତର୍ଗତ ମାଣିକଘୋଷ ବଜାର ଅଞ୍ଚଳରେ ଘଟିଛି । ଗୁରୁତର ଛାତ୍ରୀଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ପୁଲିସ୍ ଅଭିଯୁକ୍ତ ଯୁବକକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

ପୁଲିସ ସୂଚନା ଅନୁସାରେ, ଚୌଧୁରୀ ବଜାର ଅଞ୍ଚଳର ଛାତ୍ରୀଜଣକ ନିକଟସ୍ଥ ଏକ ସରକାରୀ ସ୍କୁଲରେ




ଦଶମ ଶ୍ରେଣୀରେ ପଢୁଛନ୍ତି । ସେହି ଅଞ୍ଚଳର ଜଣେ ଯୁବକ ତାଙ୍କୁ ଏକତରଫା ପ୍ରେମ କରୁଥିଲା । ବହୁବାର ଛାତ୍ରୀଙ୍କୁ ବାଟରେ ଅଟକାଇ ପ୍ରେମ ନିବେଦନ କରିବା ସହ ହଇରାଣ ହରକତ କରିଆସୁଥିଲା । ଏନେଇ ଛାତ୍ରୀ ତାଙ୍କ ଅଭିଭାବକଙ୍କୁ କହିବା ପରେ ତାକୁ ତାଗିଦ୍ କରାଯାଇଥିଲା । ଆଜି ସନ୍ଧ୍ୟାରେ ସମ୍ପୃକ୍ତ ଛାତ୍ରୀ ସବୁଦିନ ଭଳି ମାଣିକଘୋଷ ବଜାର ଅଞ୍ଚଳକୁ ଟିଉସନ ଯାଉଥିଲେ । ଏହି ସମୟରେ ଯୁବକ ଜଣକ ତାଙ୍କୁ ପିଛା କରି ଆସି ସହିଦ ଭବନ ନିକଟସ୍ଥ ଚନ୍ଦନ ପୋଖରୀ ରାସ୍ତାରେ ଅଟକାଇଲା । ଛାତ୍ରୀ ଭୟଭୀତ ହୋଇ ସେଠାରୁ ଚାଲିଯାଉଥିବା ବେଳେ ଯୁବକଜଣଙ୍କ ଏକ ଧାରୁଆ ଅସ୍ତ୍ର(ଛୁରି)ରେ ପ୍ରଥମେ ତାଙ୍କ ବେକକୁ ଚୋଟ ପକାଇଥିଲା । ଏଥିରେ ତାଙ୍କ ତଣ୍ଟି କିଛି ମାତ୍ରାରେ କଟିଯାଇଥିଲା । ଏହାପରେ ସେ ବାରମ୍ବାର ତାଙ୍କୁ ଆଘାତ କରିଥିଲା । ତାଙ୍କ ଚିତ୍କାର ଶୁଣି ଆଖପାଖର ଲୋକ ଘଟଣାସ୍ଥଳକୁ ଧାଇଁ ଆସିଥିଲେ । ଏତିକିବେଳେ ଯୁବକ ସେଠାରୁ ଫେରାର ହୋଇଯାଇଥିଲା । ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସ୍ଥାନୀୟ ଲୋକେ ଛାତ୍ରୀଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲେ । ଖବର ପାଇ ପୁରୀଘାଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ବୟାନ୍ ରେକର୍ଡ କରିଛି । ପୁଲିସ୍ ଆହତ ଛାତ୍ରୀଙ୍କ ପରିବାର ସହ ଯୋଗାଯୋଗ କରି ଅଭିଯୁକ୍ତ ଯୁବକର ଠିକଣାରେ ଚଢ଼ଉ କରିଥିବା ଜଣାପଡ଼ିଛି । ମାତ୍ର ଯୁବକ ଜଣକର ସନ୍ଧାନ ମିଳିପାରିନାହିଁ ।

ପ୍ରକାଶ ଥାଉ କି, ଯୁବକଜଣକ ବିବାହିତ ଓ ତା'ର ୨ଟି ସନ୍ତାନ ଅଛନ୍ତି । ଏଥିସହ ପୂର୍ବରୁ ସେ ଅପରାଧିକ ମାମଲାରେ ୨ଥର ଗିରଫ ହୋଇ ଜେଲ୍ ମଧ୍ୟ ଯାଇଛି । ଅଭିଯୁକ୍ତର ନାଁ ରମେଶ ବୋଲି ସୂଚନା ମିଳିଛି । ନିକଟରେ ତା'ର ସ୍ତ୍ରୀ ଆତ୍ମହତ୍ୟା କରିଥିଲା । ଏହା ପରଠାରୁ ସେ ନିଶା ସେବନ କରି ରାସ୍ତାଘାଟରେ ପଡୁଥିବା ସ୍ଥାନୀୟ ଲୋକ କହିଛନ୍ତି । ଛାତ୍ରୀଙ୍କୁ ସେ ଦୀର୍ଘ ୬ମାସରୁ ଅଧିକ ହେବ ଏକ ତରଫା ପ୍ରେମ ନିବେଦନ କରି ଆସୁଥିଲା । ଏଥିରେ ବିଫଳ ହେବାରୁ ରାସ୍ତାଘାଟରେ ତାଙ୍କୁ ହଇରାଣ ହରକତ କରି ବାଟ ଚଲାଇ ଦେଉନଥିଲା । ଆଜି ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଘଟାଇଛି ।

- **ଆହତ ଛାତ୍ରୀ ଏସ୍‌ସିବିରେ ଭର୍ତ୍ତି: ପେଟ ଓ ତଣ୍ଟିରେ ଗଭୀର କ୍ଷତ**
- **ଅଭିଯୁକ୍ତ ଫେରାର୍: ପୁରୀଘାଟ ଥାନାରେ ଏତଲା**

ଖୋଲୁଛି ଅନୀଲ ଓ ହଂସିତାଙ୍କ କଳା କାରନାମାର ତାଲିକା

# ଇଡି ସ୍କାନର୍‌ରୁ ଖସିଥିଲେ; ପୁଲିସ୍ ହାବୁଡ଼ରେ ପଡ଼ିଲେ

**ଭୁବନେଶ୍ୱର,୬ ।୧(ସମିସ):** ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ଝିଅ-ଜ୍ୱାଇଁ କହି ଲୋକଙ୍କୁ ଚୂନ ମାରୁଥିବା ଧୂର୍ତ୍ତ ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କ ଅଡୁଆ ବଢ଼ିବାରେ ଲାଗିଛି । ତଦନ୍ତ ଯେତିକି ଆଗକୁ ବଢୁଛି, ଦୁହିଁଙ୍କ କଳା କାରନାମାର ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି । ସୂଚନା ଅନୁସାରେ, ଅନୀଲ ପୂର୍ବରୁ ଏକ ଖଣି ସଂସ୍ଥାରେ ନିର୍ଦ୍ଦେଶକ ଥିଲେ । ଉକ୍ତ ଖଣି ସଂସ୍ଥା ଉପରେ ଇଡି ଚଢ଼ଉ କରିବା ପୂର୍ବରୁ ସେ ଖସି ଆସି କିଛି ଦିନ ଆତ୍ମଗୋପନ କରିଥିଲେ । ପରେ ହଂସିତାଙ୍କ ସହ ମିଶି ଚଳାଇଥିଲେ ଠକେଇ ଓ ବ୍ଲାକମେଲିଂର କଳା ସାମ୍ରାଜ୍ୟ । ଏହି ଘଟଣାର ଖୁଲାସା କରିବା ସହ ଅନୀଲକୁ କାବୁ କରି ଦୀର୍ଘଦିନର ଲୁଚକାଳି ଖେଳକୁ ଖତମ କରିଥିଲା କମିସନରେଟ ପୁଲିସ । ଅନୀଲ ଓ ହଂସିତାଙ୍କ ସମ୍ପତ୍ତି ଓ ବେଆଇନ କାରବାର କଳା ଚିଠା ସାମ୍ନାକୁ ଆସିବା ପରେ କଳା ସାମ୍ରାଜ୍ୟର ଗୁମର ଖୋଲିବାକୁ ଖୁବ୍‌ଶୀଘ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ କରିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି ।

ଅନୀଲଙ୍କ ପତ୍ନୀଙ୍କୁ ସ୍କାନରକୁ ଆଣି ଜେରା କରିଛି ସ୍ୱତନ୍ତ୍ର ଅପରାଧ ଶାଖା । ସୋମବାର ପ୍ରାୟ ୫ରୁ ୬ ଘଣ୍ଟା ଧରି ଜେରା କରିବା ପରେ ଅନେକ ସୁରାକ୍ ପାଇଛି ତଦନ୍ତକାରୀ ଟିମ୍ । ଅନୁରୂପ ଭାବେ ଦୁହିଁଙ୍କ ଆର୍ଥିକ କାରବାର ସଂପର୍କରେ ପୁଲିସ ତଦନ୍ତ କରୁଥିବା ବେଳେ ଏଥିରେ ଆୟକର ବିଭାଗ ମୁଣ୍ଡ ପୂରାଇଛି । ପୁଲିସ ନିକଟରୁ ଅନୀଲ ଓ ହଂସିତାଙ୍କ କାଗଜପତ୍ର ନେଇ ତଦନ୍ତକୁ ଜୋରଦାର କରୁଛି ଆୟକର ବିଭାଗ । ଆଜି ବି ଆୟକର ବିଭାଗର ଦୁଇ ଜଣ ଅଧିକାରୀ ଅନୀଲଙ୍କ ପତ୍ନୀଙ୍କ ଜେରା କରିବା ସହ ଆର୍ଥିକ କାରବାର ଦିଗରେ ତନାଘନା କରିଛନ୍ତି । ଏଥିସହ ଅନୀଲ ଓ ହଂସିତାଙ୍କ ଆର୍ଥିକ କାରବାର ବୁଝୁଥିବା କର୍ମଚାରୀ, ଅଫିସର ଆକାଉଣ୍ଟାଣ୍ଟ ଓ ବ୍ୟବସାୟୀ ପାର୍ଟନରଙ୍କୁ ମଧ୍ୟ ପଚରାଉଚରା କରାଯାଇଛି ।

ଅନୁରୂପ ଭାବେ ଅନୀଲଙ୍କ ଦୁଇଟି କମ୍ପାନୀ ରହିଛି । ଉକ୍ତ କମ୍ପାନୀ ଏକ ମାଇନିଂ ସଂସ୍ଥାର ଝାଡ଼ଖଣ୍ଡ ବୋକାରୋ ଓ କଳାହାଣ୍ଡି ଲାଞ୍ଜିଗଡର ସିଏସ୍ଆର୍ ଫଣ୍ଡର କାମ କରୁଥିବା ଜଣାପଡ଼ିଛି । ଅନୀଲ ନିଜର ଦୁଇଟି କମ୍ପାନୀରେ ଠକେଇ ଓ ବ୍ଲାକମେଲି ଟଙ୍କାକୁ




ନିବେଶ କରୁଥିଲେ ବୋଲି ଅଭିଯୋଗ ରହିଛି । ବଡ଼ କଥା ହେଲା, ଅନୀଲଙ୍କ ନାମରେ ୩ରୁ ୪ଟି ବେନାମୀ କମ୍ପାନୀ ଠାବ ହୋଇଛି । ଉକ୍ତ କମ୍ପାନୀ ସଂପର୍କରେ ଅଧିକ ଖୋଳତାଡ଼ ସହ ରାଜ୍ୟ ବାହାର ଲିଙ୍କ୍‌କୁ ନେଇ ତନାଘନା କରାଯାଉଛି । ଅନୀଲଙ୍କର ରାଜଧାନୀର ସବୁଠୁ ବଡ଼ ଆପାର୍ଟମେଣ୍ଟରେ ୨ଟି ଫ୍ଲାଟ୍ ଓ ନୂଆପଲ୍ଲୀରେ ଗୋଟିଏ ଘର ରହିଛି । ଏଥିସହ ପୋର୍ସେ, ମର୍ସିଡିଜ୍ ଓ ଜାଗୁଆର ଭଳି ୪ଟି ଦାମୀ କାର୍ ରହିଛି । ଏହି ସବୁ ସମ୍ପତ୍ତିକୁ ମିଶାଇଲେ ପ୍ରାୟ ୧୫ କୋଟି ଟଙ୍କାର ଅଧିକ ହେବ ବୋଲି ଜଣାପଡ଼ିଛି । ସେହିପରି ଉଭୟଙ୍କ ଦୁଇଟି ବ୍ୟାଙ୍କ ଆକାଉଣ୍ଟ ବିଷୟରେ ତଥ୍ୟ ହାତେଇଛି ତଦନ୍ତକାରୀ ଟିମ୍ । ଗୋଟିଏ ଆକାଉଣ୍ଟରେ ୯୦ହଜାର ଟଙ୍କା ଓ ଅନ୍ୟ ଆକାଉଣ୍ଟରେ ୧ଲକ୍ଷ ୭ହଜାର ଟଙ୍କା ଜମା ରହିଛି । ଆକାଉଣ୍ଟରେ ଟଙ୍କା ନଥିବା ବେଳେ ସେମାନେ କିଭଳି କୋଟିକୋଟିର କାରବାର କରୁଥିଲେ, ତାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି ।

୨୦୨୨ ମସିହାରେ ଅନୀଲ ଓ ହଂସିତା ଏକ ହୋଟେଲ୍‌ରେ ଚିହ୍ନା ପରିଚିତ ହେବା ପରେ ଉଭୟ ସେଦିନ ଠାରୁ ମିଳାମିଶା କରୁଥିଲେ । ତେଣୁ ଗତ ୨ବର୍ଷରେ ଆକାଉଣ୍ଟଗୁଡ଼ିକର ଟ୍ରାଞ୍ଜାକ୍ସନର ଖୋଳତାଡ଼ ପରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ଉକ୍ତ ଆକାଉଣ୍ଟରେ କୋଟି କୋଟି ଟଙ୍କାର ନେଣଦେଣ ହୋଇଛି । ୧୦୦ରୁ ଅଧିକ ବଡ଼ଧରଣ ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ କାହାକୁ ୧୦ ଲକ୍ଷ ତ ଆଉ କାହାକୁ ୧୫ ଲକ୍ଷ ଟଙ୍କାର ଟ୍ରାଞ୍ଜାକ୍ସନ ହୋଇଛି । ଅଧିକାଂଶ ବ୍ୟବସାୟୀଙ୍କ ଆକାଉଣ୍ଟରୁ ଟଙ୍କା କାରବାର ହୋଇଛି । ତେଣୁ ଏସବୁ ଟଙ୍କା ଟ୍ରାଞ୍ଜାକ୍ସନ ପଛର କାରଣ ଖୋଜୁଛି ତଦନ୍ତକାରୀ ଟିମ୍ ।

ଅନ୍ୟପକ୍ଷରେ ହଂସିତାଙ୍କ ଅସଲ ପରିଚୟ ଖୋଜୁଛି ପୁଲିସ । ସେ ନାମ ପରିବର୍ତ୍ତନ ଲାଗି ସତ୍ୟପାଠ ଦାଖଲ କରିଥିବା ତଦନ୍ତରୁ ଜଣାପଡ଼ିଛି । କିନ୍ତୁ ହଂସିତା ବାରମ୍ବାର ନାମ ପରିବର୍ତ୍ତନ ପଛର ରହସ୍ୟକୁ ଭେଦ କରିବା ଲାଗି ଖୋଳତାଡ଼ କରୁଛି ସ୍ୱତନ୍ତ୍ର ଅପରାଧ ଶାଖା । ସେହିପରି ହଂସିତା ଓ ଅନୀଲଙ୍କ ବିରୋଧରେ ଏପର୍ଯ୍ୟନ୍ତ ଗୋଟିଏ ମାମଲା ରୁଜୁ କରାଯାଇଛି । ସେମାନଙ୍କ ଠକେଇ ଫାସରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଫସାଇଥିଲେ । ଏଥିରେ ବିଲ୍ଡର, ଫ୍ରାଞ୍ଚାଇଜ୍, ବ୍ୟବସାୟୀ ଓ ରାଜନେତାମାନେ ଠକେଇ କିମ୍ବା ବ୍ଲାକ୍‌ମେଲିଂର ଶିକାର ହୋଇଛନ୍ତି । କିନ୍ତୁ ସେମାନେ ଲୋକଲଜ୍ଜା ଭୟରେ ପୁଲିସ ନିକଟରେ ମୁହଁ ଖୋଲୁନାହାନ୍ତି । ତେଣୁ ତଦନ୍ତକୁ ଗତିଶୀଳ କରିବା ସହ ପ୍ରମାଣ ଯୋଗାଡ଼ ଦିଗରେ ଲାଗିପଡ଼ିଛି ତଦନ୍ତକାରୀ ଟିମ୍ । ଆସନ୍ତା ୧୦ ତାରିଖରେ ଉଭୟଙ୍କ ଶୁଣାଣି ରହିଛି ।

- **ଅନୀଲଙ୍କ ପତ୍ନୀଙ୍କୁ ପଚରାଉଚରା କଲା ପୁଲିସ**
- **ତଦନ୍ତରେ ପଶିଲା ଆୟକର ବିଭାଗ**

## ନାବାଳିକା ବିବାହ ପ୍ରତି ଆଖି ବୁଜିଦେଇଛି ଶିଶୁ ସୁରକ୍ଷା ବିଭାଗ

# ବର୍ଷକରେ ଅଟକିଛି ୨୦ଟି ବିବାହ

- ରାଜ୍ୟର ଦ୍ୱିତୀୟ ସ୍ଥାନରେ ନୟାଗଡ଼
- ସଚେତନତାରେ ସୀମିତ, କାର୍ଯ୍ୟାନୁଷ୍ଠାନ ଶୂନ୍

ନୟାଗଡ଼, ୬।୧(ସମିସ)

ନୟାଗଡ଼ ଜିଲ୍ଲାରେ ନାବାଳିକା ବିବାହ ଏକ ବ୍ୟାଧିରେ ପରିଣତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦୀର୍ଘବର୍ଷ ଧରି ଏକ ଏନଜିଓକୁ ନାବାଳିକା ବିବାହ ରୋକିବା ପାଇଁ ଦାୟିତ୍ୱ ଦେଇ ଲକ୍ଷ ଲକ୍ଷ ଟଙ୍କା ମୁନାଫା ଦେଇଥିବାବେଳେ ବାସ୍ତବରେ କୌଣସି ଲାଭ ମିଳି ନ ଥିବା ଦେଖାଯାଉଛି। ଜିଲ୍ଲାର କୋଣଅନୁକୋଣରେ ନାବାଳିକା ବିବାହ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ରୋକିବା ଉପରେ ସଚେତନତା ସୃଷ୍ଟି କରାଯାଉଥିବାବେଳେ ତାହା ଫଳବ୍ରତୀ ହେଉନାହିଁ। ଦୀର୍ଘବର୍ଷ ଧରି ନୟାଗଡ଼ ଜିଲ୍ଲା ବାଲ୍ୟ ବିବାହ କ୍ଷେତ୍ରରେ ସାରା ରାଜ୍ୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଆସୁଛି।

ଜାତୀୟ ହାର ୨୧.୬ ପ୍ରତିଶତ ରହିଥିବାବେଳେ ରାଜ୍ୟ ହାର ୨୭.୩ ପ୍ରତିଶତ ରହିଛି। ଓଡ଼ିଶାର ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ବାଲ୍ୟ ବିବାହ ହେଉଥିବାବେଳେ ନୟାଗଡ଼ ଜିଲ୍ଲା ଦ୍ୱିତୀୟ ସ୍ଥାନରେ ରହୁଛି। ନୟାଗଡ଼ ଜିଲ୍ଲାରେ ୩୫.୭ ପ୍ରତିଶତ ବାଲ୍ୟ ବିବାହ ହେଉଥିବା ସୂଚନା ମିଳିଛି। ବିଭିନ୍ନ ଏନଜିଓ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସାମିଲ କରାଯାଇ ଅର୍ଥ ବ୍ୟୟ କରାଯାଉଥିବାବେଳେ ସଚେତନତା ସୃଷ୍ଟି ହେବା ବଦଳରେ ବ୍ୟାଧି ବୃଦ୍ଧି ପାଉଛି। ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା କମ୍ କାରଣକୁ ନେଇ ନାବାଳିକା ବିବାହ ବୃଦ୍ଧି ପାଉଥିବାବେଳେ ବୟସ୍କ ପୁଅଙ୍କ ସହ ନାବାଳିକାଙ୍କ ବିବାହ କରାଯାଉଛି। ନୟାଗଡ଼ ଜିଲ୍ଲାରେ ବିଗତ ବର୍ଷମାନଙ୍କ ଅପେକ୍ଷା ପ୍ରତିବର୍ଷ ଅଧିକ ନାବାଳିକା ବିବାହ ବୃଦ୍ଧି ପାଇ ଚାଲିଥିବା ଦେଖାଯାଉଛି।

ଜିଲ୍ଲାରେ ଚାଇଲ୍ଡ ଲାଇନ, ପ୍ରଶାସନ ଓ ପୁଲିସ ମିଳିତ ଉଦ୍ୟମରେ ୨୦୧୭-୧୮ରେ ୧୭ଟି, ୨୦୧୮-୧୯ରେ ୩୯ଟି, ୨୦୧୯-୨୦ରେ ୪୫ଟି, ୨୦୨୧ ବର୍ଷ ଶେଷ ହେବା ପୂର୍ବରୁ ୫୮ଟି ନାବାଳିକା ବିବାହ ବନ୍ଦ କରାଯାଇଥିଲା। ୨୦୨୨ରେ ନୟାଗଡ଼ ଜିଲ୍ଲାରେ ୯୦ଟି ନାବାଳିକା ବିବାହ ରୋକାଯାଇଥିଲା। ୨୦୨୪ରେ ଶିଶୁ ସୁରକ୍ଷା ବିଭାଗ ମାତ୍ର ୨୦ଟି ନାବାଳିକା ବିବାହ ରୋକିବାରେ ସମର୍ଥ ହୋଇଥିଲା। ମିଳିଥିବା ତଥ୍ୟ ଅନୁସାରେ, ଜାନୁଆରୀରେ ୧ଟି, ଫେବୃଆରୀ ୧ଟି, ଅପ୍ରେଲ ୧ଟି, ମେ ୧ଟି, ଜୁଲାଇ ୩ଟି, ଅଗଷ୍ଟ ୨ଟି, ସେପ୍ଟେମ୍ବର ୨ଟି, ଅକ୍ଟୋବର ୩ଟି, ନଭେମ୍ବରରେ ୫ଟି, ଡିସେମ୍ବରରେ ୧ଟି ନାବାଳିକା ବିବାହ ରୋକାଯାଇଛି। ନାବାଳିକା ବିବାହ କରାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରାଯିବା ଓ ମାମଲା ରୁଜୁ କରାଯିବାର ନିୟମ ରହିଥିବାବେଳେ ଏହାକୁ ଅଣଦେଖା କରାଯାଉଛି। ଦଣ୍ଡ ବିଧାନ ବ୍ୟବସ୍ଥା ନ ଥିବାରୁ ନାବାଳିକା ବିବାହ ଜିଲ୍ଲାରେ ଏକ ପ୍ରମୁଖ ସମସ୍ୟା ସୃଷ୍ଟି କରିଛି। ନାବାଳିକା ବିବାହ କରୁଥିଲେ କିମ୍ବା କରାଇଲେ ଗିରଫ କରାଯିବା ସହ ଏଥିପାଇଁ ଜରିମାନା ସହ ଦୁଇବର୍ଷର ଦଣ୍ଡ ବ୍ୟବସ୍ଥା କରାଯାଇଛି। ସିଡିପିଓମାନେ ନାବାଳିକା ବିବାହ ମାମଲାରେ ଏତଲା ଦେଉ ନ ଥିବା ଅଭିଯୋଗ ହେଉଛି। ୨୦୦୮ ତଥା ଏହା ପୂର୍ବରୁ ବହୁ ପରିମାଣର କନ୍ୟାଭ୍ରୁଣ ହତ୍ୟା ଆଜି ଦିନରେ ନାବାଳିକା ବିବାହର ମୁଖ୍ୟ କାରଣ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି।।

ଝିଅ ଅଭାବ ପାଇଁ ୩୫ ବର୍ଷର ପୁଅ ସହ ୧୫ ବର୍ଷର ଝିଅର ବିବାହ କରାଯାଉଥିବା ଅନେକ ଘଟଣାରେ ଦେଖିବାକୁ ମିଳୁଛି। ଏପରିକି ନୟାଗଡ଼ ଜିଲ୍ଲାରୁ ଅନେକ ଝିଅଙ୍କୁ ବାହାର ରାଜ୍ୟକୁ ବିବାହ କରିବା ପାଇଁ ଚାଲାଣ କରାଯାଉଥିବା ମଧ୍ୟ ଜଣାଯାଇଛି। ନାବାଳିକା ବିବାହ ରୋକିବାକୁ ହେଲେ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବା ସହ ପ୍ରତ୍ୟେକ ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଜିଲ୍ଲାରେ ଯେଉଁ ପରିମାଣର ନାବାଳିକା ବିବାହ ବୃଦ୍ଧି ପାଉଛି, ଖୁବଶୀଘ୍ର ରାଜ୍ୟର ଏକ ନମ୍ବର ଜିଲ୍ଲା ହେବ ବୋଲି ଅନେକ ବୁଦ୍ଧିଜୀବୀ ଆଶଙ୍କା କରୁଛନ୍ତି। ନାବାଳିକା ବିବାହ ସହ ନାବାଳିକା ମାତୃତ୍ୱ ମଧ୍ୟ ବୃଦ୍ଧି ପାଉଛି। ଯାହା ଜିଲ୍ଲାରେ ଏକ ବଡ଼ ସମସ୍ୟା ଓ ନାରୀ ଜାତି ପାଇଁ ବିପଦ ବୋଲି ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନର ଏଥିପ୍ରତି ଆନ୍ତରିକତା ନ ଥିବା ଓ ରାଜନୈତିକ ବ୍ୟକ୍ତିବିଶେଷ ଧ୍ୟାନ ଦେଉ ନ ଥିବାରୁ ସମସ୍ୟା ସୁଧୁରିବା ବଦଳରେ ଦିନକୁ ଦିନ ବ୍ୟାଧିରେ ପରିଣତ ହେଉଛି।

## ନାଥିଆପଲ୍ଲୀରେ ଅଗ୍ନିକାଣ୍ଡ

ଓଡ଼ଗାଁ, ୬।୧(ସମିସ): ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ପଞ୍ଚାୟତ ଅଧୀନ ନାଥିଆପଲ୍ଲୀରେ ଅଗ୍ନିକାଣ୍ଡ ଘଟି ବିଜୟ ଦାସଙ୍କ ୧ ବଖରା ଚାଳଘର ପୋଡ଼ି ନଷ୍ଟ ହୋଇଯାଇଛି। ସୋମବାର ମଧ୍ୟାହ୍ନରେ ସର୍ଟସର୍କିଟ ଘଟି ବିଜୟ ଦାସଙ୍କ ଘରେ ନିଆଁ ଲାଗିଯିବାରୁ ତାଙ୍କର ଗୋଟିଏ ଚାଳଘର ପୋଡିଯାଇଛି। ଖବର ପାଇ ଓଡ଼ଗାଁ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ସ୍ଥାନୀୟ ଲୋକେ ନିଆଁ ଲାଗିଥିବା ଘରର ଉଭୟ ପାଖ ଚାଳ ଛପର ଓଲାରି ଦେଇଥିଲେ। ଫଳରେ ନିଆଁ ଦାଉରୁ ୫ ବଖରା ଘର ଅଳ୍ପକେ ରକ୍ଷା ପାଇଯାଇଥିଲା। ବିଜୟ ଦାସଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## କବିସୂର୍ଯ୍ୟ ପାଠାଗାର ପ୍ରତିଷ୍ଠା ଦିବସ



କଣ୍ଟିଲୋ, ୬।୧(ସମିସ): ଖଣ୍ଡପଡ଼ା ବ୍ଲକ ବଡବାଣପୁର ରାମଚଣ୍ଡୀ ସାହିସ୍ଥ କବିସୂର୍ଯ୍ୟ ପାଠାଗାରର ୪୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସାହି ସଭାପତି ସତ୍ୟବାଦୀ ପ୍ରଧାନଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଦୀପ କର, ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ଅଖିଳ ମହାରଣା, ଯୁଗଳ ନାୟକ, ବିନୋଦ ପ୍ରଧାନ, ସତ୍ୟବାଦୀ ବେହୁରା, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କଳା କ୍ଷେତ୍ରରେ ଜୀବନ ବ୍ୟାପି ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫୁଲ୍ଲ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏ ଅବସରରେ ପାଠାଗାରର ଯୁବ କଳାକାରଙ୍କୁ ନେଇ ପବିତ୍ର ରଣାଙ୍କ ନିର୍ଦ୍ଦେଶନାରେ ପାରିବାରିକ ନାଟକ 'କାହିଁକି କାନ୍ଦୁଛୁ ଶୁଣିବ କିଏ' ନାଟକ ମଞ୍ଚସ୍ଥ ହୋଇଥିଲା। ସତ୍ୟନାରାୟଣ ଷଡଙ୍ଗୀ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ସାହି ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ଶହ ହେକ୍ଟର ଧାନ ଫସଲ ନଷ୍ଟ

ଭାପୁର, ୬।୧(ସମିସ): ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ କ୍ଷେତରେ ଥିବା ପାଚିଲା ଧାନ ନଷ୍ଟ ହୋଇଯାଇଛି।ଭାପୁର ବ୍ଲକରେ ମଧ୍ୟ ଚାଷୀଙ୍କ ବିଲରେ କଟା ହୋଇପଡ଼ିଥିବା ପାଚିଲା ଧାନ ଓ କଟା ହୋଇ ଗଦା ଦିଆଯାଇଥିବା ଧାନରେ ପାଣି ପଶି ଧାନଗଜା ହୋଇଯାଇଛି। ବର୍ତ୍ତମାନ ଧାନ ଚାଷ ସେତେଟା ଲାଭଜନକ ହେଉ ନ ଥିବାବେଳେ ଏପରି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି। ଏହି କ୍ଷତିର ଭରଣା ପାଇଁ ରାଜ୍ୟ ସରକାର ସହାୟତା ଘୋଷଣା କରିବା ପରେ ପ୍ରଶାସନିକ ଅଧିକାରୀ ତତ୍ପର ହୋଇ ଉଜୁଡା ଧାନ ବିଲ ସର୍ଭେ କରିଛନ୍ତି। ଭାପୁର ବ୍ଲକ ୭ଟି ରାଜସ୍ୱ ସର୍କଲର କର୍ମଚାରୀ ଓ କୃଷି ବିଭାଗରେ କାର୍ଯ୍ୟରତ କୃଷି ଓଭରସିଅର, ପଞ୍ଚାୟତ କୃଷି ଅଧିକାରୀ, ଗ୍ରାମସାଥି ମିଳିତ ହୋଇ ସର୍ଭେ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି। ଏହି କ୍ଷୟକ୍ଷତିର ରିପୋର୍ଟ ଅନୁଯାୟୀ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏ ନେଇ ତହସିଲଦାର କହିଛନ୍ତି, ଭାପୁର ତହସିଲ ଅଧୀନରେ ଥିବା ୨୦ ପଞ୍ଚାୟତରେ ମୋଟ ୫୦୪.୬୪ ହେକ୍ଟର ଜମିରେ ଧାନ ନଷ୍ଟ ହୋଇଛି। ଏହି ରିପୋର୍ଟ ଆଧାରରେ ସରକାର ଧାର୍ଯ୍ୟ କରିଥିବା ସହାୟତା ଖୁବଶୀଘ୍ର ସରକାରଙ୍କ ତରଫରୁ ପ୍ରଦାନ କରାଯିବ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

# ୧୬ଟି ମାମଲା ସମାଧାନ, ୧୦ ଜଣଙ୍କୁ ସହାୟତା

ନୟାଗଡ଼, ୬।୧(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ତହସିଲଦାର ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ୧୨୯ଟି ମାମଲା ଗ୍ରହଣ କରାଯାଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ୧୧୨ଟି ମାମଲା ରହିଥିବାବେଳେ ଗ୍ରାମ୍ୟ ବିବାଦ ୭ଟି ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୧୦ଟି ମାମଲା ରହିଥିଲା। ତୁରନ୍ତ ୧୬ଟି ମାମଲାର ସମାଧାନ କରାଯାଇଥିଲା।



ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମାଙ୍କଡ଼ା ପଥର ଖଣିରେ ପୁଲିସର ଚଢ଼ଉ

# ୨ ହାଇୱା ଓ ଜେସିବି ଜବତ

ଓଡ଼ଗାଁ, ୬।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ମାଙ୍କଡ଼ା ପଥର ଖଣିରୁ ମୋରମ ଉଠାଣ ହେଉଥିବା ବେଳେ ପୁଲିସ ଚଢ଼ଉ କରିଛି। ସ୍ଥାନୀୟ ଲୋକଙ୍କ ସହଯୋଗରେ ପୁଲିସ ୨ଟି ହାଇୱା ସହିତ ଗୋଟିଏ ଜେସିବି ମେସିନ ଜବତ କରିଥିବା ଜଣାପଡ଼ିଛି। ସୂଚନା ଥାଉକି ଓଡ଼ଗାଁ ତହସିଲ ଅଞ୍ଚଳରେ ଚାଲିଥିବା ପଥର ଖଣିକୁ ନେଇ ବର୍ଷ ବର୍ଷ ଧରି ନାନା ବାଦ ବିବାଦ ଲାଗି ରହିଛି। ଏପରି ସ୍ଥଳେ ରବିବାର ବିଳମ୍ବିତ ରାତିରେ ଓଡ଼ଗାଁ ତହସିଲ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ମାଙ୍କଡ଼ା ପଥର ଖଣିରେ କାହାରିକୁ ନଜଣାଇ ଜୋର ଜବରଦସ୍ତ ଜେସିବି ମେସିନ ସହାୟତାରେ ୨ଟି ହାଇୱାରେ ମୋରମ ଲଦିବା ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜେସିବି ମେସିନ ସହିତ ୨ଟି ହାଇୱାକୁ ଜବତ କରି ଥାନାକୁ ଆଣିଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

## ତହସିଲ କର୍ମଚାରୀଙ୍କ ମନ୍ତବ୍ୟକୁ ନେଇ ବିବାଦ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ବାର୍ ଆସୋସିଏସନ୍

ଓଡ଼ଗାଁ, ୬।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ଅପମାନସୂଚକ ମନ୍ତବ୍ୟକୁ ଓଡ଼ଗାଁ ବାର୍ ଆସୋସିଏସନ ପକ୍ଷରୁ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗ ଅନୁସାରେ, ଗତ ଡିସେମ୍ବର ୩୦ ତାରିଖରେ ଆସୋସିଏସନର ସଭ୍ୟ ଆଡଭୋକେଟ ପବିତ୍ର ମୋହନ ସାହୁ ଗୋଟିଏ ମାମଲାର ଶୁଣାଣି ଥିବାରୁ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସମ୍ପୃକ୍ତ ବେଞ୍ଚ୍ କିରାଣିଙ୍କୁ ମାମଲା ସମ୍ବନ୍ଧୀୟ ନଥିପତ୍ର ନେଇ ତହସିଲଦାରଙ୍କ ଅଦାଲତକୁ ଆସିବା ପାଇଁ ସୂଚିତ କରିଥିଲେ। କିରାଣିଙ୍କ କହିବା ଅନୁସାରେ ଅପେକ୍ଷା କରିଥିଲେ ମଧ୍ୟ ଅତିରିକ୍ତ ବିଳମ୍ବ ଯୋଗୁଁ ଓକିଲ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ସେଠାରେ ଥିବା ଅନ୍ୟ ଓକିଲଙ୍କ ସହିତ ୨ ଜଣ ମହିଳା କିରାଣିଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଜି ଓକିଲ ସଂଘ ପକ୍ଷରୁ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ତଦନ୍ତ ପରେ ଏହାର ଫଳାଫଳ ଜଣାପଡ଼ିବ।

## କବିତା ରଚନାରେ କାହ୍ନା ରାଜ୍ୟରେ ପ୍ରଥମ

ନୟାଗଡ଼, ୬।୧(ସମିସ): ନୟାଗଡ଼ ଜିଲ୍ଲା ବାହାଡ଼ାଝୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ର କାହ୍ନା ପ୍ରଧାନ କବିତା ରଚନାରେ ରାଜ୍ୟ ଓ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ପ୍ରଧାନଶିକ୍ଷକ ବିଜୟ କୁମାର ଚୌଧୁରୀ ଓ ବରିଷ୍ଠ ଶିକ୍ଷକ ଡକ୍ଟର ପ୍ରତାପ କୁମାର ପରିଡ଼ା ଉପହାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ସାଙ୍ଗସାଥି ଉପସ୍ଥିତ ରହି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।



ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏ ଅବସରରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାହ୍ନା ଏହି ପ୍ରତିଯୋଗୀତାରେ ସଫଳତା ପାଇଛନ୍ତି। ଏତେ ଛୋଟ ବୟସରୁ ସୁନ୍ଦର ସୁନ୍ଦର କବିତା ରଚନା କରୁଥିବାରୁ ଆଗାମୀ ଭବିଷ୍ୟତରେ ସାହିତ୍ୟ କ୍ଷେତ୍ରରେ ସୁନାମ ଆଣିବାରେ କାହ୍ନା ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ଶିକ୍ଷକ ଓ ଶିକ୍ଷୟିତ୍ରୀ କହିଛନ୍ତି।

## ୧୦ରୁ ଖଳିସାହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା, ୬।୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ବଡପଡ଼ିଆରେ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେଉଛି ଦ୍ୱିତୀୟ ଆନ୍ତଃରାଜ୍ୟ ଖଳିସାହି କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ସାଲେପୁର, ଚୌଦ୍ୱାର, ଢେଙ୍କାନାଳ, ବାଙ୍କୀ ଆଦି ଓଡ଼ିଶାର ୮ଟି ବଛା ବଛା ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାବେଳେ ୧୭ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି। ଚଳିତବର୍ଷ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ୩୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଟିମକୁ ୨୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ଓଡ଼ଗାଁ, ୬।୧(ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସାକେରୀସ୍ଥ ରାହାସ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ ତ୍ରିପାଠୀ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରି କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ପ୍ରତିଯୋଗୀଙ୍କୁ ବୁଝାଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅରକ୍ଷିତ ସାହୁ ଯୋଗଦେଇ ପ୍ରାଚୀନ କାଳରୁ ଶିକ୍ଷା ସହିତ କ୍ରୀଡ଼ାର ସ୍ୱତନ୍ତ୍ର ଗୁରୁତ୍ୱ ରହିଥିବା କହିଥିଲେ। ଉକ୍ତ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ରିଙ୍କୁ ଦଳେଇ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ନୀଳମାଧବ ମହାବିଦ୍ୟାଳୟରେ ଆଲୋଚନାଚକ୍ର

କଣ୍ଟିଲୋ, ୬।୧(ସମିସ): କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଯୋଗ ସମ୍ପର୍କିତ ଆଲୋଚନାଚକ୍ର ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଯୋଗାଚାର୍ଯ୍ୟ ଡଃ ବିଶ୍ୱରଞ୍ଜନ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଉଭୟ ସିଦ୍ଧାନ୍ତ ଓ ବ୍ୟବହାରିକ ଜ୍ଞାନ ପ୍ରଦାନ କରିଥିଲେ। ନିର୍ଭୟ, ସତ୍ୟ, ସଂଯମ, ନିଷ୍ଠା ଇତ୍ୟାଦି ଗୁଣର ଉଦାହରଣ ସହ ମହାପୁରୁଷଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେବା ସହ ମହାବିଦ୍ୟାଳୟର ଅଧ୍ୟାପିକା ସୁଶ୍ରୀ ଜୟଶ୍ରୀ ସାହୁ, ସରଳା ବେହେରା, ରଶ୍ମିତା ସାହୁ, ଅଧ୍ୟାପକ ସୁମନ୍ତ କୁମାର ଜେନା, ମାନସ ରଞ୍ଜନ ଆଚାର୍ଯ୍ୟ, ଡଃ ନିରୋଦ କୁମାର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ହ୍ୟାଣ୍ଡବଲ୍ ଦଳରେ କରନ

ଭାପୁର, ୬।୧(ସମିସ): ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ୍ ବର୍ଗର ହ୍ୟାଣ୍ଡବଲ ଦଳରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚବିଦ୍ୟାଳୟ ବାଇଗୁଣିଆର ଦଶମ ଶ୍ରେଣୀ ଛାତ୍ର କରନ ମହାପାତ୍ର ସ୍ଥାନ ପାଇଛନ୍ତି। ସେ ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ଏହି ଯୋଗ୍ୟତା ହାସଲ କରିଛନ୍ତି। ବିଦ୍ୟାଳୟ ଖେଳ ଶିକ୍ଷକ ଆଶିଷ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଇ ଏହି ସଫଳତା ପାଇଛନ୍ତି। ବାଇଗୁଣିଆ ଗ୍ରାମର କରନଙ୍କ ପିତା ଅର୍ଜୁନ ମହାପାତ୍ର ଜଣେ କୃଷକ ଓ ମାଆ



ଗୀତାଞ୍ଜଳି ମହାପାତ୍ର ଜଣେ ଗୃହିଣୀ ଅଟନ୍ତି। ସ୍କୁଲ ଗେମ୍ ଫେଡେରେସନ ଅଫ ଇଣ୍ଡିଆ ୧୭ ବର୍ଷରୁ କମ୍ ହ୍ୟାଣ୍ଡବଲ ପ୍ରତିଯୋଗିତା ତେଲେଙ୍ଗାନାର ମେହବୁବାନଗରରେ ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଯାଜପୁର ଜିଲ୍ଲାର ଛତିଆ ହାଇସ୍କୁଲଠାରେ ୫ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଚାଲୁ ରହିଛି। ହ୍ୟାଣ୍ଡବଲ ଦଳ ଏହି ମାସ ୮ ତାରିଖ ଦିନ ତେଲେଙ୍ଗାନା ଅଭିମୁଖେ ଯାତ୍ରା କରିବ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ରଣା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କରନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରଣପୁର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# ମନମୋହିଲା ଓଡ଼ିଶୀ ନୃତ୍ୟ



ରଣପୁର, ୬।୧(ସମିସ): ରଣପୁରର ଐତିହ୍ୟ, କଳା, ସାଂସ୍କୃତିକ ପରମ୍ପରାକୁ ନେଇ ଅନୁଷ୍ଠିତ ହେଉଥିବା ରଣପୁର ମହୋତ୍ସବ ଅର୍ଜୁନ-୨୦୨୫ର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଦ୍ୱିତୀୟ ସନ୍ଧ୍ୟାରେ ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ଓ ପୁରୀନାଗ ମେଢ଼ରେ ଦର୍ଶକ ବିଭୋର ହୋଇଛନ୍ତି। ଏହି ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଏସ୍‌ପି ଶ୍ରୀମତୀ ଏସ. ସୁଶ୍ରୀ, ରଣପୁର ବିଡିଓ ସୁଧୀର ନାୟକ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ପୁରୁଲିଆ ଛଉନୃତ୍ୟ, ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ଓ ନାଗମେଢ଼ କାର୍ଯ୍ୟକ୍ରମ ମନ ମୋହିଥିଲା। ଏହି ଶୀତୁଆ ସନ୍ଧ୍ୟାରେ ରଣପୁର, ବୋଲଗଡ଼, ଭାପୁର ବେଗୁନିଆ ବ୍ଲକର ହଜାର ହଜାର ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ଜିଲ୍ଲାର ଭୋଟର ସଂଖ୍ୟା ୮ ଲକ୍ଷ ୧୪ ହଜାର ୧୬୫

ନୟାଗଡ଼, ୬।୧(ସମିସ)

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ରୋଜିନା ଦାସ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଓ ସୂଚନା, ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଗତ ଅକ୍ଟୋବର ୨୯ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇ ସେହି ତାରିଖଠାରୁ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଆପତ୍ତି ଓ ଅଭିଯୋଗ




ଆହ୍ୱାନ କରାଯାଇଥିଲା। ଏହି ସମୟ ମଧ୍ୟରେ ନୂତନ ନାମ ପଞ୍ଜୀକରଣ, ନାମ ବାଦ୍ କରାଯିବା ଓ ଉପଲବ୍ଧ ତଥ୍ୟ ଉପରେ ଆବଶ୍ୟକୀୟ ସଂଶୋଧନ କରାଯିବା ପାଇଁ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତକୁ ଫଇସଲା କରାଯାଇ ଆଜି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ଜିଲ୍ଲା ସ୍ତରରେ, ସମସ୍ତ ବ୍ଲକ ସ୍ତରରେ ଓ ବୁଥ୍ ସ୍ତରରେ ଆଜି ତାରିଖରେ ପ୍ରକାଶ କରାଗଲା। ଇଚ୍ଛୁକ ବ୍ୟକ୍ତି ଜିଲ୍ଲା ସ୍ତରରେ ସମ୍ପୃକ୍ତ ବ୍ଲକ ସ୍ତରରେ ଓ ବୁଥ ସ୍ତରରେ ତାଙ୍କର ନାମ ଯାଞ୍ଚ ଓ ତନଖି କରିପାରିବେ। ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲ୍ଲାର ମୋଟ ଭୋଟର ସଂଖ୍ୟା ୮ ଲକ୍ଷ ୧୪ ହଜାର ୧୬୫ ରହିଛି। ତନ୍ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୪ ଲକ୍ଷ ୨୫ ହଜାର ୫୨, ମହିଳା ଭୋଟର ସଂଖ୍ୟା ୩ ଲକ୍ଷ ୮୯ ହଜାର ୭୦ ଓ ତୃତୀୟ ଲିଙ୍ଗିଙ୍କ ସଂଖ୍ୟା ୪୩ ରହିଛି।

ନୂତନ ଭାବେ ଯୋଗ ହୋଇଥିବା ସମସ୍ତ ଭୋଟର ତଥ୍ୟରେ ସଂଶୋଧନ କରିଥିବା ଓ ନୂତନ ଭାବେ ଭୋଟ ପରିଚୟପତ୍ର ପାଇଁ ଆବେଦନ କରିଥିବା ସମସ୍ତ ଭୋଟରଙ୍କ ଭୋଟ ପରିଚୟ ପତ୍ର ଡାକ ମାଧ୍ୟମରେ ପାଇବାର ବ୍ୟବସ୍ଥା କରାଯାଇଛି। ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟରଙ୍କ ଅନୁପାତ ୨୦୨୪ ମସିହାରେ ୯୧୦ ଥିବା ସ୍ଥଳେ ଚଳିତ ୨୦୨୫ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାରେ ଏହା ୯୧୫କୁ ବୃଦ୍ଧି ପାଇଛି। ୧୮-୧୯ ବର୍ଷର ଭୋଟର ମୋଟ ୧୪ ହଜାର ୩୧୦ ପଞ୍ଜୀକୃତ ହୋଇଛନ୍ତି। ଆଜିର ବୈଠକରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

ମହୋତ୍ସବକୁ ୧୫ ଦିନ ବିତିଲା

# ହାବେଳି ପଡ଼ିଆ ସଫା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା,୬।୧(ସମିସ)

ଦୁଇଦିନ ଭିତରେ ହାବେଳି ପଡ଼ିଆ ସଫା ସହ ଜଳାଶୟରୁ ମୋରମ କାଢ଼ି ପୂର୍ବାବସ୍ଥା ଫେରାଇ ଆଣିବାକୁ ଜିଲ୍ଲାପାଳ ଚଞ୍ଚଳ ରାଣା ମହୋତ୍ସବ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟିଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି। ମହୋତ୍ସବ ସରିବା ପରେ ପଡିଆ ସଫା କରିବା ସହ ପୋଖରୀରୁ ସବୁ ମୋରମ କାଢି ପୂର୍ବବସ୍ଥା ଫେରାଇବାକୁ ଜିଲ୍ଲା ପ୍ରଶାସନ ସହ ମହୋତ୍ସବ କମିଟି ସର୍ତ୍ତର୍ ରଖିଥିଲେ। ସେହି ସର୍ତ୍ତ ଅନୁଯାୟୀ ମହୋତ୍ସବ କରିବାକୁ ଅନୁମତି ମିଳିଥିଲା। ଡିସେମ୍ବର ୨୩ ତାରିଖରୁ ମହୋତ୍ସବ ସରିଥିଲେ ସୁଦ୍ଧା ମହୋତ୍ସବ କମିଟି କିନ୍ତୁ ପ୍ରଶାସନର ସର୍ତ୍ତକୁ ବେଖାତିର କରିଥିଲେ। ଏମିତିକି



ପ୍ରଶାସନ ପକ୍ଷରୁ ୫୦ ହଜାର ଟଙ୍କା ଫାଇନ ମଧ କରାଯାଇଥିଲା। ତାହାକୁ ମଧ ଜମା କରିଁ ନଥିଲେ। ମହୋତ୍ସବ ହୋଇଥିବା ପଡିଆରେ ଆବର୍ଜନା ଜମା ହୋଇ ତାହା ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଦୋଳି ପଡ଼ିଥିବା ସ୍ଥାନରେ ଥିବା ଏକ ପୋଖରୀରେ ମୋରମ ପକାଯାଇ ତାହାକୁ ପୋତି ଦିଆଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଥାନାଠାରୁ ପ୍ରଶାସନ ପର୍ଯ୍ୟନ୍ତ ସବୁଠି ଗୁହାରି କରିଥିଲେ। ହାବେଳି ପଡିଆ ପାଖରେ ଥିବା ପୋଖରୀ ସମସ୍ତଙ୍କ କାର୍ଯ୍ୟରେ ଲାଗୁଥିଲା। ପୋଖରୀ ପୋତି ହେବାରୁ ଆଗକୁ ଜଳକଷ୍ଟ ସମସ୍ୟା ଉପୁଜିବ। ବିଭିନ୍ନ ଗଣମାଧ୍ୟମରେ

## ଜଳାଶୟରୁ ପଥର କାଢ଼ି ପୂର୍ବାବସ୍ଥା ଫେରାଇ ଆଣିବାକୁ ତାଗିଦ

ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇଥିଲା। ତେବେ ଆଜି ଚଳିତ ମାସର ପ୍ରଥମ ସୋମବାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ନରେନ୍ଦ୍ର କୁମାର ପୃଷ୍ଟିଙ୍କୁ ଜିଲ୍ଲାପାଳ ଶ୍ରୀ ରାଣା ପଡିଆ ସଫା ଏବଂ ପୋଖରୀରୁ ମୋରମ କାଢିବା ସମ୍ପର୍କରେ ପଚାରିଥିଲେ। ଜିଲ୍ଲାପାଳଙ୍କ ପ୍ରଶ୍ନ ଶୁଣି ଶ୍ରୀ ପୃଷ୍ଟି ବର୍ଷା ହେବାର ବାହାନା ଦେଖାଇ ଗୋଟେ ଦିନ ସମୟ ମାଗିଥିଲେ। ଦୁଇଦିନ ଭିତରେ ସମ୍ପୂର୍ଣ୍ଣ କାର୍ଯ୍ୟ ସାରି ଜଳାଶୟର ପୂର୍ବାଅବସ୍ଥା ଫେରାଇବାକୁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ମଧ ଜିଲ୍ଲାପାଳ କାର୍ଯ୍ୟ ସମ୍ପର୍କରେ ପଚାରିଥିଲେ। ଉପଜିଲ୍ଲାପାଳ ମଧ ବାରମ୍ବାର ତାଗିଦ୍ କରିଛନ୍ତି ବୋଲି ଜିଲ୍ଲାପାଳଙ୍କୁ ସୂଚନା ଦେଇଥିଲେ। ଦୁଇଦିନ ପରେ ନିଜେ ଯାଇ ତଦାରଖ କରିବେ ବୋଲି ଜିଲ୍ଲାପାଳ ଶ୍ରୀ ପୃଷ୍ଟିଙ୍କୁ ତାଗିଦ୍ କରିଥିଲେ। ଉପସ୍ଥିତ ଜନସାଧାରଣ ଜିଲ୍ଲାପାଳଙ୍କ ଏଭଳି ତାଗିଦ୍‌କୁ ପ୍ରଶଂସା କରିବା ସହ ଦୁଇଦିନ ପରେ ହାବେଳି ପଡିଆ ଏବଂ ଜଳାଶୟର ପୂର୍ବାବସ୍ଥା ଫେରାଇ ଆଣିବା ଦିଗରେ କିଭଳି କାର୍ଯ୍ୟ ହେଉଛି ତାହା ଦେଖିବାକୁ ଅପେକ୍ଷା କରିଛନ୍ତି।

● ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍

## ଖୋର୍ଦ୍ଧା ଷ୍ଟାଡିୟମ୍‌ରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ନେବାକୁ ଦାବି

**ଖୋର୍ଦ୍ଧା,୬।୧(ସମିସ):** ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ ଖୋର୍ଦ୍ଧାରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରେଡ୍ ଉତ୍ସବକୁ ଏକ ନିଆରେ ଢଙ୍ଗରେ ପାଳନ କରାଯିବା ପାଇଁ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ପ୍ରତିନିଧିତ୍ୱରେ ଏକ ପ୍ରତିନିଧିଦଳ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପ୍ୟାରେଡ୍ ପଡ଼ିଆଟି ବିଭିନ୍ନ ଦିଗରୁ ସଙ୍କୁଚିତ ହୋଇଗଲାଣି। ଏଥିସହିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରୁଥିବା ବିଦ୍ୟାଳୟଗୁଡ଼ିକର ସଂଖ୍ୟା ମଧ ବହୁ ମାତ୍ରାରେ ବୃଦ୍ଧି ପାଇଛି। ଅତ୍ୟଧିକ ଜନଗହଳି ହେତୁ ଏହି ପରିସରରେ ପ୍ୟାରେଡ୍‌କୁ ଦେଖିବା ସମସ୍ତଙ୍କ ପକ୍ଷରେ ସମ୍ଭବପର ହେଉନାହିଁ। ତେଣୁ ଚଳିତ ବର୍ଷ ଏହି ଉତ୍ସବରେ ସ୍ଥାନୀୟ ଷ୍ଟାଡିୟମ୍‌ରୁ ପ୍ୟାରେଡ୍ ବାହାରି ଷ୍ଟେଟ୍‌ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯିବ ଏବଂ ସେଠାରୁ ଜନପଥ ଦେଇ ନୂଆ ବସ୍‌ଷ୍ଟାଣ୍ଡଠାରେ ପ୍ୟାରେଡ୍ ପହଞ୍ଚିବ। ଏଥିରେ ଜିଲ୍ଲାର ସବୁ ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ମାନ ସ୍ଥାନ ପାଇବ। ଦାବିପତ୍ର ପ୍ରଦାନ ସମୟରେ ସଭାପତି ଶ୍ରୀ ପୃଷ୍ଟିଙ୍କ ସମେତ ତ୍ରିପତି ବାଲାଜୀ ପାତ୍ର, ହେମନ୍ତ ପାତ୍ର, ଅବିନାଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ମୋବାଇଲ୍ ଚୋରି ଘଟଣାରେ ଜେଲ୍ ଗଲା ଅଭିଯୁକ୍ତ

**ବାଲୁଗାଁ,୬।୧(ସମିସ):** ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଏକ ମୋବାଇଲ ଚୋରି ମାମଲାର ଶୁଣାଣି କରି ଶନିବାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡାଦେଶ ସହ ଜରିମାନା ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲା ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ଥୁରୁଗୁରୀ ଗ୍ରାମର ସମୀର ମହାନ୍ତି (୨୨)। ସୂଚନା ମୁତାବକ, ଗତ ସେପ୍ଟେମ୍ବର ୨୩ ତାରିଖରେ ବାଲୁଗାଁ ଶାନ୍ତି ନଗର ବଙ୍ଗୀୟ ବସ୍ତିରେ ରହୁଥିବା ନିତ୍ୟା ମଣ୍ଡଳ ସପରିବାର ଶୋଇ ଥିବାବେଳେ ରାତ୍ର ପ୍ରାୟ ୨ଟା ସମୟରେ ସମୀର ଘରେ ପଶି ଚୋରି ଉଦ୍ୟମ କରିଥିଲା। ପରିବାର ସଦସ୍ୟ ଉଠିପଡିବାରୁ ସମୀର ଟେବୁଲ ଉପରେ ରଖିଥିବା ମୋବାଇଲ ଫୋନକୁ ଧରି ଦୌଡ଼ି ପଳାଉଥିଲା। ପାଟି ଶୁଣି ସାହି ବାସିନ୍ଦା ଉଠିପଡ଼ି ଗୋଡ଼ାଇ ଗୋଡ଼ାଇ ସମୀରକୁ ଧରି ପୁଲିସ ଜିମା ଦେଇଥିଲେ। ପୁଲିସ ସମୀରଠାରୁ ଉକ୍ତ ମୋବାଇଲ ସହ ଆଉ ତିନୋଟି ଚୋରି ମୋବାଇଲକୁ ମଧ ଜବତ କରିଥିଲେ। ଅଭିଯୋଗ କ୍ରମେ ପୁଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ସମୀରକୁ କୋର୍ଟ ଚାଲାଣ କରିଥିଲା।

## ୫୪୦ ଲିଟର ଦେଶୀମଦ ଜବତ; ୩ ଗିରଫ

**ବେଗୁନିଆ,୬।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ସଦର ରେଞ୍ଜ ଅବକାରୀ ବିଭାଗ ଓ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ଉ କରି ୫୪୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳ ସୂଚନା ଦେଇଛନ୍ତି। ତେବେ ବେଗୁନିଆ ଅବକାରୀ ବିଭାଗ ଅନ୍ତର୍ଗତ ବରପଦା ଜଙ୍ଗଲରୁ ୫୪୦ ଲିଟର ଦେଶୀମଦ ଜବତ କରିବା ସହ କାବୁଲି ଜୟସିଂହ, ବିଶ୍ୱଜିତ ଜୟସିଂହ ଓ ପୁଷ୍ପାଞ୍ଜଳି ଜୟସିଂହଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ପ୍ରବାସୀ ଭାରତୀୟ ଦିବସ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ଖୋର୍ଦ୍ଧା,୬।୧(ସମିସ):** ସ୍ଥାନୀୟ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇ ଉନ୍ନତ ଓଡ଼ିଶା ପାଇଁ ଛାତ୍ରଛାତ୍ରୀମାନଙ୍କର ଅମୂଲ୍ୟ ଦାନ ଏକାନ୍ତ କାମ୍ୟ। ଆମର ସ୍ୱଭାଗ୍ୟର କଥା ଏଥର ଓଡ଼ିଶା ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରୁଛି। ସମସ୍ତ ଛାତ୍ରଛାତ୍ରୀ ଏହାକୁ ପରିଦର୍ଶନ କରିବାକୁ ଯେପରି ନ ଭୁଲନ୍ତି ସେଥିପାଇଁ ପ୍ରୋତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଦିବସର ମହତ୍ତ୍ୱ ପ୍ରତିପାଦିତ କରିବା ସହିତ ପରିଚୟ ପ୍ରଦାନ ପୂର୍ବକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି



ପ୍ରତିଯୋଗିତାରେ ୧୦ଟି ବ୍ଲକ ଏବଂ ଭୁବନେଶ୍ୱର ମହାନଗର ନିଗମରୁ ୯ ଜଣ ଲେଖାଏଁ ପ୍ରତିଯୋଗୀ ଚୟନ ହୋଇ ଜିଲ୍ଲାସ୍ତରର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୭ଜଣ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର ଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଏହାକୁ ସଂଯୋଜିକା ସୁନୀତା ପଟ୍ଟନାୟକ ପରିଚାଳନା କରିବା ସହିତ ଅଖିଳେଶ ମହାପାତ୍ର ଉପସ୍ଥାପକ କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ଖୋର୍ଦ୍ଧା ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ରବୀନ୍ଦ୍ର ପ୍ରଧାନ, ରବିନାରାୟଣ ସାହୁ, ବିକାଶ କୁମାର ମୁଦୁଲି, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ବାଗେଶ୍ରୀ ମହାପାତ୍ର, ଅମୀୟ ଜେନା, ରାଜୀବ ମହାପାତ୍ର, ସ୍ୱର୍ଣକା ମହାପାତ୍ର, ଶିକ୍ଷକ ଅଭିରାମ ପଣ୍ଡା, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ଦୁର୍ଯ୍ୟୋଧନ ସ୍ୱାଇଁ ଓ ଚକ୍ରଧର ବାରିକ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

● ଅଦିନିଆ ବର୍ଷାରେ ଧାନଫସଲ ନଷ୍ଟ

## ଋଣ ଛାଡ଼ ଦାବିକଲେ ଚାଷୀ

**ଖୋର୍ଦ୍ଧା,୬।୧(ସମିସ):** ମୁଣ୍ଡଝାଳ ତୁଣ୍ଡରେ ମାରି ଚଳିତବର୍ଷ ଭଲ ଫସଲ ଅମଳ କରିବାକୁ ଲକ୍ଷ୍ୟ ରଖିଥିଲା ଚାଷୀ। କିନ୍ତୁ ପାଚିଲା ଧାନ ବିଲରେ ପଡିଥିବାବେଳେ ଡିସେମ୍ବର ମାସରେ ୩ଥର ଅଦିନିଆ ବର୍ଷା ଧାନଚାଷକୁ ନଷ୍ଟ କରିଛି। ବହୁ ଚାଷୀଙ୍କର କଟା ଧାନ ବିଲରେ ପଡି ଗଜା ହୋଇଥିବାବେଳେ କେତେକ ଚାଷୀଙ୍କ ଧାନ ବାଡିରେ ବା ଖଳରେ ଥୁଆ ହୋଇ ବର୍ଷାରେ ଉଜୁଡି ଯାଇଛି। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ତେଣୁ କ୍ଷତିପୂରଣ ଏବଂ ନୂଆ ଚାଷ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବିକରି ଜିଲ୍ଲାପାଳଙ୍କୁ ବେଗୁନିଆ ବ୍ଲକ ହଜ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କର ଋଣଛାଡ଼ କରିବା ସହିତ ପରିବାର ପ୍ରତିପୋଷଣ ନିମନ୍ତେ ନୂତନ ଚାଷ କରିବା ଲାଗି ସବୁପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଚାଷୀ ସୁଧାକର ରାଉତରା, ପ୍ରଦୀପ କୁମାର ବେହେରା ପ୍ରମୁଖ ଚାଷୀ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା,୬।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ଆଜି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏଥିରେ ଅଧକ୍ଷତା କରିଥିଲେ। ଉକ୍ତଦିନ ପ୍ରାତଃ ସମୟରେ ରାମଧୁନ ପ୍ରଚାର କରାଯିବା ସହ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ସାଢେ ୭ଟା ସମୟରେ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ୯.୧୫ମିନିଟ ସମୟରେ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ବିଜେବି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ କରାଯିବ। ସେହିପରି ପ୍ରଜ୍ଞାପନ ମେଢ ପ୍ରଦର୍ଶନ ସାଙ୍ଗକୁ ଜିଲ୍ଲାସ୍ତରରେ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପା ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବରିଷ୍ଠ ନାଗରିକ ଉମାଶଙ୍କର ପ୍ରସାଦ, ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂହ, ଦେବପ୍ରସାଦ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି
## ୧୪୦ ଅଭିଯୋଗ; ୨ଟି ତତ୍କାଳ ସମାଧାନ



**ଖୋର୍ଦ୍ଧା,୬।୧(ସମିସ):** ଚଳିତ ମାସର ପ୍ରଥମ ସୋମବାର ଖୋର୍ଦ୍ଧା ପଞ୍ଚାୟତ ସମିତିର ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ବେଉରା, ସିଡିଏମ୍ଓ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ତହସିଲଦାର ବିଭାସ ପାଣିଗ୍ରାହୀ, ବିଡିଓ କ୍ଷୀରାବ୍ଧି ତନୟା ସାହୁ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ।

ଏହି ଶିବିରରେ ମଧୁବାବୁ ପେନସନ, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ ସମସ୍ୟା, ପାଣି ସମସ୍ୟା ଭଳି ମୋଟ ୧୪୦ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୨୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ମାତ୍ର ୯ଟି ସାମୂହିକ ଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ ହଜାର ଏବଂ ଜଣଙ୍କୁ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ସୁଗଦା ମୁର୍ମୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଟିକମ ଦଳେଇ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ପ୍ରତିଯୋଗିତା



**ବେଗୁନିଆ,୬।୧(ସମିସ):** ବେଗୁନିଆ ବ୍ଲକ ବଡ଼ବେରଣା ଡିକେଏସଏନ ବିଦ୍ୟାପୀଠ ପରିସରରେ ଅଷ୍ଟାଦଶତମ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥୀଙ୍କ ଅଧକ୍ଷତା ଓ ସିଆରସି ହେମନ୍ତ କୁମାର ସାହୁଙ୍କ ସଂଯୋଜନାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟଅତିଥି, କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଗଙ୍ଗାଧର ଦାଶ ମୁଖ୍ୟବକ୍ତା, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର ଓ ନଳିନୀ ପ୍ରଭା ଦେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ଉନ୍ନତ ରାଷ୍ଟ୍ର ଗଠନରେ ପ୍ରବାସୀ ଭାରତୀୟମାନଙ୍କ ଯଥେଷ୍ଟ ଭୂମିକା ରହିଛି ବୋଲି ମତ ପ୍ରକାଶ କରିଥିଲେ। ପରେ 'ବିକଶିତ ଭାରତ ଗଠନରେ ବିଦେଶରେ ବାସ କରିଥିବା ଭାରତୀୟମାନଙ୍କ ଭୂମିକା' ଉପରେ ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ ଓ ଧିର ସାଇକେଲ ଚାଳନା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର



**ନିରାକାରପୁର,୬।୧(ସମିସ):** ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମକୁ ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି ଉଦ୍‌ଘାଟନ କରିଛନ୍ତି। ପ୍ରଶିକ୍ଷକ ଅସମା ବେଗମ ଏହି କାର୍ଯ୍ୟକ୍ରମକୁ ୧୪ ଜାନୁଆରୀ ପର୍ଯ୍ୟନ୍ତ ଚାଲୁ ରଖିବେ। କାର୍ଯ୍ୟକ୍ରମ ଅଧିକାରିଣୀ ରେଣୁବାଳା ସାମନ୍ତରାୟ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ସସ୍ମିତା ସାହୁ, ଅଧ୍ୟାପକ ମନମୋହନ ନାୟକଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

● ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଉଦ୍‌ଘାଟିତ

## କଟକକୁ ହରାଇ ରାଉରକେଲା ବିଜୟୀ

**ଟାଙ୍ଗୀ,୬।୧(ସମିସ):** ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସ୍ପୋର୍ଟସ ହଷ୍ଟେଲ, କଟକକୁ ସଡନ ଡେଥ୍‌ରେ ହରାଇ ୱେଲଫେୟାର ୟୁଥ୍ କ୍ଲବ ରାଉରକେଲା ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ମଧ କେହି କାହାରିକୁ ଗୋଲ୍ ଦେଇପାରିନଥିଲେ। ଫଳରେ ରେଫରୀ ଟାଇବ୍ରେକରର ସହାୟତା ନେଇଥିଲେ। ତଥାପି କେହି କାହାରିକୁ ପରାସ୍ତ କରିପାରି ନଥିଲେ। ତେବେ ସଡନ ଡେଥରେ ରାଉରକେଲା ଦଳ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ରେଫରୀ ବିଜୟ କୁମାର ମଙ୍ଗରାଜ, ପ୍ରିୟବ୍ରତ ବାହିନୀପତି, ଜିତେନ୍ଦ୍ର ପାତ୍ର, ନନ୍ଦକିଶୋର ସ୍ୱାଇଁ। ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମାଜସେବୀ ବିଜୟ ମହାପାତ୍ର, ସଭାପତି ତଥା ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ସୁରେନ୍ଦ୍ର କୁମାର ମହାପାତ୍ର, ଉପଦେଷ୍ଟା ବିଜୟ କୁମାର ରାଉତ, ନରେନ୍ଦ୍ର ମହାପାତ୍ର, ସୁନିଲ ମହାନ୍ତି, ଜଗନ୍ନାଥ ରାଇସମିଲ ପାର୍ଟନର ପ୍ରିୟରଞ୍ଜନ ପାତ୍ର, ସାଂସଦଙ୍କ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଣୟ ପ୍ରତୀକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ରାଉତ, ସୁକାନ୍ତ ବେହେରା, ଅମରେନ୍ଦ୍ର କୁମାର ମହାନ୍ତି, ମନୋଜ କୁମାର ମାଝୀ, ବିଶ୍ୱରଞ୍ଜନ ଦାସ, ପ୍ରଣୟ ପାଇକରାୟ, ପ୍ରକାଶ ବେହେରା, ବାବୁ ବେହେରା ସହଯୋଗ କରିଥିଲେ।

## ଗିନି କପ୍ କ୍ରିକେଟ୍: ସେମିରେ ଜାଗୃତି

ଖୋର୍ଦ୍ଧା,୬।୧(ସମିସ)

ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ସବ୍ୟସାଚୀ ଦିନେଶ




ମେମୋରିଆଲ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣ ଦ୍ୱିତୀୟ ଦିନ ମ୍ୟାଚ୍‌ରେ ଜାଗୃତି କ୍ରିକେଟ୍ କ୍ଲବ ୪ ୱିକେଟ୍‌ରେ ବିଜୟୀ ହୋଇ ସେମିଫାଇନାଲକୁ ଯାଇଛି। ଆଜି ଜୁଭେନାଇଲ୍ କ୍ଲବ, କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ୱିକେଟ୍ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୩୫ ବଲ ଖେଳି ସର୍ବାଧିକ ୪୯ ରନ ସଂଗ୍ରହ କରିଥିବା ବେଳେ ନୀତିନ୍ ନିରଞ୍ଜନ ୩୯ ବଲ୍ ଖେଳି ୪୩ ରନ୍ ସଂଗ୍ରହ କରିଥିଲେ। ଜବାବରେ ଜାଗୃତି ଦଳକୁ ଶେଷ ଓଭରରେ ଜିତିବା ପାଇଁ ୧୭ ରନ ଆବଶ୍ୟକ ଥିବା ବେଳେ ପ୍ରିୟରଞ୍ଜନ ୪ଟି ବଲ୍‌ରେ ଆବଶ୍ୟକୀୟ ରନ ସଂଗ୍ରହ କରି ଦଳକୁ ବିଜୟୀ କରିଥିଲେ। ବିଜୟୀ ଜାଗୃତି ଦଳ ପକ୍ଷରୁ ରଶ୍ମି ରଞ୍ଜନ ସର୍ବାଧିକ ୬୧ ରନ୍ ସଂଗ୍ରହ କରିବା ସହ ୨ଟି ୱିକେଟ୍ ଅକ୍ତିଆର୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚକୁ ଓମ୍ପାୟାର ଭାବେ ପ୍ରୀତିରଞ୍ଜନ ବଳିଆରସିଂହ ଏବଂ ବିଜୟ କୁମାର ସିଂ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡାବିତ୍ ତଥା ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ ବିମଳ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ରଶ୍ମି ରଞ୍ଜନ ନାୟକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ ସୋଲାର କ୍ଲବ, କଟକ ଏବଂ ଜାଗୃତି କ୍ଲବ, ଭୁବନେଶ୍ୱର ମଧ୍ୟରେ ଆୟୋଜିତ ହେବ। ଆଜିର ମ୍ୟାଚ୍‌କୁ ଆସୋସିଏସନ୍ ସମ୍ପାଦକ ଭବାନୀ କୁମାର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ ଏବଂ ସୌର୍ଯ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାଣପୁର,୬।୧(ସମିସ): ବାଣପୁର ଭଗବତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରାଜକିଶୋର ଭୋପାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଭାବେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ପରିଚାଳନା କମିଟି ସମ୍ପାଦକ ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର ଓ ଖୋର୍ଦ୍ଧା ଶିକ୍ଷା ବିକାଶ ସମିତିର ସହ ବିଭାଗ ପ୍ରମୁଖ ହରେକୃଷ୍ଣ ମୁଦୁଲି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଖୋଲିବାକୁ ଥିବା ବେଳେ ମନ୍ତ୍ରୀଙ୍କ ଦ୍ୱାରା ବିଜ୍ଞାନ ଭବନର ଶିଳାନ୍ୟାସ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୫
- ପାଉଣ୍ଡ ୧୦୭.୧୩
- ୟୁରୋ ୮୮.୯
- ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୨,୩୦୦ (ନୂଆଦିଲ୍ଲୀ)
- ରୁପା : ୯୧,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୯୬୪.୯୯
- ନିଫ୍ଟି ୨୩,୬୧୬.୦୫



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**କେନ୍ଦ୍ର ବଜେଟ୍ ୨୦୨୫-୨୬**

**ଅର୍ଥମନ୍ତ୍ରୀଙ୍କ ପାଖରେ ଶ୍ରମିକ ସଂଗଠନର ଦାବି**

# ମାସିକ ଇପିଏଫ୍ ପେନ୍‌ସନ୍ ୫୦୦୦ ହେଉ

ନୂଆଦିଲ୍ଲୀ, ୬।୧(ଏଜେନ୍ସି)



- ସୁପର ରିଚ୍ ଟିକସ ଲାଗୁ
- ଆୟକର ଛାଡ଼ ସୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଦାବି

ଫେବୃଆରୀ ପହିଲାରେ ଆସିବ ସାଧାରଣ ବଜେଟ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ ଆଗତ କରିବେ। ଏହା ପୂର୍ବରୁ ପ୍ରାକ୍ ବଜେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ଶ୍ରମିକ ସଂଗଠନର ନେତୃବୃନ୍ଦଙ୍କୁ ଭେଟିଛନ୍ତି। ଏଥିରେ ସଂଗଠନ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ପେନ୍‌ସନ୍ ମାସିକ ୫୦୦୦ ଟଙ୍କାକୁ ବୃଦ୍ଧି କରିବା, ୮ମ ବେତନ ଆୟୋଗ ଗଠନ ଏବଂ ଆଗାମୀ ବଜେଟରେ ସୁପର ରିଚ୍ ବା ଅତି ଧନୀଙ୍କ ଉପରେ ଅଧିକ ଟିକସ ଲାଗୁ ଦାବି କରିଛନ୍ତି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ପାରମ୍ପରିକ ବଜେଟ ଆଲୋଚନାରେ ଶ୍ରମିକ ସଂଗଠନର ନେତାମାନେ ଆୟକର ଛାଡ ସୀମାକୁ ବାର୍ଷିକ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦବି କରିଛନ୍ତି। ଏଥିସହ ସରକାରୀ କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ୍) ପୁନଃଚଆରମ୍ଭ କରିବାକୁ ମଧ୍ୟ ଦାବି ଉଠାଇଛନ୍ତି। ବୈଠକ ପରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଟିୟୁସିସିର ସାଧାରଣ ସମ୍ପାଦକ ଏସ୍ ପି ତିୱାରୀ କହିଛନ୍ତି ଯେ ସରକାର ସରକାରୀ କ୍ଷେତ୍ରର ଘରୋଇକରଣ ଏବଂ କର୍ପୋରେଟାଇଜେସନ୍ ବନ୍ଦ କରିବା ଉଚିତ। ଅରସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ପାଣ୍ଠି ପାଇଁ ଟଙ୍କା ସଂଗ୍ରହ କରିବା ଲାଗି ଅତିଧନୀଙ୍କୁ ବ୍ୟବହାର କରାଯାଉ। ସେମାନଙ୍କ ଉପରେ ୨ ପ୍ରତିଶତ ଟିକସ ଲାଗୁ କରାଯିବା ଉଚିତ୍। କୃଷି ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉ ଏବଂ ସେମାନଙ୍କର ସର୍ବନିମ୍ନ ମଜୁରୀ ମଧ୍ୟ ସ୍ଥିର କରାଯାଉ ବୋଲି ତିୱାରୀ ଦାବି କରିଛନ୍ତି।

ଭାରତୀୟ ମଜଦୁର ସଂଗଠନର ସଚିବ (ଉତ୍ତର-ଜୋନ୍) ପୱନ କୁମାର କହିଛନ୍ତି ଯେ ଇପିଏସ୍ -୯୫ ଅଧୀନରେ ସର୍ବନିମ୍ନ ପେନ୍‌ସନ୍‌କୁ ପ୍ରଥମ ପଦକ୍ଷେପ ଭାବରେ ମାସିକ ୧୦୦୦ରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯିବା ଉଚିତ।

ପରେ ଏହାକୁ ଭିଡିଏ ସହିତ ସଂଯୁକ୍ତ କରାଯିବା ଉଚିତ୍। ଆୟକର ଛାଡ ସୀମାକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସଂଗଠନ ପରାମର୍ଶ ଦେଇଛି। ଏହା ବ୍ୟତୀତ ପେନ୍‌ସନ୍‌ରୁ ହେଉଥିବା ଆୟକୁ ମଧ୍ୟ ଟିକସ ମୁକ୍ତ କରାଯିବା ଉଚିତ୍। ସରକାରୀ କର୍ମଚାରୀଙ୍କ ବେତନ ଢ଼ାଞ୍ଚାରେ ସଂଶୋଧନ ପାଇଁ ତୁରନ୍ତ ଅଷ୍ଟମ ବେତନ ଆୟୋଗ ଗଠନ କରିବାକୁ ଶ୍ରମିକ ସଂଗଠନ ଦାବି କରିଛି। ୨୦୨୪ ଫେବୃଆରୀରେ ୭ମ ବେତନ ଆୟୋଗ ଗଠନ ହେବାର ୧୦ ବର୍ଷରୁ ଅଧିକ ସମୟ ବିତିଯାଇଥିବାରୁ ତୁରନ୍ତ ୮ମ ବେତନ ଆୟୋଗ ଗଠନ କରିବାକୁ ସିଟୁ ଜାତୀୟ ସଚିବ ସ୍ୱଦେଶ ଦେବ ରୟ ଦାବି କରିଛନ୍ତି।

**● ଆଳୁ, ଟମାଟୋ ଦର ବୃଦ୍ଧିର ପ୍ରଭାବ**

## ଡିସେମ୍ବରରେ ଭେଜ୍ ଥାଳି ୬% ମହଙ୍ଗା

ନୂଆଦିଲ୍ଲୀ,୬।୧ (ଏଜେନ୍ସି): ଡିସେମ୍ବର ମାସରେ ଭାରତରେ ଏକ ଘରୋଇ ଶାକାହାରୀ ଥାଳି ମୂଲ୍ୟରେ ବାର୍ଷିକ ଭିତ୍ତିରେ ୬% ବୃଦ୍ଧି ପାଇ ୩୧ ଟଙ୍କା ୭୦ ପଇସା ଟଙ୍କା ହୋଇଛି। ଗତ ବର୍ଷ ଡିସେମ୍ବରରେ ଭେଜ ଥାଳିର ମୂଲ୍ୟ ୨୯ ଟଙ୍କା ୭୦ ପଇସା ଥିଲା। ଆଳୁ ଏବଂ ଟମାଟୋର ମୂଲ୍ୟ ବୃଦ୍ଧି ହେତୁ ଭେଜ ଥାଳିର ମୂଲ୍ୟ ବୃଦ୍ଧି ପାଇଛି। କ୍ୟାପିଟାଲ ମାର୍କେଟ କମ୍ପାନୀ କ୍ରିସିଲ ଏହାର ମାସିକ ସୂଚକାଙ୍କରେ ପ୍ରକାଶିତ ଖାଦ୍ୟ ପ୍ଲେଟ ମୂଲ୍ୟର ସୂଚକାଙ୍କରେ ଏହା କୁହାଯାଇଛି।

ଅପରପକ୍ଷେ ନନ୍- ଭେଜ୍ ଥାଳିର ମୂଲ୍ୟ ବାର୍ଷିକ ଭିତ୍ତିରେ ୧୨% ବୃଦ୍ଧି ହୋଇ ଡିସେମ୍ବରରେ ୬୩.୩୦ ଟଙ୍କା ହୋଇଛି। ଗତ ବର୍ଷ ଡିସେମ୍ବରରେ, ନନ୍-ଭେଜ୍ ଥାଳିର ମୂଲ୍ୟ ୫୬.୪୦ ଟଙ୍କା ଥିଲା। ମାସିକ ଭିତ୍ତିରେ ନଭେମ୍ବର ତୁଳନାରେ ନନ୍-ଭେଜ୍ ଥାଳିର ମୂଲ୍ୟ ୩% ବୃଦ୍ଧି ପାଇଛି। ନଭେମ୍ବରରେ, ନନ୍- ଭେଜ୍ ଥାଳିର ମୂଲ୍ୟ ମାତ୍ର ୬୧.୫୦ ଟଙ୍କା ଥିଲା। ଆଳୁ ଏବଂ ଟମାଟୋ ଏକ ଭେଜ୍ ଥାଳି ମୂଲ୍ୟର ୨୪ ପ୍ରତିଶତ। ବାର୍ଷିକ ଭିତ୍ତିରେ ଆଳୁର ମୂଲ୍ୟ ୫୦% ଏବଂ ଟମାଟୋର ମୂଲ୍ୟ ୨୪% ବୃଦ୍ଧି ପାଇଛି। ଏଥିସହିତ ବାର୍ଷିକ ଭିତ୍ତିରେ ପାମୋଲିନ୍ ତେଲ ମୂଲ୍ୟ ମଧ୍ୟ ୧୬% ବୃଦ୍ଧି ଘଟିଛି। ଏହାଛଡା ନନ୍- ଭେଜ୍ ଥାଳିର ମୂଲ୍ୟରେ ଏହି ବୃଦ୍ଧି ବ୍ରଏଲର ଅର୍ଥାତ୍ ଚିକେନ୍ ମୂଲ୍ୟରେ ୨୦% ବୃଦ୍ଧି ହେତୁ ହୋଇଛି। ଏକ ନନ୍- ଭେଜ୍ ଥାଳିର ମୂଲ୍ୟରେ ୫୦% ବ୍ରଏଲରର ମୂଲ୍ୟ ରହିଛି। କ୍ରିସିଲ ରିପୋର୍ଟ ଅନୁଯାୟୀ ଦେଶର ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ଭାରତରେ ବର୍ତ୍ତମାନର ଖାଦ୍ୟ ମୂଲ୍ୟ ଉପରେ ଆଧାର କରି ସଂସ୍ଥା ଘରେ ଥାଳି ପ୍ରସ୍ତୁତ କରିବାର ହାରାହାରି ମୂଲ୍ୟ ହିସାବ କରିଛି।

**ନନ୍-ଭେଜ୍ ଥାଳି ମୂଲ୍ୟ ବାର୍ଷିକ ଭିତ୍ତିରେ ୧୨% ବୃଦ୍ଧି**



## ଚୀନ୍ ଭୂତାଣୁରେ ଦୋହଲିଗଲା ସେୟାର ବଜାର

ନୂଆଦିଲ୍ଲୀ,୬।୧(ଏଜେନ୍ସି)



- ସେନ୍‌ସେକ୍ସରେ ୧୨୫୮ ପଏଣ୍ଟ ହ୍ରାସ
- ନିବେଶକ ହରାଇଲେ ୧୧ ଲକ୍ଷ କୋଟି
- ପିଏସ୍‌ୟୁ ସେୟାର ସର୍ବାଧିକ ଖସିଲା

ଧରାଶାୟୀ ହୋଇଛି ଘରୋଇ ସୋୟାର ବଜାର। କରୋନା ପରି ନୂଆ ଏଚ୍‌ଏମ୍‌ପିଭି ଭୂତାଣୁର ଭୟ ଏବଂ କମ୍ପାନୀଗୁଡିକର ତ୍ରୈମାସିକ ଆର୍ଥିକ ଫଳାଫଳକୁ ନେଇ ବଢୁଥିବା ଆଶଙ୍କା ଭିତରେ ଆଜି ଭାରତୀୟ ସୋୟାର ବଜାର ଦୋହଲିଯାଇଛି। ଆଜି ଗୋଟିଏ ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସରେ ୧,୨୫୮ ପଏଣ୍ଟ ହ୍ରାସ ଘଟିଛି। ଏଥିଯୋଗୁ ନିବେଶକମାନଙ୍କୁ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କାର କ୍ଷତିସହିବାକୁ ପଡିଛି। ଫଳରେ ଭାରତୀୟ ସେୟାର ବଜାର ପାଇଁ ସୋମବାର କଳା ଦିନ ସାବ୍ୟସ୍ତ ହୋଇଛି। କାରବାରରେ ପିଏସ୍‌ୟୁ ସେୟାରଗୁଡିକରେ ସର୍ବାଧିକ ହ୍ରାସ ଘଟିଛି। ଆଜି କାରବାର ଶେଷ ବେଳକୁ ସେନସେକ୍ସରେ ୧,୨୫୮.୧୨ ପଏଣ୍ଟ ବା ୧.୫୯ ପ୍ରତିଶତ ହ୍ରାସ ଘଟି ୭୭,୯୬୪.୯୯ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୩୮୮.୭୦ ପଏଣ୍ଟ ବା ୧.୬୨ ପ୍ରତିଶତ ହ୍ରାସ ଘଟି ୨୩,୬୧୬.୦୫ ପଏଣ୍ଟରେ ବନ୍ଦ ହୋଇଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୨.୪୪ ପ୍ରତିଶତ ଏବଂ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ୩.୧୭ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ୟୁଟିଲିଟି, ମେଟାଲ, ରିଅଲ୍ଟି, ପାୱାର ଏବଂ ତୈଳ ଓ ଗ୍ୟାସ କ୍ଷେତ୍ରରେ ଦେଖିବାକୁ ମିଳିଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୩୯.୦୩ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଏହା ୪୪୯.୭୮ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜଚାର ପୁଞ୍ଜିରେ ୧୦.୮୩ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ଆଜି ଗୋଟିଏ ଦିନରେ ୧୦.୮୩ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ଆଜି ସେନସେକ୍ସର ୩ ସେୟାରକୁ ଛାଡ଼ି ଅନ୍ୟ ସମସ୍ତ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି।

**ଉଚ୍ଚ ବଜାର ଦରରେ ଖାଉଟି ଥରହର**

## ତେଲଠାରୁ ଚା' ୬ ମାସରେ ୨୦% ମହଙ୍ଗା

ନୂଆଦିଲ୍ଲୀ,୬।୧(ଏଜେନ୍ସି)

**ଦର ବୃଦ୍ଧି ପାଇଁ ଏଫ୍‌ଏମ୍‌ସିଜି କମ୍ପାନୀଙ୍କ ସଜବାଜ**

**ମାର୍ଚ୍ଚ ତ୍ରୈମାସିକ ସୁଦ୍ଧା ମୂଲ୍ୟ ୩୦% ଯାଏ ବଢ଼ିପାରେ**



ମହଙ୍ଗା ବଜାର ଦରରେ ଖରିବଠାରୁ ଆରମ୍ଭ କରି ମଧ୍ୟବିତ୍ତ ଯାଏ ସବୁ ଶ୍ରେଣୀର ଲୋକେ ହନ୍ତସନ୍ତ। ବଜାରରେ ଡାଲି, ଚାଉଳ ,ଅଟା, ଖାଇବା ତେଲ ଏବଂଅନ୍ୟାନ୍ୟ ତେଜରାତି ସାମଗ୍ରୀର ବଜାର ଦର ଯାହା ସେଥିରେ ଚିନ୍ତାରେ ଖାଉଟି। ଉଚ୍ଚ ବଜାର ଦର ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏଥିରେ ଆଉ ଏକ ବଜାର ଦର ସମ୍ପର୍କିତ ତଥ୍ୟ ହୋସ୍ ଉଡାଇଦେବା ଭଳି ହୋଇଛି। ଖାଇବା ତେଲ, ସାବୁନ୍, ଚା, କଫି, ଚକୋଲେଟ୍ ଏବଂ ବିସ୍କୁଟ ପରି ଦ୍ରୁତ ଗତିଶୀଳ ଉପଭୋକ୍ତା ସାମଗ୍ରୀ (ଏଫ୍‌ଏମ୍‌ସିଜି) ଉତ୍ପାଦଗୁଡିକର ମୂଲ୍ୟ ଗତ୬ ମାସ ମଧ୍ୟରେ ୨୦% ବୃଦ୍ଧି ପାଇଛି।

ଏଫ୍‌ଏମ୍‌ସିଜି ଉତ୍ପାଦଗୁଡ଼ିକୁ ବିଶେଷ କରି ଲୋକମାନେ ନିତିଦିନ ବ୍ୟବହାର କରିଥାନ୍ତି। ଜାନୁଆରୀ-ମାର୍ଚ୍ଚରେ ସେହି ଉତ୍ପାଦଗୁଡିକର ମୂଲ୍ୟ ୩୦% ବୃଦ୍ଧି ହୋଇପାରେ। ୨୦୨୪ ଏପ୍ରିଲରୁ ବର୍ତ୍ତମାନ ପର୍ଯ୍ୟନ୍ତ ପାମୋଲିନ୍ ତେଲ, ନଡିଆ, ଚା, କୋକୋ ଏବଂ କଫି ଭଳି କଞ୍ଚାମାଲର ମୂଲ୍ୟ ୩୫ରୁ ୧୭୫ ପ୍ରତିଶତ ବୃଦ୍ଧି ପାଇଛି। ଏହି କାରଣରୁ ମୂଲ୍ୟ ବୃଦ୍ଧି ପଦକ୍ଷେପ ନିଆଯାଉଛି। ନୁଭାମା ଇନଷ୍ଟିଚ୍ୟୁସନାଲ ଇକ୍ୱିଟି ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି ଯେ, କିଛି ଏଫ୍‌ଏମ୍‌ସିଜି କମ୍ପାନୀ ଜାନୁଆରୀ-ମାର୍ଚ୍ଚରେ ପୁନର୍ବାର ମୂଲ୍ୟ ବୃଦ୍ଧି କରିବେ।

ନୁଭାମାର ରିପୋର୍ଟରେ କୁହାଯାଇଛି ଯେ ସାବୁନ୍, ସ୍ନାକ୍ସ ଏବଂ ଚା' ଉତ୍ପାଦନକାରୀ କମ୍ପାନୀଗୁଡିକ ପାଇଁ ମାର୍ଜିନ ବୃଦ୍ଧି କରିବା କଷ୍ଟସାଧ୍ୟ ହୋଇପଡିଛି। ପାମୋଲିନ୍‌ତେଲ ଏବଂ ଚା ଭଳି ଦ୍ରବ୍ୟର ମୂଲ୍ୟ ବାର୍ଷିକ ଭିତ୍ତିରେ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ହେତୁ ସେଗୁଡିକର ଖର୍ଚ୍ଚ ବଢୁଛି। ଚାହିଦା ପୁଣି ହ୍ରାସ ପାଇବା ଆରମ୍ଭ କରିବ, ଯାହା ନିକଟରେ ବଢ଼ିଥିଲା। ଏହି କାରଣରୁ, ଜାନୁଆରୀ-ମାର୍ଚ୍ଚରେ କିଛି ଏଫ୍‌ଏମ୍‌ସିଜି କମ୍ପାନୀର ଆୟ ମାତ୍ର ୫ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଦର ବୃଦ୍ଧି ବିକ୍ରିରେ ବୃଦ୍ଧି ହେତୁ ନୁହେଁ, ବରଂ ଉତ୍ପାଦର ମୂଲ୍ୟ ବୃଦ୍ଧି ହେତୁ ଦେଖିବାକୁ ମିଳିବ। ଜାପାନର ବ୍ରୋକର ସଂସ୍ଥା ନୋମ୍ୟୁରା ଅନୁଯାୟୀ, ସେପ୍ଟେମ୍ବର ପର୍ଯ୍ୟନ୍ତ ୬ମାସ ମଧ୍ୟରେ ଭାରତରେ ସଫୋଲା ବ୍ରାଣ୍ଡ ଖାଇବା ତେଲର ମୂଲ୍ୟ ସର୍ବାଧିକ ୨୦ ପ୍ରତିଶତ ବୃଦ୍ଧି ପାଇଛି। ଏହି ଅବଧି ମଧ୍ୟରେ, ମେରିକୋ ପାରାଚ୍ୟୁଟ୍ ନଡିଆ ତେଲର ମୂଲ୍ୟ ୧୦ ପ୍ରତିଶତ ବୃଦ୍ଧି ହୋଇଛି। ନୋମ୍ୟୁରା ଆକଳନ ଅନୁଯାୟୀ, ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଉତ୍ପାଦର ମୂଲ୍ୟ ହାରାହାରି ୭.୩ ପ୍ରତିଶତ ବୃଦ୍ଧି ଟିଛି। ନୋମୁରାଙ୍କ ରିପୋର୍ଟ ଅନୁଯାୟୀ ଟାଟା କଞ୍ଜ୍ୟୁମର ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଚା ମୂଲ୍ୟରେ ୨୫ରୁ ୩୦% ବୃଦ୍ଧି ହୋଇପାରେ। ଏହି ବୃଦ୍ଧିର ଅଧାରୁ ଅଧିକ ଅକ୍ଟୋବର-ଡିସେମ୍ବର ମାସରେ ହୋଇଛି। ଏହାର କାରଣ ହେଉଛି ଗତ କିଛି ମାସ ମଧ୍ୟରେ ନିଲାମରେ ଚା' ମୂଲ୍ୟରେ ପ୍ରାୟ 33 ପ୍ରତିଶତ ବୃଦ୍ଧି ଘଟିଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଅକ୍ଟୋବର-ଡିସେମ୍ବରରେ ଚକୋଲେଟ୍ ଭଳି ଉତ୍ପାଦର ମୂଲ୍ୟ ୪.୯ ପ୍ରତିଶତ ବୃଦ୍ଧି କରାଯାଇଛି।

ଦେଶର ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକର ମୋଟ ଲାଭାଂଶ ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ହ୍ରାସ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ଚଳିତଥର ଏହି କମ୍ପାନୀଗୁଡିକର ଲାଭ ମଧ୍ୟ ବହୁତ କମ୍ କିମ୍ବା ସ୍ଥିର ରହିପାରେ। ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ ଅନେକ ଏଫ୍‌ଏମ୍‌ସିଜି କମ୍ପାନୀ ନିମ୍ନ ଏକକ ଅଙ୍କ ରାଜସ୍ୱ ଅଭିବୃଦ୍ଧି ଦେଖିବେ ବୋଲି ଆଶଙ୍କା କରାଯାଉଛି।

## ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ଉପରୁ କଟକଣା ଉଠାଇଲା ଆର୍‌ବିଆଇ

ମୁମ୍ବଇ,୬।୧(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍‌ର ଋଣ ପ୍ରଦାନ ଉପରେ ଲାଗୁ କରିଥିବା କଟକଣାକୁ ତୁରନ୍ତ ପ୍ରତ୍ୟାହାର ଉଠାଇ ନେଇଛି। ଶୁକ୍ରବାର ଜାରି ଏକ ବିବୃତ୍ତିରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆରୋହଣ ପକ୍ଷରୁ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯାଇ ଆର୍‌ବିଆଇ ନିକଟରେ ବହୁବିଧ ଅନୁପାଳନ ରିପୋର୍ଟ ଦାଖଲ କରାଯାଇଥିଲା। ସମ୍ପ୍ରତି କମ୍ପାନୀର ଦାଖଲ କାଗଜପତ୍ର ଆଧାରରେ ନିଜେ ସନ୍ତୁଷ୍ଟ ହେବାପରେ ଏବଂ ଆରୋହଣ ଦ୍ୱାରା ସଂଶୋଧିତ ପ୍ରକ୍ରିୟାସମୂହ, ବ୍ୟବସ୍ଥାକୁ ଲାଗୁ କରାଯିବା ଏବଂ ଦୈନନ୍ଦିନ ଭିତ୍ତିରେ ନିୟାମକ ନିର୍ଦ୍ଦେଶାବଳୀଗୁଡିକ ଅନୁପାଳନ ସୁନିଶ୍ଚିତ କରିବାକୁ କମ୍ପାନୀର ପ୍ରତିବଦ୍ଧତା, ବିଶେଷକରି ଋଣ ଉପରେ ମୂଲ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ସାଧୁତା ସୁନିଶ୍ଚିତ ନିମନ୍ତେ ପ୍ରତିଶ୍ରୁତି ଦିଆଯିବା ପରିପ୍ରେକ୍ଷୀରେ ରିଜର୍ଭ ବ୍ୟାଙ୍କ ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ଉପରେ ଲଗାଇଥିବା ଉପରୋକ୍ତ କଟକଣାକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଛି ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ସୁନା ଭଳି ଚାନ୍ଦିର ହେବ ହଲ୍‌ମାର୍କିଂ

ନୂଆଦିଲ୍ଲୀ,୬।୧(ଏଜେନ୍ସି): ସୁନା ପରି ଦେଶରେ ଖୁବ୍ ଶୀଘ୍ର ରୁପା ଅଳଙ୍କାରର ହଲ୍‌ମାର୍କିଂ ବାଧ୍ୟତାମୂଳକ ହେବ। କେନ୍ଦ୍ର ଖାଦ୍ୟ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୋମବାର କହିଛନ୍ତି ଯେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଏସ୍) ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରୂପା ଏବଂ ରୁପା ଅଳଙ୍କାର ପାଇଁ ହଲମାର୍କିଂ ବାଧ୍ୟତାମୂଳକ କରିବା ଉଚିତ୍। ୭୮ତମ ବିଏସ୍ ଫାଉଣ୍ଡେସନ୍ ଡେ ସମାରୋହରେ ଯୋଶୀ କହିଛନ୍ତି ଯେ ରୁପା ହଲ୍‌ମାର୍କିଂ ପାଇଁ ଗ୍ରାହକଙ୍କ ଚାହିଦା ରହିଛି। ସେ କହିଛନ୍ତି, ହି ଦିଗରେ କାର୍ଯ୍ୟ ଆରମ୍ଭ ହୋଇସାରିଛି। ହିତାଧିକାରୀଙ୍କ ସହ ଆଲୋଚନା ଏବଂ ବିଆଇଏସ୍ ଦ୍ୱାରା ସମ୍ଭାବ୍ୟ ମୂଲ୍ୟାଙ୍କନ ସମାପ୍ତ ହେବା ପରେ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବେ। ସେ କହିଛନ୍ତି ଯେ ମୁଁ ବିଏସକୁ ସମ୍ଭାବ୍ୟତା ଉପରେ କାର୍ଯ୍ୟ କରିବାକୁ ଏବଂ ଗ୍ରାହକ ଏବଂ ଅଳଙ୍କାର ଡିଲରଙ୍କଠାରୁ ମତାମତ ନେବାକୁ କହିଛି।

## ଆଲୁମିନା ଉତ୍ପାଦନରେ ବେଦାନ୍ତର ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୬।୧(ସମିସ): ବେଦାନ୍ତ ଲିମିଟେଡ୍ ପକ୍ଷରୁ ୨୦୨୪-୨୫ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ ଆଲୁମିନିୟମ ଓ ଆଲୁମିନା ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରାଯାଇଛି। ତୃତୀୟ ତ୍ରୈମାସିକରେ ବେଦାନ୍ତର ମୋଟ ଆଲୁମିନିୟମ ଉତ୍ପାଦନ ବାର୍ଷିକ ଭିତିରେ ୩ ପ୍ରତିଶତ ବୃଦ୍ଧି ପାଇ ସର୍ବକାଳୀନ ୬୧୪ କେଟି ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ୧୮୧୯ କେଟିରେ ପହଂଚିଛି। କମ୍ପାନିର ଓଡ଼ିଶାର ଲାଞ୍ଜିଗଡ଼ ବିଶୋଧନାଗାର ଏହି ତ୍ରୈମାସିକରେ ବାର୍ଷିକ ଭିତିରେ ୭ ପ୍ରତିଶତ ଅଭିବୃଦ୍ଧି ସହ ଆଲୁମିନା ଉତ୍ପାଦନକୁ ୪୭୦ କେଟିରୁ ୫୦୫ କେଟିକୁ ବଢ଼ାଇଥିବା ବେଳେ ପ୍ରଥମ ୯ ମାସରେ ୧୬ ପ୍ରତିଶତ ଅଭିବୃଦ୍ଧି ସହ ୧୫୪୨ କେଟିକୁ ବୃଦ୍ଧି କରିଛି। କମ୍ପାନିର ଜିଙ୍କ ଇଣ୍ଡିଆ ୟୁନିଟ୍ ମଧ୍ୟ ତ୍ରୈମାସିକ ଭିତିରେ ଧାତୁ ଉତ୍ପାଦନରେ ୩% ଅଭିବୃଦ୍ଧି ହାସଲ କରିଛି, ଯାହା ତୃତୀୟ ତ୍ରୈମାସରେ ୨୬୫ କେଟିରେ ପହଞ୍ଚିଛି। ଆଗୁଚା ଏବଂ ଜାୱାର ଖଣିରେ ଉତ୍ପାଦନ ବୃଦ୍ଧି ଯୋଗୁଁ ଏହା ହୋଇପାରିଛି। ବେଦାନ୍ତ ଏକ୍ସଚେଞ୍ଜକୁ ଜଣାଇଛି ଯେ ଉପଲବ୍ଧତା ଏବଂ ପରିଚାଳନାଗତ ମାନଦଣ୍ଡ ଅନୁଯାୟୀ ୩% ବୃଦ୍ଧି ପାଇ ନଅ ମାସର ସର୍ବୋଚ୍ଚ ପରିମାଣର ବିଶୋଧିତ ଧାତୁ ଉତ୍ପାଦନ କରିଛି। ବେଦାନ୍ତର ଜିଙ୍କ ଇଂଟରନ୍ୟାସନାଲ ୟୁନିଟରେ ମୋଟ ଖଣି ଧାତୁ ଉତ୍ପାଦନ ବାର୍ଷିକ ୧୨% ଓ କ୍ରମାଗତ ୬% ବୃଦ୍ଧି ସହିତ ୪୬ କୋଟିକୁ ବୃଦ୍ଧି ପାଇଛି। ଭାରତ ବିଶ୍ୱର ଦ୍ୱିତୀୟ ବୃହତମ ଆଲୁମିନିୟମ ଉତ୍ପାଦନକାରୀ ଦେଶ ହୋଇଥିବା ବେଳେ ବେଦାନ୍ତ ହେଉଛି ଭାରତର ସର୍ବବୃହତ୍ ଧାତୁ ଉତ୍ପାଦନକାରୀ କମ୍ପାନି। କମ୍ପାନି ଆର୍ଥିକକ ବର୍ଷ ୨୦୨୩-୨୪ରେ ଭାରତର ଅଧାରୁ ଅଧିକ ଆଲୁମିନିୟମ ଅର୍ଥାତ୍ ୨.୩୭ ନିୟୁତ ଟନ୍ ଉତ୍ପାଦନ କରିଥିଲା।

## ହାଇଟେକ୍‌ରେ ବିଶ୍ୱ 'ବ୍ରେଲ ଡେ'



ଭୁବନେଶ୍ୱର,୬।୧(ଏଜେନ୍ସି): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ, ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଏବଂ ଓଡିଶା ଦୃଷ୍ଟିବାଧିତ ମହାସଂଘର ମିଳିତ ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଶତାଧିକ ଦୃଷ୍ଟିବାଧିତ ସୃଜନୀକାରଙ୍କୁ ନେଇ ଏକ କବିତା ପାଠ ଉତ୍ସବ ଆନୁଷ୍ଠିତ ହୋଇଯାଇଛି। ହାଇଟେକ୍ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଶତାଧିକ କବିମାନଙ୍କର ସ୍ୱରଚିତ କବିତା ପାଠ ଦର୍ଶକମାନଙ୍କ ମନ୍ତ୍ରାପ୍ଲୁତ କରିଥିଲା। ବିଶ୍ୱ ବ୍ରେଲ ଡେ ଅବସରରେ ହାଇଟେକ୍ ମେଡିକାଲ କଲେଜରେ ପାଠ ପଢୁଥିବା ବିଦ୍ୟାର୍ଥୀମାନେ କବିମାନଙ୍କର କବି ଓ କବୟିତ୍ରୀମାନଙ୍କର ମନଛୁଆଁ କବିତା ଏବଂ ହୃଦୟର କଥାକୁ ଶୁଣିଥିଲେ। ଏହି କବି ସମ୍ମିଳନୀରେ ହିନ୍ଦୀ ସାହିତ୍ୟର ବରିଷ୍ଠ ସୃଜନୀକାର ରାମକିଶୋର ଶର୍ମା ଏବଂ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ଉପସଚିବ ସନ୍ୟାସ କୁମାର ବେହେରା ଉପସ୍ଥିତ ରହି କବିମାନଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧିତ କରିଥିବାବେଳେ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ ଏବଂ ଉଭିଦ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶିନୀ ସାହୁ କବିତା ପାଠୋତ୍ସବକୁ ସମୀକ୍ଷା କରିଥିଲେ।

**ନିପନ୍ ଷ୍ଟିଲ୍‌ର ୟୁଏସ୍ ଷ୍ଟିଲ୍ ଅଧିଗ୍ରହଣ ଚୁକ୍ତି ବନ୍ଦ ନିଷ୍ପତ୍ତି ବିରୋଧରେ ମାମଲା**

## ବିଦାୟର ୧୩ ଦିନ ପୂର୍ବରୁ ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ଝଟ୍‌କା

ୱାଶିଂଟନ୍,୬।୧(ଏଜେନ୍ସି)



- କୋର୍ଟକୁ ଟାଣିଲା ନିପ୍ପନ୍ ଷ୍ଟିଲ୍
- ୧୫ ବିଲିୟନ ଡଲାରର ଚୁକ୍ତି ପାଇଁ ଦୁଇ କମ୍ପାନୀ ସଂଘୀୟ ମକଦ୍ଦମା ଦାୟର କଲେ

ରାଷ୍ଟ୍ରପତି ପଦରୁ ବିଦାୟ ନେବାର ୧୩ ଦିନ ପୂର୍ବରୁ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ବଡ଼ ଝଟ୍‌କା ଲାଗିଛି। ଜାପାନର ନିପନ୍ ଷ୍ଟିଲ୍ ଦ୍ୱାରା ୟୁଏସ୍ ଷ୍ଟିଲ୍ ଅଧିଗ୍ରହଣ ଚୁକ୍ତି ବନ୍ଦ ସମ୍ପର୍କରେ ନେଇଥିବା ନିଷ୍ପତ୍ତି ପ୍ରସଙ୍ଗରେ ବାଇଡେନ୍‌ଙ୍କ ପାଇଁ ସମସ୍ୟା ଉପୁଜିପାରେ। ୧୫ ବିଲିୟନ ଡଲାରର ଚୁକ୍ତି ପାଇଁ ଦୁଇ କମ୍ପାନୀ ସଂଘୀୟ ମକଦ୍ଦମା ଦାୟର କରିଛନ୍ତି।

ଉଲ୍ଲେଖନୀୟ ବିଷୟ ହେଉଛି କି, ଆମେରିକାର ରାଷ୍ଟ୍ରପତି ପିଟସବର୍ଗର ଆମେରିକୀୟ ଷ୍ଟିଲ ଅଧିଗ୍ରହଣ କରିବା ପାଇଁ ଜାପାନର ନିପନ୍ ଷ୍ଟିଲର ପ୍ରାୟ ୧୫ ବିଲିୟନ ଡଲାରର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ପଦକ୍ଷେପ ମାର୍ଚ୍ଚରେ ବାଇଡେନଙ୍କ ଦେଇଥିବା ପ୍ରତିଶ୍ରୁତିକୁ ପ୍ରମାଣିତ କରୁଛି, ଯେଉଁଥିରେ ସେ ଏହି ଅଧିଗ୍ରହଣ ବନ୍ଦ କରିବା ବିଷୟରେ କହିଥିଲେ। ଅଭିଯୋଗ ହୋଇଛି ଯେ ରାଷ୍ଟ୍ରପତି ବିଡେନ ଏବଂ ତାଙ୍କ ପ୍ରଶାସନର ଅନ୍ୟ ଅଧିକାରୀମାନେ ରାଜନୈତିକ ଲାଭ ପାଇଁ ଏହି ସମୀକ୍ଷା ପ୍ରକ୍ରିୟାକୁ ଅନ୍ୟାୟ ଭାବରେ ପ୍ରଭାବିତ କରିଛନ୍ତି। ଏହି ଚୁକ୍ତି ବନ୍ଦ କରିବା ଦ୍ୱାରା ଇସ୍ପାତ ଶିଳ୍ପ କର୍ମଚାରୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଯେତେବେଳେ ବିଦେଶୀ ପୁଞ୍ଜି ବିନିଯୋଗକୁ ସମୀକ୍ଷା କରୁଥିବା କମିଟି ଏହି ଚୁକ୍ତି ଉପରେ ନିଷ୍ପତ୍ତି ନେଇପାରି ନ ଥିଲା ସେତେବେଳେ ଆମେରିକା ସରକାର ଏହି ପଦକ୍ଷେପ ନେଇଥିଲେ। ଆମେରିକାର ଇସ୍ପାତ ଉଦ୍ୟୋଗ ଦୃଢ଼ ଏବଂ ଆମେରିକୀୟ-ମାଲିକାନାରେ ରହୁ ବୋଲି ସେ ନିଶ୍ଚିତ କରିବାକୁ ଚାହୁଁଛନ୍ତି ବୋଲି ରାଷ୍ଟ୍ରପତି ବାଇଡେନ କହିଛନ୍ତି। କମ୍ପାନୀଗୁଡିକ ବର୍ତ୍ତମାନ ସେହି କମିଟିରୁ ଏହାର ପୁନଃସମୀକ୍ଷା କରିବାକୁ ଦାବି କରୁଛନ୍ତି। ଏଥିସହ ସେ ଆମେରିକାର ଇସ୍ପାତ କମ୍ପାନୀ କ୍ଲେଭ୍‌ଲାଣ୍ଡ-କ୍ଲିଫସ୍ ଏବଂ ୟୁନାଇଟେଡ୍ ଷ୍ଟିଲ ୱାର୍କର୍ସ ୟୁନିଅନର ସଭାପତିଙ୍କ ବିରୋଧରେ ଆଉ ଏକ ମକଦ୍ଦମା ଦାୟର କରିଛନ୍ତି ଯେଉଁଥିରେ ଦର୍ଶାଯାଇଛି ଯେ ଉଭୟେ ଏହି ଚୁକ୍ତିକୁ ଖଣ୍ଡନ କରିଛନ୍ତି।






# ପଲିହାଉସ୍ ରକ୍ଷଣାବେକ୍ଷଣ

**ପଲିହାଉସ୍ ଏକ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ। ଏଥିରେ ନିୟନ୍ତ୍ରିତ ପରିବେଶରେ ଫସଲ ଉତ୍ପାଦନ କରାଯାଇଥାଏ। ଏହା ଧାତବ ଫ୍ରେମ୍ ଉପରେ ମୋଟା ପ୍ଲାଷ୍ଟିକ୍‌ର ଆବରଣ କରାଯାଇଥାଏ। ପ୍ଲାଷ୍ଟିକ୍ ଆବରଣ ଛାତ ଭିତରେ ଚାଷ କରାଯାଏ। କେବେ କେବେ ଛାତ ଟନଲ ଆକାର ହୋଇଥାଏ ତ ଆଉ କେବେ ଏହା ଫ୍ଲାଟ୍ ଆକାରର ହୋଇଥାଏ। ପଲିହାଉସ୍‌ରେ ଚାଷ ବ୍ୟୟବହୁଳ ହୋଇଥିବାରୁ ସମସ୍ତ ଚାଷୀ ଏଥିରେ ଚାଷ କରିବା ସମ୍ଭବପର ନୁହେଁ। ହେଲେ ପଲିହାଉସ୍‌ର ନିୟନ୍ତ୍ରିତ ପରିବେଶରେ ଫୁଲ, ଫଳ ଓ ପରିବା ଆଦି ଚାଷ କରାଯାଉଥିବାରୁ ଚାଷୀ ବର୍ଷସାରା ଚାଷ କରି ଲାଭାନ୍ୱିତ ହୋଇପାରିବେ।**



ପଲିହାଉସ୍‌ରେ କାକୁଡ଼ି, କ୍ୟାପସିକମ୍, ବାଇଗଣ, କୋବି, ଧନିଆ, ଟମାଟୋ ଆଦି ଫସଲକୁ ବର୍ଷସାରା ଚାଷ କରାଯାଇପାରେ। ଏକ ଏକର ଜମିରେ ପଲିହାଉସ୍ ଚାଷ ପାଇଁ ପ୍ରାୟ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହାବାଦ୍ ଜଣେ ଚାଷୀ କେତେ ଜାଗାରେ ପଲିହାଉସ୍ ସେଟ୍‌ଅପ୍ କରିବେ, ସେହି ଅନୁସାରେ ଖର୍ଚ୍ଚ ହୋଇଥାଏ।

ପଲିହାଉସ୍ ଗ୍ରୀନ୍ ହାଉସ୍ ଠାରୁ ଭିନ୍ନ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତି ପାଞ୍ଚବର୍ଷକୁ ଥରେ ପ୍ଲାଷ୍ଟିକ୍ ଚାଦର ବଦଳାଇବାକୁ ପଡ଼ିଥାଏ। ଏହାର ଆକର ୧୦୦ ବର୍ଗ ମିଟର ଠାରୁ ୧୦,୦୦୦ ବର୍ଗମିଟର କିମ୍ବା ଅଧିକ ହୋଇଥାଏ। ପଲିହାଉସ୍‌ରେ ୨୦୦ ମାଇକ୍ରୋନ ମୋଟାର ପ୍ଲାଷ୍ଟିକ୍ ବ୍ୟବହୃତ ହୋଇଥାଏ। ଏହି ପଦ୍ଧତିରେ ଚାଷ କରିବା ଦ୍ୱାରା ଫସଲରେ ଉତ୍ତାପ, ଥଣ୍ଡା, କିମ୍ବା ବର୍ଷାର କୌଣସି ପ୍ରଭାବ ପଡ଼େ ନାହିଁ। ପଲିହାଉସ୍ ସାହାଯ୍ୟରେ ଚାଷ ଜମିରେ ଚାଷୀ ସୂର୍ଯ୍ୟକିରଣ ଏବଂ ଆର୍ଦ୍ରତାକୁ ନିୟନ୍ତ୍ରିତ କରୁଥିବାରୁ ଭଲ ଲାଭ ମିଳିଥାଏ। ସଂରକ୍ଷିତ ଚାଷ ଦ୍ୱାରା ରୋଗ ପୋକ ଦାଉରୁ ସୁରକ୍ଷା ମିଳିଥାଏ। ତେଣୁ ଟନଲ ଆକାରର ପଲିହାଉସ୍ ବନାଇବାକୁ ଚାହୁଁଥିଲେ, ପ୍ରତିବର୍ଗ ମିଟର ପିଛା ୬୦୦ଟଙ୍କା ଖର୍ଚ୍ଚ ଆସିଥାଏ। ସାଧାରଣ ପଲିହାଉସ୍ ପାଇଁ ପ୍ରତି ବର୍ଗ ମିଟର ୧୦୦୦ ଟଙ୍କା ଖର୍ଚ୍ଚ ଆସେ। ସମ୍ପ୍ରତି ସ୍ୱୟଂଚାଳିତ ପଲିହାଉସ୍ ଉପଲବ୍ଧ ହେଲାଣି, ଏଥିପାଇଁ ପ୍ରତିବର୍ଗ ମିଟର ପିଛା ୪୦୦୦ଟଙ୍କା ଖର୍ଚ୍ଚ ଆସିଥାଏ।



**ସରକାରି ସବ୍‌ସିଡି:** ପଲିହାଉସ୍ ପଦ୍ଧତିରେ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ପଲିହାଉସ୍ ଏବଂ ସବୁଜଘର ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଏବଂ ସବ୍‌ସିଡ଼ି ପ୍ରଦାନ କରାଯାଉଛି। ଚାଷୀଙ୍କୁ ପ୍ରଥମେ ସ୍ଥାନୀୟ ଉଦ୍ୟାନ ବିଭାଗ ସହିତ ଯୋଗାଯୋଗ କରିବାକୁ ପଡ଼ିଥାଏ। ବ୍ୟକ୍ତିଗତ ଭାବେ ଜଣେ ଚାଷ କରୁଥିଲେ, ତାଙ୍କୁ ଚାଷରେ ୫୦ପ୍ରତିଶତ ସବ୍‌ସିଡ଼ି ମିଳିଥାଏ। ସେହିପରି ଚାଷୀମାନେ ସାମୁହିକ ଭାବେ ଚାଷ କରୁଥିଲେ ମଧ୍ୟ ୫୦ ପ୍ରତିଶତ ସବସିଡ଼ି ମିଳିଥାଏ। ଅନ୍ୟପଟେ ପଲିହାଉସ୍ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବା ଜରୁରି। କାରଣ ପଲିହାଉସ୍‌ଟି କଣା କିମ୍ବା ଛିଡ଼ିଗଲେ, ଏହାର ପ୍ରଭାବ ଚାଷ ଉପରେ ପଡୁଥିବାରୁ ସର୍ବଦା ପଲିହାଉସ୍‌ର ଦେଖାରଖା ଜରୁରି।

# ଗୋଲାପରେ ରୋଗପୋକ

**ଶୀତ ହେଉ କି ଗ୍ରୀଷ୍ମ, ଗୋଲାପ ଫୁଲର ଚାହିଦା ସବୁବେଳେ ରହିଛି। ସବୁ ଜଳବାୟୁରେ ସବୁ ସ୍ଥାନରେ ଗୋଲାପ ଚାଷ କରାଯାଏ। ତେଣୁ ଏହି ଚାଷରେ ଗୁଣବତ୍ତାଯୁକ୍ତ ଗୋଲାପ ଫୁଲ ପାଇବା ପାଇଁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାଟି ପରୀକ୍ଷା କରାଇବା ସହ କିଛି ଗୁରୁତ୍ୱ ଦିଗକୁ ଧ୍ୟାନ ଦିଆଯାଏ। ହେଲେ ଶୀତଦିନେ, ଗୋଲାପ ଚାଷରେ ଅଧିକ ଯତ୍ନ ନ ନେଲେ, ରୋଗପୋକ ଲାଗିବାର ଆଶଙ୍କା ଥାଏ। ଗଛ ବୃଦ୍ଧିରେ ବାଧା ଉପୁଜିଥାଏ।**



ଗଛ ଭଲଭାବେ ବଢ଼ିବାକୁ ସୂର୍ଯ୍ୟକିରଣର ଅଧିକ ଆବଶ୍ୟକ ଥାଏ। ନିୟମିତ ୫ରୁ ୬ଘଣ୍ଟା ଖରା ପଡୁଥିବା ସ୍ଥାନରେ ଗୋଲାପ ଚାରା ଲଗାଇବା ଜରୁରି। ନିର୍ଦ୍ଦିଷ୍ଟ ଅନ୍ତରରେ ଗଛର ଡାଳପତ୍ରକୁ କଟାଛଟା କରିବାକୁ ଭୁଲନ୍ତୁନି। ଗଛକୁ ଥଣ୍ଡାଦାଉରୁ ସୁରକ୍ଷା ଦେବାକୁ ଗଛଚାରିପାଖେ ମଲ୍‌ଚିଂ ମୋଟା ପରସ୍ତ ଲଗାନ୍ତୁ। ଏହାଦ୍ୱାରା ଆର୍ଦ୍ରତା ଏବଂ ମାଟି ଗରମ ରହିବା ସହ ଥଣ୍ଡାରୁ ସୁରକ୍ଷା ମିଳିଥାଏ। ଶୀତଦିନେ ଗଛମୂଳେ ଅଧିକ ଜଳ ଦେବା ଦ୍ୱାରା ପତ୍ରରେ କଳାଦାଗ, ପାଉଁଶିଆ ରୋଗ, କବକଜନତି ରୋଗ ଆଦି ହେବାର ଆଶଙ୍କା ଥାଏ। ତେଣୁ ସର୍ବଦା ଗଛମୂଳକୁ ସଫା ରଖିବା ସହ ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ। ପାଉଁଶିଆ ରୋଗ ବାୟୁ ଦ୍ୱାରା ଗୋଟେ ଗଛରୁ ଅନ୍ୟ ଗଛକୁ ବ୍ୟାପିଥାଏ। ପତ୍ର ବଙ୍କା ସଦୃଶ ହୋଇଯାଏ। ଏହାର ନିୟନ୍ତ୍ରଣ ପାଇଁ ଗୋଲାପ ଗଛରେ କେରାଥେନ୍ ୦.୧ ପ୍ରତିଶତ କିମ୍ବା କ୍ଲୋବିଜେନ ୦.୦୩ ପ୍ରତିଶତ ଘୋଳ ସିଞ୍ଚନ କରିପାରିବେ।

ସଂକ୍ରମିତ ପତ୍ର ଡାଳକୁ ଛିଣ୍ଡାଇ ଗଛଠୁ ଦୂରରେ ଫିଙ୍ଗିଦିଅନ୍ତୁ। ଜୈବିକ ଉପଚାର ଯଥା- ନିମତେଲ ସିଞ୍ଚି ପାରିବେ। ଗଛ ଗଛ ମଧ୍ୟରେ ଦୂରତ୍ୱ ରହିଲେ, ରୋଗପୋକ ଲାଗିବାର ଭୟ କମ୍ ରୁହେ।

ସେହିପରି ଶୀତଦିନେ ଜଉ ପୋକ, ଉକୁଣିଆ ପୋକ ଗଛରେ ବଢ଼ି ରସ ଶୋଷି ଖାଇଦିଅନ୍ତି। ଏହାର ନିୟନ୍ତ୍ରଣ ପାଇଁ ୨ ମିଲି ଡାଇମିଥିଏଟ ତଥା ୦.୩ ମିଲି ଇମିଡାକ୍ଲୋପ୍ରିଡ ୧୭.୮ ଏସଲ୍‌ଏଲ୍‌କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ସକାଳ ବେଳା ଗୋଲାପ ଗଛରେ ଜଳସିଞ୍ଚନ କରିବା ଜରୁରି। ଯଦି ଚାହିଁବେ, ସନ୍ଧ୍ୟାରେ ଗଛକୁ ହାଲୁକା ସୂତା କପଡ଼ାରେ ଢ଼ାଙ୍କିପାରିବେ।

# ଲେମ୍ବୁ ଫଳୁ ନ ଥିଲେ

**ସମ୍ପ୍ରତି ଅଧିକାଂଶ ଲୋକ ବାଡ଼ି ବଗିଚା କିମ୍ବା ଛାତ ଉପରେ ବଗିଚା କରୁବାକୁ ରୁଚି ରଖୁଛନ୍ତି। ପନିପରିବା, ଫୁଲ ଚାଷ ସହ ବିଭିନ୍ନ ପ୍ରକାର ମସଲାଜାତୀୟ ଗଛ ଲଗାଉଛନ୍ତି। ଏହି କ୍ରମେ ପ୍ରାୟତଃ ଘର ବାଡ଼ିରେ ଲେମ୍ବୁ ଗଛ ଲଗାଇଥାନ୍ତି। ହେଲେ ଲେମ୍ବୁ ଗଛକୁ ସଠିକ୍ ପୋଷକତତ୍ତ୍ୱ ନ ଦେଲେ, ଲେମ୍ବୁ ଆସିବାରେ ବିଳମ୍ବ ହେବା, ଫଳ ଫଳିବା ପୂର୍ବରୁ ଶୁଖିକରି ତଳେ ଝଡ଼ିବା, ଫଳରେ ଦାଗ ଆଦି ନାନା ସମସ୍ୟା ଦେଖାଯାଇଥାଏ। ତେଣୁ ଗଛରେ ଅଧିକ ଲେମ୍ବୁ ଫଳାଇବାକୁ ଏହି ନିୟମ ଆପଣାନ୍ତୁ।**



ଯେକୌଣସି ଗଛ ହୋଇଥାଉନା କାହିଁ, ଉଚିତ ମାତ୍ରାର ପୋଷାକତତ୍ତ୍ୱ ଦେବା ଦ୍ୱାରା ଅଧିକ ଫଳ ଫଳିଥାଏ। ତେଣୁ ଗଛ ଲଗାଇବା ସମୟରେ କିଛି ନିର୍ଦ୍ଦିଷ୍ଟ ଦିଗ ଯଥା- ଲେମ୍ବୁ ଚାରା ରୋପଣ ସମୟରେ ସଠିକ୍ ସ୍ଥାନ ଚୟନ, ରୋଗମୁକ୍ତ ମାଟି, ଗଛ ଲାଗିବା ସ୍ଥାନରେ ଜଳ ଜମି ରହୁଛି କି ନାହିଁ, ଉକ୍ତ ସ୍ଥାନକୁ ସୂର୍ଯ୍ୟକିରଣ ପଡୁଛି କି ନାହିଁ, ତାହାକୁ ଧ୍ୟାନ ଦିଆଯିବା ଜରୁରି। ମଞ୍ଜିକୁ ସିଧାସିଳଖ ମାଟିରେ ନ ପୋତି ପ୍ରଥମେ କୁଣ୍ଡରେ ଅଙ୍କୁରିତ ହେବା ପରେ ନର୍ସରୀରେ ଖତମିଶା ମାଟିରେ ଲଗାଇପାରିବେ। ପରେ ହାଲୁକା ଜଳସିଞ୍ଚନ କରିବା ଭଲ। ରୋଗପୋକ, କବକ ନିୟନ୍ତ୍ରଣ ପାଇଁ ଉଚିତ ବନ୍ଦୋବସ୍ତ କରିବା ସହ ମଝିରେ ମଝିରେ ଗଛରୁ ପତ୍ର କାଟିପାରିବେ। ଗଛ ଲଗାଇବାର ପ୍ରାୟ ୧୫ ଦିନ ହାଲୁକା ଜଳସିଞ୍ଚନ କରିବାକୁ ହୋଇଥାଏ। ୧୫ ଦିନ ପରେ ସପ୍ତାହକୁ ଦୁଇଥର ଜଳସିଞ୍ଚନ ଜରୁରି। ୩୦-୪୫ ଦିନ ଅନ୍ତରରେ ଏକ ମୁଠା ଜିଆଖତ ଦେଇ ହାଲୁକା ଜଳସିଞ୍ଚନ ଜରୁରି। ଲଗାତାର ଦୁଇବର୍ଷ ଏହିପରି ଭାବେ ଗଛର ଯତ୍ନ ନେଲେ ଗଛରେ ଅଧିକ ମାତ୍ରାର ଫଳ ଆସିଥାଏ। ଅନ୍ୟପଟେ ଯେଉଁମାନେ ପୂର୍ବରୁ ଗଛ ଲଗାଇଥାନ୍ତି, ସେମାନେ ପୁରୁଣା ଗଛ ମୂଳପାଖେ ମାଟିକୁ ଖୁରୁସାଇ ନୂଆ ମାଟି ସହ ଜିଆଖତ ମିଳାଇ ଦେଇପାରିବେ। ଗଛରେ ଶୁଖିଲା କିମ୍ବା ରୋଗଗ୍ରସ୍ତ ଡାଳପତ୍ରକୁ କାଟି ହଠାଇ ଦିଅନ୍ତୁ। ୩୦ ଦିନ ପରେ ପୁନର୍ବାର ଜିଆଖତ ପକାଇ ହାଲୁକା ଜଳ ସିଞ୍ଚନ ଜରୁରି। ଏହିପରି ଭାବେ ଗଛର ଯତ୍ନ ନେଲେ, ଗଛରେ ଫୁଲ ଆସିବା ସହ ଫଳ ଅଧିକ ଫଳିପାରିଥାଏ।

# ମାଛଚାଷ ପାଇଁ ଉପଯୋଗୀ କଦଳୀ ଗଛ



ବିଶ୍ୱରେ ମତ୍ସ୍ୟ ଉତ୍ପାଦନରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ପୂର୍ବାପେକ୍ଷା ଏବେ ମାଛଚାଷ ଉପରେ ଲୋକଙ୍କ ଅଧିକ ଆଦର ବଢ଼ିଛି। ମତ୍ସ୍ୟପାଳନରେ ମାଛ ବୃଦ୍ଧି ପାଇଁ କେବଳ ଉତ୍ତମ ଗୁଣବତ୍ତା ଆହାରର ଗୁରୁତ୍ୱ ରହିଛି ତାହା ନୁହେଁ, ପୋଖରୀ ସଫା ରହିବା ମଧ୍ୟ ଗୁରୁତ୍ୱ ବହନ କରେ। କାରଣ କୌଣସି କାରଣରୁ ପୋଖରୀ ଯଦି ଅଳିଆ ଆବର୍ଜନାରେ ଭରି ରହେ, ପୋଖରୀରେ ମାଛ ଚଳପ୍ରଚଳ କରିପାରନ୍ତିନି। ପୋଖରୀରେ ଦ୍ରବୀଭୂତ ଅମ୍ଳଜାନସ୍ତର ହ୍ରାସ ପାଉଥିବାରୁ ନିଃଶ୍ୱାସ ନେବାକୁ ମାଛଙ୍କୁ କଷ୍ଟ ହୋଇଥାଏ। ପାଣିରେ ପିଏଚ୍‌ସ୍ତର ମଧ୍ୟ କମିଥାଏ। ସ୍ଥଳବିଶେଷରେ ମାଛଙ୍କ ସମୂହ ମୃତ୍ୟୁ ଘଟିଥାଏ। ତେଣୁ ମାଛପୋଖରୀରେ ପିଏଚ୍ ବୃଦ୍ଧି ପାଇଁ ଏହି ଘରୋଇ ଉପାୟ ଆପଣାଇପାରିବେ।

ପାଣିରେ ପିଏଚ୍ ସ୍ତର ବଜାୟ ରଖିବାକୁ ପୋଖରୀରେ କଦଳୀ ଗଣ୍ଡି ପକାଇପାରିବେ। କଦଳୀ ଗଣ୍ଡି, ପଟୁଆ ଓ ମଞ୍ଜ ପ୍ରୟୋଗ ଯୋଗୁଁ ପାଣିରେ ପିଏଚ୍ ସ୍ତର ବୃଦ୍ଧିପାଇଥାଏ। ମତ୍ସ୍ୟପାଳକଙ୍କୁ ଏତେଟା ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ।

ସେହିପରି କଦଳୀ ପଟୁଆ ଓ ମଞ୍ଜକୁ ଛୋଟ ଛୋଟ କାଟି ପୋଖରୀରେ ପକାଇଲେ, ଅମ୍ଳତ୍ୱ ହ୍ରାସ ପାଇ ପିଏଚ୍ ବଢ଼ିଥାଏ। ଯଦି କୌଣସି ଦୁର୍ବୃତ୍ତ ମାଛ ପୋଖରୀରେ ବିଷାକ୍ତ ରାସାୟନିକ କୀଟନାଶକ ଔଷଧ ପ୍ରୟୋଗ କରନ୍ତି, ଏକର ପିଛା ୫୦ ଗୋଟି ଅମଳ ପରବର୍ତ୍ତୀ କଦଳୀଗଛକୁ ଛୋଟ ଛୋଟ କରି କାଟି ପକାଇଲେ, ବିଷ ପ୍ରଭାବ ତୁରନ୍ତ କମିଥାଏ।

ଗ୍ରାସକାର୍ପ, ରୂପଚାନ୍ଦିମାଛଙ୍କୁ ସେମାନଙ୍କ ମୋଟ ଶରୀର ଓଜନର ୪୦ ପ୍ରତିଶତ ହାରରେ ଦୈନିକ କଦଳୀ ପତ୍ର, ପଟୁଆ ଓ ମଞ୍ଜ ଖାଇବାକୁ ଦେଲେ, ସେମାନଙ୍କ ଓଜନ ମଧ୍ୟ ବୃଦ୍ଧି ପାଇଥାଏ।

# ଟ୍ରାକ୍ଟରଚାଳିତ ଧାନ ଅମଳ ଯନ୍ତ୍ର



ଚାଷକାର୍ଯ୍ୟରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ଉପଯୋଗ କରାଯାଇଥାଏ। ଏହି ଯନ୍ତ୍ରପାତି ବ୍ୟବହାର ଯୋଗୁଁ ଚାଷୀ କମ୍ ପରିଶ୍ରମରେ ଅଧିକ ଉତ୍ପାଦନ କରିଥାନ୍ତି। ଏମିତି ଏକ ଅତ୍ୟାଧୁନିକ ଯନ୍ତ୍ର ହେଉଛି ଅଖ ପ୍ରବାହୀ ଧାନ ଅମଳ ଯନ୍ତ୍ର।

ଅଖ ପ୍ରବାହୀ ଅମଳ ଯନ୍ତ୍ରଟି ଯେକୌଣସି ଟ୍ରାକ୍ଟରରେ ଚାଲିପାରିବ। ଏହାକୁ ଟ୍ରାକ୍ଟରର ଭାରବାହୀ ଦଣ୍ଡରେ ସଂଯୋଗ କରାଯାଇ ଗୋଟିଏ ସ୍ଥାନରେ ଧାନ ଅମଳ କରାଯାଇଥାଏ। ଏହା ୩୦ ଅଶ୍ୱଶକ୍ତିରୁ ଉର୍ଦ୍ଧ୍ୱ ବିଶିଷ୍ଟ ଟ୍ରାକ୍ଟରରେ ସଂଯୋଗ କରାଯାଇ ଚଳାଯାଇପାରିବ। ଘଣ୍ଟାପ୍ରତି ପ୍ରାୟ ୧୦ରୁ ୧୨ କୁଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ହୋଇଥାଏ। ଟ୍ରାକ୍ଟରଚାଳିତ ଧାନ ଅମଳ ଯନ୍ତ୍ର ଭିତରେ ୪ଟି ପଙ୍ଖା, ଧାନ ସଫା କରିବା ନିମନ୍ତେ ବ୍ୟବହାର କରାଯାଇଥାଏ। ସେହିପରି, ଅମଳଯନ୍ତ୍ରର ଅବତଳ ଜାଲି, ଆଦି ଥିବାରୁ ଏହା ଧାନବିଡ଼ାରୁ ଧାନକୁ ଭଲ ଭାବେ ସଫା କରିଥାଏ। ଏହି ମେସିନ୍ ବିଭିନ୍ନ ଆକାରରେ ଉପଲବ୍ଧ। ଟ୍ରାକ୍ଟରଚାଳିତ ଧାନ ଅମଳଯନ୍ତ୍ରଟି ସରକାରଙ୍କ ରିହାତି ବ୍ୟବସ୍ଥା ଅନ୍ତର୍ଗତ, ଜିଲ୍ଲା କୃଷି ବିଭାଗ ଅଧୀନରେ କୃଷିଯନ୍ତ୍ରୀଙ୍କଠାରୁ ସବ୍‌ସିଡି ମାଧ୍ୟମରେ ଚାଷୀମାନେ କିଣିପାରିବେ। ବଡ଼ଚାଷୀମାନେ ଏହି ଯନ୍ତ୍ରକୁ ନିର୍ମାତାମାନଙ୍କ ଠାରୁ ସିଧାସଳଖ କିଣିପାରିବେ। ଏହି ଯନ୍ତ୍ରରେ ଧାନ ବ୍ୟତୀତ ମୁଗ, ବିରି, ମାଣ୍ଡିଆ ଆଦିକୁ ଅମଳ କରାଯିବାକୁ ସୁବିଧା ଉପଲବ୍ଧ ହେଲାଣି।

## ସଫଳ ଚାଷୀ

# ମହିଳାଙ୍କ ମୁହଁରେ ହସ ଫୁଟାଇଛି ଫୁଲ

**କୃଷି କ୍ଷେତ୍ରରେ ପୁରୁଷଙ୍କ ମୁଖ୍ୟ ଅବଦାନ ରହିଥାଏ। କିନ୍ତୁ ଏବେ ମହିଳାମାନେ ଚାଷ କରି ସଫଳତା ହାସଲ କରୁଛନ୍ତି। ପରିବାରକୁ ସମୟ ଦେବା ପରେ ବଳକା ସମୟରେ ବିଭିନ୍ନ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଏଥିରୁ ନିଜର ହାତ ଖର୍ଚ୍ଚ ଉଠାଇପାରୁଛନ୍ତି। ଏହି କ୍ରମେ ବାଲେଶ୍ୱର ଜିଲ୍ଲା, ଖଇରା ବ୍ଲକ ପଳଶା ଗାଁ'ର ମହିଳାମାନଙ୍କ ମୁହଁରେ ହସ ଫୁଟାଇଛି ଗେଣ୍ଡୁ ଫୁଲ। ମିଶନ ଶକ୍ତି ସହାୟତାରେ ଗଠିତ ଜଗତଜନନୀ ମହାସଂଘର ୪୦ ଜଣ ମହିଳା ଚାଷୀ ଉଦ୍ୟାନ କୃଷି ବିଭାଗର ଫ୍ଲୋରି କଲଚର୍ ସହଯୋଗରେ ଗେଣ୍ଡୁଫୁଲ ଚାଷ କରୁଛନ୍ତି। ବର୍ଷକୁ ୨୦ କ୍ୱିଣ୍ଟାଲ ଗେଣ୍ଡୁଫୁଲ ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**





## ବର୍ଷକୁ ୨୦ କ୍ୱିଣ୍ଟାଲ ଗେଣ୍ଡୁ ଫୁଲ ଉତ୍ପାଦନ

ପଳଶା ଗାଁ'ର ଜଗତଜନନୀ ମହାସଂଘ (ଜିପିଏଲଏଫ)ର ୪୦ ଜଣ ମହିଳା ଏକତ୍ର ହୋଇ ୨୦୨୨ ମସିହାରୁ ଆରମ୍ଭ କରିଥିଲେ ଗେଣ୍ଡୁଫୁଲ ଚାଷ। ଏକ ହେକ୍ଟର ଜମିରେ ପ୍ରଥମ ବର୍ଷ ୨୦ ହଜାର ଗେଣ୍ଡୁ ଚାରା ଲଗାଇଥିଲେ। ସେହିଦିନଠାରୁ ପ୍ରତିବର୍ଷ ଉଦ୍ୟାନ କୃଷି ବିଭାଗର ସବ୍‌ସିଡି ସହଯୋଗରେ ମହିଳାମାନେ ଗେଣ୍ଡୁ ଫୁଲ ଚାଷ କରି ସଫଳ ହୋଇଆସୁଛନ୍ତି।

୨୦୨୨, ୨୦୨୩, ୨୦୨୪ମସିହାର ଫୁଲ ଚାଷ ସରିଥିବା ବେଳେ ୨୦୨୫ ବର୍ଷ ଫୁଲ ଚାଷ ପାଇଁ ମହିଳା ଚାରା ଲଗାଇ ସାରିଛନ୍ତି। ଜମିରେ ହଳଦିଆ ଓ କମଳା ରଙ୍ଗର ମୀରାକିଲ୍, ଥାଇଲାଣ୍ଡ ଭେଲି, ଟେନିସ୍ ବଲ୍ ଓ ଜଙ୍ଗଲୀ ପ୍ରଜାତି ଗେଣ୍ଡୁଫୁଲ ଚାରା ଲଗାଯାଇଛି। ତେବେ ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ମହିଳାମାନେ ଏହି ଗେଣ୍ଡୁ ଚାରା କିଣିଥାନ୍ତି। ଗୋଟିଏ ପଞ୍ଚାୟତର ୭ଟି ଗାଁର ମହିଳାମାନେ ମିଶି ଏହି ଫୁଲ ଚାଷ କରୁଥିବାବେଳେ ବର୍ଷକୁ ୨୦ କ୍ୱିଣ୍ଟାଲ ଫୁଲ ଚାଷରୁ ଉତ୍ପାଦନ ହେଉଥିବା ମହାସଂଘ ପକ୍ଷରୁ ସୂଚନା ମିଳିଛି।

**ଫୁଲର ଚାହିଦା ଅଧିକ:** ସପ୍ତାହକୁ ଥରେ ପ୍ରାୟ ଦେଢ କ୍ୱିଣ୍ଟାଲ ଗେଣ୍ଡୁ ଫୁଲ ତୋଳାଯାଇ ବେପାରୀଙ୍କୁ ବିକ୍ରି କରାଯାଏ। କିଲୋ ପ୍ରତି ୫୦ ଟଙ୍କାରେ ବିକ୍ରି କରାଯାଏ। ଏହାବ୍ୟତୀତ ଶୁଭକାମ ସହିତ ବାହାଘର, ଗାଁ'ର ବିଭିନ୍ନ ପୂଜା ତଥା ଅଷ୍ଟପ୍ରହରୀକୁ ମଧ୍ୟ ଫୁଲ ଯୋଗଇ ଦେଇଥାନ୍ତି। ମାର୍କୋଣା, ସୋର, ତୁଡିଗଡ଼ିଆ, ଆଗରପଡା ଆଦି ଅଞ୍ଚଳକୁ ମଧ୍ୟ ଫୁଲ ବିକ୍ରି କରିଥାନ୍ତି। ତେବେ ଗେଣ୍ଡୁଫୁଲ ଚାଷରେ ଭଲ ଲାଭ ହେଉଥିବାବେଳେ ଗତବର୍ଷ କୁହୁଡି ପାଇଁ ଅଧିକ ଫୁଲ ହୋଇନାହିଁ। "ପ୍ରଥମେ ମହାସଂଘ ସଦସ୍ୟମାନେ ଆଲୋଚନା କରି ଜଣଙ୍କ ଜମି ୫ ବର୍ଷ ପାଇଁ ଲିଜ୍ ଆଣିଥିଲୁ। ପ୍ରଥମ ବର୍ଷରେ ନିଜଖର୍ଚ୍ଚରେ ଜାଲି ବାଡ଼ ଲଗାଇ ଜମି ସଫା କରି ଚାଷ ଆରମ୍ଭ କରିଥିଲୁ। ସେବେଠୁ ୩ ବର୍ଷ ହେବ ଆମେ ଫୁଲ ଚାଷ କରିଆସୁଛୁ। ସମୟ ନିର୍ଦ୍ଧାରଣ ଅନୁସାରେ, ପ୍ରତିଦିନ ପ୍ରତି ଗାଁ'ରୁ ଦୁଇ ଜଣ ମହିଳା ଆସି ଗଛର ଯତ୍ନ ନେବାରେ ନିୟମ ହୋଇଛି। ପ୍ରତିଦିନ ଅପରାହ୍ନ ୨-୪ ଟା ପର୍ଯ୍ୟନ୍ତ ଚାଷ ପାଇଁ ସମସ୍ତେ ସମୟ ଦିଅନ୍ତି। କିନ୍ତୁ ଫୁଲ ତୋଳା ଦିନ ସମସ୍ତେ ଏକାଠି ହୋଇ ଫୁଲ ତୋଳିଥାଉ ବୋଲି ଅନିତା ରାଣୀ ମହାନ୍ତି କହିଛନ୍ତି।"

ରିପୋର୍ଟ:ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ବାଲେଶ୍ୱର

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ଡାଲୁଅ ତଳିଘେରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ। ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମାଲ ତଳି ଘେରା ଆବଶ୍ୟକ ହୋଇଥାଏ।
- ଏବେ ତାପମାତ୍ରା କମ୍ ରହୁଥିବାରୁ ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ ତଳିଘେରାରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ। ସେହିପରି ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ନିରାକରଣ ବ୍ୟବସ୍ଥା କରନ୍ତୁ।
- କୁହୁଡ଼ି, କମ୍ ତାପମାତ୍ରା ଓ ଆର୍ଦ୍ରତା ଚାପରୁ କ୍ଷତି ନ ହେବା ପାଇଁ ଫସଲ ଓ ପନିପରିବାରେ ହାଲୁକା ଜଳସିଞ୍ଚନ କରନ୍ତୁ।
- ବର୍ତ୍ତମାନ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲ୍ୟୁପି ୪୦୦ ଗ୍ରାମ୍, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଟମାଟୋ ଗଛରେ ଝାଉଁଳା ରୋଗ ଦେଖିଲେ, ୧ ଲିଟର ପାଣିରେ ୨ ଗ୍ରାମ୍ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁପିକୁ ମିଶାଇ ସିଞ୍ଚନ୍ତୁ।

# ବର୍ଡର-ଗାଭାସ୍କର ଟ୍ରଫିର ଡ୍ରିମ୍ ଏକାଦଶ

ସିଡନୀ,୬।୧(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ଦଳ ପକ୍ଷରୁ କିଛି ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏହି ପ୍ରଦର୍ଶନକୁ ଆଖିଆଗରେ ରଖି ସିରିଜ୍‌ର ଡ୍ରିମ୍ ଏକାଦଶ ଚୟନ କରାଯାଇଛି। ପ୍ୟାଟ କମିନ୍ସଙ୍କୁ ଏହି ଦଳର ନେତୃତ୍ୱ ଦିଆଯାଇଥିଲାବେଳେ ଭାରତରୁ ୫ଜଣ ଓ ଅଷ୍ଟ୍ରେଲିଆରୁ ୬ଜଣ ଖେଳାଳି ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆ ଏହି ସିରିଜ୍‌କୁ ୩-୧ରେ ବିଜୟୀ ହେବା ସହ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

ଡ୍ରିମ୍ ଏକାଦଶ- ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ (ଓପନର), ମାର୍ନସ ଲାବୁସେନ, ଷ୍ଟିଭେନ ସ୍ମିଥ ଓ ଟ୍ରାଭିସ ହେଡ (ମିଡଲଅର୍ଡର), ଋଷଭ ପନ୍ତ୍ (ୱିକେଟକିପର), ନୀତୀଶ କୁମାର ରେଡ୍ଡୀ (ଅଲରାଉଣ୍ଡର), ନାଥାନ ଲାୟନ (ସ୍ପିନର), ଯଶପ୍ରୀତ୍ ବୁମ୍‌ରା, ପ୍ୟାଟ କମିନ୍ସ ଓ ସ୍କଟ ବୋଲାଣ୍ଡ (ଫାଷ୍ଟ ବୋଲର)।

# ଗୌତମ ଗମ୍ଭୀର ଭାରତ ଲାଗି ଅଶୁଭ



ନୂଆଦିଲ୍ଲୀ, ୬।୧(ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତର ସିରିଜ୍ ପରାଜୟ ପରେ ଭାରତୀୟ ଦଳର ହେଡ୍ କୋଚ୍, କ୍ୟାପ୍ଟେନ ଓ ଖେଳାଳିଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ଖେଳାଳିଙ୍କ ଫର୍ମ, ଦଳର ବ୍ୟାଟିଂ ଫେଲ ଏହି ସିରିଜ୍‌ରେ ପରାଜୟ ହେବାର ମୁଖ୍ୟ କାରଣ କୁହାଯାଉଛି। କିନ୍ତୁ ଗୌତମ ଗମ୍ଭୀର ହେଡ୍ କୋଚ୍ ହେବା ପରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ହୋଇଛି। ଏହାର କାରଣ ଓ ନିରାକରଣ ଜଣା ନ ଥିଲେ ମଧ୍ୟ ସେ ଦାୟିତ୍ୱ ନେବା ଭାରତ ଲାଗି ଅଶୁଭ ସାବ୍ୟସ୍ତ ହୋଇଆସିଛି।

ଗମ୍ଭୀର ହେଡ୍ କୋଚ୍ ଦାୟିତ୍ୱ ନେବା ପରେ ଭାରତର ଦୀର୍ଘ ୨୭ ବର୍ଷ ପରେ ଶ୍ରୀଲଙ୍କା ନିକଟରୁ ଦିନିକିଆ ସିରିଜ୍‌ରେ ପରାଜିତ ହୋଇଛି। ଦୀର୍ଘ ୩୬ ବର୍ଷ ପରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ଟେଷ୍ଟ ମ୍ୟାଚ୍‌ରେ ପରାଜିତ ହୋଇଛି। ସେହିପରି ଘରୋଇ ଟେଷ୍ଟ ସିରିଜ୍‌ରେ ଭାରତ ପ୍ରଥମଥର ସବୁ ଟେଷ୍ଟରେ ହାରିବା ଲଜ୍ଜାଜନକ ହ୍ୱାଇଟ୍ ୱାଶ୍ ହୋଇଛି। ୧୦ ବର୍ଷ ପରେ କ୍ରମାଗତ ସିରିଜ୍ ଓ ବର୍ଡର ଗାଭାସ୍କର ଟ୍ରଫିରେ ପରାଜିତ ହୋଇଛି। ଭାରତ ମଧ୍ୟ ପ୍ରଥମଥର ଲାଗି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପ୍ରବେଶ କରିବାରେ ଅସମର୍ଥ ହୋଇଛି।

■ ପୁଣି ହାରିଲା ପାକିସ୍ତାନ

# ଦ. ଆଫ୍ରିକାର ସିରିଜ୍ ସୁଇପ୍

କେପ୍‌ଟାଉନ୍,୬।୧(ଏଜେନ୍ସି): ପାକିସ୍ତାନକୁ ୧୦ ୱିକେଟରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଏଠାରେ ସୋମବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇଛି। ପ୍ରଥମ ଟେଷ୍ଟ ଜିତିଥିବା ଦକ୍ଷିଣ ଆଫ୍ରିକା ଏଠାରେ ଟେଷ୍ଟ ସିରିଜ୍ ସୁଇପ୍ କରିଛି। ଦ୍ୱିତୀୟ ଟେଷ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ର୍‍ୟାନ୍ ରିକେଲଟନ୍‌ଙ୍କ ୨୫୯ ରନ୍ ବଳରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬୧୫ ରନ୍ କରିଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୧୯୪ ରନ୍ କରି ଫଲୋଅନ୍ ହୋଇଥିଲା। ଫଲୋଅନ୍ ପରେ ପାକିସ୍ତାନ ଦ୍ୱିତୀୟ ଇନିଂସରେ ୪୭୮ ରନ୍ କରିବା ଫଳରେ ଦକ୍ଷିଣ ଆଫ୍ରିକା ଆଗରେ ୫୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା।

ହକି ଇଣ୍ଡିଆ ଲିଗ୍-୬: ଜନ୍ମଦିନରେ ହର୍‌ମନପ୍ରୀତ୍‌ଙ୍କ ଡବଲ୍ ଗୋଲ୍

# ସୁଟ୍‌ଆଉଟ୍‌ରେ ସୁରମା ବିଜୟୀ



ରାଉରକେଲା/ଭୁବନେଶ୍ୱର, ୬।୧ (ସମିସ): ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୬ଷ୍ଠ ସଂସ୍କରଣରେ ସୋମବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ସୁରମା ହକି କ୍ଲବ ସୁଟ୍‌ଆଉଟ୍‌ରେ ୩-୧ (୨-୨) ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ସୋମବାର ୩୦ ବର୍ଷରେ ପାଦ ଥାପିଥିବା ସୁରମା ଅଧିନାୟକ ହର୍‌ମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୁରମା ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଦିଲ୍ଲୀ ୩ ମ୍ୟାଚରୁ ୨ ପରାଜୟ ଓ ଗୋଟିଏ ଡ୍ର ସହ ୩ ପଏଣ୍ଟ ପାଇ ୬ଷ୍ଠ ସ୍ଥାନ ହାସଲ କରିଛି।

ଆଇକନିକ ବିର୍ସା ମୁଣ୍ଡା ଇଣ୍ଟରନ୍ୟାସନାଲ ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଏହି ୩୦ ମିନିଟ୍‌ରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରର ଶେଷ ୨ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇ ଦିଲ୍ଲୀ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ପଞ୍ଜାବଭିତ୍ତିକ ଦଳ ସୁରମା କ୍ଲବ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ବିଶେଷ କରି ଦଳକୁ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିବାବେଳେ ଅଧିନାୟକ ହରମନପ୍ରୀତ୍ ସିଂହ କୌଣସି ତ୍ରୁଟି ନ କରି ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ଫଳରେ ମ୍ୟାଚ୍ ୨-୨ରେ ଡ୍ର ରହିଥିଲା। ଏହାପରେ ସୁଟ୍‌ଆଉଟ୍ ସହାୟତା ନିଆଯାଇଥିଲା। ଏଥିରେ ସୁରମା କ୍ଲବ ୩-୧ରେ ବିଜୟୀ ହୋଇଥିଲା।

# ଆଫଗାନିସ୍ତାନର ସିରିଜ ବିଜୟ

ବୁଲାୱାୟୋ, ୬।୧ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚରେ ଆଫଗାନିସ୍ତାନ ୭୨ ରନରେ ବିଜୟୀ ହୋଇଛି। ୨୭୮ ରନର ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ସୋମବାର ଅନ୍ତିମ ତଥା ୫ମ ଦିବସରେ ୨୦୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏଥିସହ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୧-୦ରେ ଜିତିନେଇଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଅମୀମାଂସିତ ରହିଥିଲା।

ଭାରତ-ଆୟର୍ଲାଣ୍ଡ ମହିଳା ଏକଦିବସୀୟ ସିରିଜ

# ହର୍‌ମନପ୍ରୀତ୍‌ଙ୍କୁ ବିଶ୍ରାମ; ମନ୍ଧାନା ନେବେ ନେତୃତ୍ୱ



ନୂଆଦିଲ୍ଲୀ, ୬।୧ (ଏଜେନ୍ସି): ଭ୍ରମଣକାରୀ ଆୟର୍ଲାଣ୍ଡ ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜ ଚଳିତ ସପ୍ତାହରେ ଆରମ୍ଭ ହେବ। ଏଥିଲାଗି ସୋମବାର ଘରୋଇ ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟିକା ହର୍‌ମନପ୍ରୀତ୍ କୌର ଓ ଅଭିଜ୍ଞ ଦ୍ରୁତ ବୋଲର ରେଣୁକା ସିଂହଙ୍କ ଏହି ସିରିଜ ଲାଗି ବିଶ୍ରାମ ଦିଆଯାଇଛି। ସ୍ମୃତି ମନ୍ଧାନାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଉପ-ଅଧିନାୟିକା ଦାୟିତ୍ୱ ତୁଲାଇବେ। ବିସ୍ଫୋରକ ଓପନର୍ ଶେଫାଳି ବର୍ମା ପୁଣିଥରେ ଦଳରୁ ବାଦ୍ ପଡ଼ିଥିଛନ୍ତି। ସିରିଜର ୩ଟି ଯାକ ମ୍ୟାଚ୍ ଯଥାକ୍ରମେ ଜାନୁଆରୀ ୧୦, ୧୨ ଓ ୧୫ରେ ଖେଳାଯିବ। ସମସ୍ତ ମ୍ୟାଚ୍ ରାଜକୋଟରେ ଆୟୋଜିତ ହେବ।

ଭାରତୀୟ ମହିଳା କ୍ରିକେଟ୍ ଦଳ: ସ୍ମୃତି ମନ୍ଧାନା (ଅଧିନାୟିକା), ଦୀପ୍ତି ଶର୍ମା (ଉପ-ଅଧିନାୟିକା), ପ୍ରତିକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସେଜ, ଉମା ଛେତ୍ରୀ, ରିଚା ଘୋଷ (ଉଭୟ ୱିକେଟ୍‌ରକ୍ଷକ), ତେଜଲ ହାସବିନ୍ସ, ରାଘବୀ ବିସ୍ତ, ମିନୁ ମାନି, ପ୍ରିୟା ମିଶ୍ରା, ତନୁଜା କନୱର, ତିତାସସାନ୍ଧୁ, ସଇମାଥାକର ଓ ସାୟଲି ସତଘରେ।

ଜାତୀୟ ସିନିଅର ବାସ୍କେଟବଲ୍

# ପୁଡୁଚେରୀକୁ ହରାଇଲା ଓଡ଼ିଶା

କଟକ,୬।୧(ସମିସ): ଗୁଜରାଟରେ ଚାଲିଥିବା ୭୪ତମ ଜାତୀୟ ସିନିଅର ବାସ୍କେଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ଶାହିଦ ଖାନଙ୍କ ନେତୃତ୍ୱାଧୀନ ଓଡ଼ିଶା ପୁରୁଷ ଦଳ ସୋମବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ୭୩-୫୯ ପଏଣ୍ଟରେ ପୁଡୁଚେରୀକୁ ହରାଇଛି। ପୂର୍ବରୁ ରବିବାର ଓଡ଼ିଶା ୬୬-୪୨ ପଏଣ୍ଟରେ ବିହାରକୁ ପରାସ୍ତ କରିଥିଲା। ମହିଳା ବିଭାଗରେ ଓଡ଼ିଶା ପରାଜିତ ହୋଇଛି।

ରାଜ୍ୟ ବେସ୍‌ବଲ ସଂଘ ନିର୍ବାଚନ

# ପ୍ରବୋଧ ସଭାପତି, ଶିବାନନ୍ଦ ସମ୍ପାଦକ



ଭୁବନେଶ୍ୱର, ୬।୧(ସମିସ): ଉତ୍କଳ ଚାମ୍ବର ଅଫ୍ କମର୍ସର ସଭାପତି ପ୍ରବୋଧ ମହାନ୍ତି ଏବେ ଓଡ଼ିଶା ବେସ୍‌ବଲ ସଂଘର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସର୍ବଭାରତୀୟ ବେସ୍‌ବଲ ସଂଘ ସମ୍ପାଦକ ହରିଶ କୁମାର ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ। ଶିବାନନ୍ଦ ପ୍ରଧାନ ପୂର୍ବପରି ସାଧାରଣ ସମ୍ପାଦକ ଓ ନିରଞ୍ଜନ ପଟ୍ଟନାୟକ ଚେୟାରମ୍ୟାନ୍ ଭାବେ ପଦ ବଜାୟ ରଖିଛନ୍ତି। ଏହି ନିର୍ବାଚନରେ ଓଡ଼ିଶା ଅଲିମ୍ପିକ୍ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ପକ୍ଷରୁ କଟକ ଜିଲ୍ଲା କ୍ରୀଡ଼ାଅଧିକାରୀ ପ୍ରତିନିଧିଭାବେ ଉପସ୍ଥିତ ଥିଲେ। ନବନିର୍ବାଚିତ ସଭାପତି ଓ ସମ୍ପାଦକ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ମନୋନୀତ କରିବେ ବୋଲି କ୍ଷମତାପ୍ରାପ୍ତ ହୋଇଛନ୍ତି।

# ଓଡ଼ିଶା ମହିଳା ଫୁଟବଲ୍ ଲିଗ୍ ୮ରୁ

କଟକ,୬।୧(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୮ ତାରିଖରୁ ଓଡ଼ିଶା ମହିଳା ଲିଗ୍ (ଓଡବ୍ଲ୍ୟୁଏଲ) ଆରମ୍ଭ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ଟି ମ୍ୟାଚ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଜାତୀୟ କ୍ରୀଡ଼ା ସମାପନ ପରେ ଅବଶିଷ୍ଟ ମ୍ୟାଚ୍ ଫେବୃୟାରୀ ୧୯ରୁ ଖେଳାଯିବ ବୋଲି ଫାଓ ପକ୍ଷରୁ କୁହାଯାଇଛି। ଡବଲ ଲେଗ୍ ଲିଗ୍ ଫର୍ମାଟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସ, ସ୍ପୋର୍ଟସ ଓଡ଼ିଶା, ନୀତା ଫୁଟବଲ ଏକାଡେମୀ, ଓଜିପି କ୍ଲବ, କିଟ୍-କିସ୍, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ତାରିଣୀ ଫୁଟବଲ ଏକାଡେମୀ, ଟାଟା ଷ୍ଟିଲ ଫାଉଣ୍ଡେସନ, ବକ୍ସି ଜଗବନ୍ଧୁ କ୍ଲବ, ୟଙ୍ଗ ଆସୋସିଏସନ ଏବଂ ମନୋରମା କ୍ଲବ ଭାଗ ନେବେ। ଉଦ୍‌ଘାଟନୀ ଦିବସରେ ସ୍ପୋର୍ଟସ ଓଡ଼ିଶା-ନୀତା ଫୁଟବଲ ଏକାଡେମୀ, ଟାଟା ଷ୍ଟିଲ-ଓଡ଼ିଶା ପୁଲିସ ମଧ୍ୟରେ ମ୍ୟାଚ୍ ରହିଛି। ଏଥର କେନ୍ଦୁଝର, ସୁନ୍ଦରଗଡ଼, ବରଗଡ଼ ଓ ଦେବଗଡ଼ରୁ ଦଳ ଭାଗ ନେଉଛନ୍ତି।

# ଆନ୍ତଃସ୍କୁଲ କ୍ରିକେଟ୍: କେଟି ଗ୍ଲୋବାଲ ବିଜୟୀ



ଭୁବନେଶ୍ୱର, ୬।୧ (ସମିସ): ଭେଟେରାନ କ୍ରିକେଟ୍ ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ୍‌ରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ କେଟି ଗ୍ଲୋବାଲ ସ୍କୁଲ ବିଜୟୀ ହୋଇଛି। ସ୍ଥାନୀୟ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି କେଟି ଗ୍ଲୋବାଲ ଦଳ ୨୪.୩ ଓଭରରେ ୧୩୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଏସ୍‌ଏସ୍‌ଭିଏମ୍ (ନିଳାଦ୍ରୀ ବିହାର) ଦଳ ୨୨.୩ ଓଭରରେ ୭୯ ରନରେ ସୀମିତ ରହିଥିଲା। ବିଜୟୀ କେଟି ଗ୍ଲୋବାଲ ସ୍କୁଲର ପାର୍ଥସାରଥୀ ଲେଙ୍କା ୪୭ ରନ ସହ ୨ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଦୃଷ୍ଟିବାଧିତ ଫୁଟବଲ୍: ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୬।୧ (ସମିସ): ଆନ୍ଧ୍ର ପ୍ରଦେଶର ନେତ୍ରା ବିଦ୍ୟାଳୟ ପକ୍ଷରୁ ଦୃଷ୍ଟିବାଧିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ ଦଳ ରନର୍ସଅପ୍ ରହିଛି। ଫାଇନାଲରେ ଘରୋଇ ଆନ୍ଧ୍ର ପ୍ରଦେଶ ସୁଟ୍‌ଆଉଟ୍‌ରେ ୧-୦ ଗୋଲରେ ଓଡ଼ିଶାକୁ ହରାଇ ଚାମ୍ପିଅନ ହୋଇଛି। ଓଡ଼ିଶାର ଭାଦ ମୁର୍ମୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତ୍ରିଲୋଚନ ବେହେରା କୋଚ୍ ଓ ପ୍ରିୟବ୍ରତ ପଣ୍ଡା ଗୋଲ୍ ଗାଇଡ୍ ଭାବେ ଦଳ ସହ ଯାତ୍ରା କରିଛନ୍ତି।

■ ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି

# ଓଡ଼ିଶା ୨୨୯ ରନ୍‌ରେ ବିଜୟୀ


ବିଜୟଲକ୍ଷ୍ମୀ ବେହେରା


ଏସ୍‌ବି ଲରେନ୍ସ

କଟକ,୬।୧(ସମିସ): ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୨୨୯ରନରେ ମେଘାଳୟକୁ ପରାସ୍ତ କରିଛି। ବେଙ୍ଗାଲୁରୁର ଅଲୁର କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪୪ରନରେ ପ୍ରଥମ ୪ଟି ୱିକେଟ ହରାଇଥିଲା। ମାତ୍ର ବିଜୟଲକ୍ଷ୍ମୀ ବେହେରା ଅପରାଜିତ ୧୩୦ରନ ଏବଂ ଅନନ୍ୟା ମିଶ୍ର ଅପରାଜିତ ୬୮ରନର ପାଳି ଖେଳିବା ଯୋଗୁଁ ଦଳ ଆଉ କୌଣସି ୱିକେଟ ନହରାଇ ୨୫୦ରନ ସଂଗ୍ରହ କରିଥିଲା। ତେବେ ମେଘାଳୟ ମାତ୍ର ୨୧ରନରେ ଅଲଆଉଟ ହେବା ସହ ଶୋଚନୀୟ ପରାଜୟ ବରଣ କରିଛି। ୬ ଖେଳାଳି ଶୂନରେ ଆଉଟ ହୋଇଥିଲେ। ଓଡ଼ିଶାର ଏସ୍‌ବି ଲରେନ୍ସ ଏବଂ ପ୍ରିୟଦର୍ଶିନୀ ପରମାଣିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ୮ ତାରିଖରେ ଉତ୍ତରାଖଣ୍ଡ ବିପକ୍ଷରେ ଓଡ଼ିଶା ୩ୟ ଲିଗ୍ ମ୍ୟାଚ ଖେଳିବ।

# ରାହୁଲଙ୍କ ସହ ଚୁକ୍ତି କଲା ଓଡ଼ିଶା ଏଫ୍‌ସି



ଭୁବନେଶ୍ୱର, ୬।୧ (ସମିସ): ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସହ ଯୁବ ଫରୱାର୍ଡ ରାହୁଲ କେପି ଚୁକ୍ତି କରିଛନ୍ତି। ୨୦୨୬-୨୭ ସିଜନ ଶେଷ ପର୍ଯ୍ୟନ୍ତ ରାହୁଲ ଓଡ଼ିଶା ଏଫ୍‌ସି ପାଇଁ ଖେଳିବେ। ୨୪ ବର୍ଷୀୟ ରାହୁଲ ଆଇଏସ୍‌ଏଲ୍ ଦଳ କେରଳା ବ୍ଲାଷ୍ଟର୍ସ ପକ୍ଷରୁ ୨୦୧୯ ସିଜନରୁ ଖେଳି ଆସୁଥିଲେ। ସେ କେରଳା ପାଇଁ ୮୧ ମ୍ୟାଚ ଖେଳି ୯ଟି ଗୋଲ୍ ଦେଇଛନ୍ତି। ଚଳିତ ଆଇଏସ୍‌ଏଲ୍-୧୧ରେ ମଧ୍ୟ ସେ ୧୧ଟି ମ୍ୟାଚ୍ ବ୍ଲାଷ୍ଟର୍ସ ପକ୍ଷରୁ ଖେଳିସାରିଥିଲେ। ତେବେ ସିଜନ ଅଧାରୁ କେରଳାରୁ ରାହୁଲଙ୍କୁ ସ୍ଥାୟୀ ଟ୍ରାନ୍ସଫର୍ ଭାବେ ଆଣି ଓଡ଼ିଶା ଏଫ୍‌ସି ଦଳରେ ସାମିଲ କରିଛି।

■ ୨୩ ବର୍ଷରୁ କମ୍ ମହିଳା ଟି-୨୦

# ବିହାରକୁ ୮ ୱିକେଟରେ ହରାଇଲା ଓଡ଼ିଶା


ସୋନାଲୀ ହେମ୍ବ୍ରମ

କଟକ,୬।୧(ସମିସ): ୨୩ବର୍ଷରୁ କମ୍ ମହିଳା ଜାତୀୟ ଟି-୨୦ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ସୋମବାର ଗୋଆର ମାର୍ଗାଓ କ୍ରିକେଟ କ୍ଲବରେ ଅନୁଷ୍ଠିତ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଦଳ ୮ ୱିକେଟରେ ବିହାରକୁ ହରାଇଛି। ଓଡ଼ିଶା ଅଧିନାୟିକା ଅଲିସ୍ତା ବିଶ୍ୱାଳ ଟସ୍ ଜିତି ବିହାରକୁ ବ୍ୟାଟିଂ ନିମନ୍ତ୍ରଣ ଦେଇଥିଲେ। ବିହାର ୭ ୱିକେଟ ହରାଇ ୮୦ରନ କରିଥିଲା। ଓପନର ପ୍ରୀତି ସର୍ବାଧିକ ୨୭ରନ କରିଥିଲେ। ଓଡ଼ିଶାର ସୋନାଲୀ ହେମ୍ବ୍ରମ ୩ଟି, ଜ୍ୟୋତି କେ ପ୍ରସାଦ ୨ଟି, ତନ୍ମୟୀ ବେହେରା ଗୋଟିଏ ୱିକେଟ ହାସଲ କରିଥିଲେ। ୧୩.୧ ଓଭରରେ ଦୁଇ ୱିକେଟ ବିନିମୟରେ ଓଡ଼ିଶା ବିଜୟୀ ହୋଇଥିଲା। ଅଧିନାୟିକା ଅଲିସ୍ତା ସର୍ବାଧିକ ୩୩ରନ, ତନ୍ମୟୀ ବେହେରା ୨୯ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୮ ତାରିଖରେ ହାଇଦ୍ରାବାଦ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ୍

# କିଟ୍‌ର ବିଜୟ ଅଭିଯାନ

ଭୁବନେଶ୍ୱର, ୬।୧ (ସମିସ): କେରଳରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ୍ (ପୁରୁଷ) ଚାମ୍ପିଅନସିପ୍‌ରେ କିଟ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଏହାର ପ୍ରଥମ ମ୍ୟାଚରେ ୩-୧ ସେଟ୍‌ରେ ଶ୍ରୀ କୁଶଳ ଦାସ ବିଶ୍ୱବିଦ୍ୟାଳୟ (ରାଜସ୍ଥାନ)କୁ ହରାଇଦେଇଛି। କୋଟ୍ଟୟାମସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜିତ ହେଉଛି। ବିଜୟରୁ ଅଭିଯାନ ଆରମ୍ଭ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଏସ୍‌ଆର୍‌ଏମ୍ ଆଇଏସ୍‌ଟି (ଚେନ୍ନଇ)କୁ ଭେଟିବ। ଓଡ଼ିଶାରୁ ୨ୟ ଦଳ ଭାବେ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS